R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୪
ତିଥି : ପ୍ରତିପଦ
୨୭ ଅକ୍ଟୋବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
27 October 2026, Tuesday

ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ


30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଶକ୍ତିଶାଳୀ ହେଉଛି ବାତ୍ୟା ଅର୍ଣ୍ଣବ

ଆଜି ଭୀଷଣ ବାତ୍ୟା, କାଲି ଲ୍ୟାଣ୍ଡଫଲ

ଭୁବନେଶ୍ୱର, ୨୬ ।୧୦ (ସବ୍ୟୁ): ସମୁଦ୍ରରେ ଶକ୍ତିଶାଳୀ ହେଉଛି ବାତ୍ୟା ଅର୍ଣ୍ଣବା ଆସନ୍ତାକାଲି (ମଙ୍ଗଳବାର) ଭୀଷଣ ବାତ୍ୟାରୂପ ନେବ ଓ ୨୮ ତାରିଖରେ ଅତି ତୀବ୍ର ରୂପ ନେଇୟାନାମରୁ ବାପଟଲା ଉପକୂଳ ମଧ୍ୟରେ ୧୪୦ କିମି ବେଗରେ ଲାଣ୍ଡଫଲ କରିବ। ଓଡ଼ିଶାରେ ସିଧାସଳଖ ପ୍ରଭାବ ପଡ଼ୁନଥିଲେ ମଧ ମଙ୍ଗଳବାରଠାରୁ ବର୍ଷା ଆରମ୍ଭ ହେବ। ୨୮ ତାରିଖ ଲାଗି ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଆନ୍ଧ୍ରମୁହାଁ ବାତ୍ୟା ହୋଇଥିବାରୁ ସେଠାରେ ବ୍ୟାପକ ସତର୍କତା ନିଆଯାଇଛି। କାକିନାଡା ଉପକୂଳରେ ୮୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ୧୩୦ ଜନବସତିରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ତେବେ ୟାନମ୍ ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ଥିବାରୁ ସେଠାରେ



ବ୍ୟାପକ ସତର୍କତା ଗ୍ରହଣ କରାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଅଧିକାରୀମାନଙ୍କୁ ୨୪ ଘଣ୍ଟିଆ ସଜାଗ ରହିବା ସହ ବାତ୍ୟା ମୁକାବିଲାର ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଯେଉଁଳି ଜୀବନ ହାନି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ତାମିଲନାଡୁରେ ମଧ ବର୍ଷା ନେଇ ସତର୍କତା ଜାରି କରାଯାଇଛି।

ବଙ୍ଗୋପସାଗରରେ ବାତ୍ୟା ଅର୍ଣ୍ଣବ ସୃଷ୍ଟି ହୋଇସାରିଛି। ରାତି ୯ଟା ସୁଦ୍ଧା ଏହା ଘଣ୍ଟା ପ୍ରତି ୧୭ କିମି ବେଗରେ ଗତି କରୁଛି। ଗୋପାଳପୁର ଠାରୁ ୫୫୦ କିମି ଦୂରରେ ଥିବା ବେଳେ ବିଶାଖାପଟନମ୍ ଠାରୁ ୫୮୦ କିମି, ବିଜୟପୁରମ ଠାରୁ ୬୫୦ କିମି, କାକିନାଡା ଠାରୁ ୬୭୦ କିମି, ମଛଲିପଟନମଠାରୁ ୭୬୦ କିମି ଏବଂ ବାପଟଲାଠାରୁ ୮୩୦ କିମି ଦୂରରେ ରହିଛି। ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆହୁରି ବଳ ଗୋଟାଇ ଭୂଷଣ ବାତ୍ୟା ରୂପ ନେବା ଆସନ୍ତାକାଲି ସେହି ସ୍ଥାନରେ ଏହା ଅତି ଭୀଷଣ ବାତ୍ୟା ରୂପ ନେଇ ଆଗକୁ ମାଡି ଆସିବ। ଆନ୍ଧ୍ରପ୍ରଦେଶରୟାନାମ ଉପକୂଳରୁ ବାପଟଲା ଏବଂ ବିଶାଖାପଟନମ ମଧ୍ୟରେ ପ୍ରବେଶ କରିବ। ବିଶେଷକରିୟାନାମ ଉପକୂଳ ନିକଟରେ ୨୮ ତାରିଖ ସକାଳୁ ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ଆରମ୍ଭ ହେବ। ଦିନ ୧୨ଟା ପର୍ଯ୍ୟନ୍ତ ଏହି ଲ୍ୟାଣ୍ଡ ଫଲ ପ୍ରକ୍ରିୟା ଜାରି ରହିବ। ଭୀଷଣ ବାତ୍ୟା ରୂପ ନେଇୟାନାମ ନିକଟରେ ଘଣ୍ଟା ପ୍ରତି ୧୧୫ରୁ ୧୨୫ କିମି ଓ ଝଟକା ୧୪୦ କିମି ବେଗରେ ପ୍ରବେଶ କରିବ। ଏହି ସମୟରେ ଦକ୍ଷିଣ ଆନ୍ଧ୍ର ଉପକୂଳରେ ୪ ଘଣ୍ଟା ଧରି ପ୍ରବଳ ତାଣ୍ଡବ ରଚିବ।

ବାତ୍ୟା ଅର୍ଣ୍ଣବ ଓଡ଼ିଶାରେ ସିଧାସଳଖ ପ୍ରଭାବ ପକାଉ ନଥିଲେ ମଧ ବର୍ଷା ଜାରି ରହିବ। ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ। ୨୭ ତାରିଖ ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ପ୍ରବଳରୁ (୯ ପୃଷ୍ଠାରେ)

- ୟାନାମ ନିକଟରେ ୧୪୦ ବେଗରେ ମାଡ଼ ହେବ
- ଓଡ଼ିଶାରେ ବର୍ଷା ଆରମ୍ଭ, ଦକ୍ଷିଣ ଓଡ଼ିଶାକୁ ଅଧିକ ବିପଦ
- ଘଣ୍ଟାକୁ ୧୭ କିମି ବେଗରେ ଆଗକୁ ବଢ଼ୁଛି
- କାକିନାଡ଼ାରେ ୮୯ ହଜାର ଲୋକ ସ୍ଥାନାନ୍ତର
- ୨୮ରେ ୫ ଜିଲ୍ଲାକୁ ଭୀଷଣ ବର୍ଷା ଲାଗି ରେଡ ୱାର୍ଣ୍ଣିଂ

ଏସ୍ଆରସିଙ୍କ ମାର୍ଗଦର୍ଶିକା

ଭ୍ରମାତ୍ମକ ସୂଚନା ପ୍ରଦାନ କରନି

ଭୁବନେଶ୍ୱର, ୨୬ ।୧୦ (ସବ୍ୟୁ) : ବାତ୍ୟା ଅର୍ଣ୍ଣବକୁ ନେଇ ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମ ଓ ଗଣମାଧ୍ୟମରେ ଯେଉଁ ଆଗୁଆ ସୂଚନା ଦିଆଯାଉଛି ଅନେକ କ୍ଷେତ୍ରରେ ତାହା ଭ୍ରମାତ୍ମକ ବୋଲି ସୂଚନା ମିଳୁଛି। ଏଭଳି ମିଛ ଓ ବିଭ୍ରାନ୍ତିକର ବାତ୍ୟାର ଆଗୁଆ ସୂଚନା ପ୍ରକାଶ ନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ସତର୍କ କରାଇ ଦିଆଯିବା ସହ ମାର୍ଗଦର୍ଶିକା ଜାରି କରାଯାଇଛି। ଅପରପକ୍ଷରେ ବାତ୍ୟା ମୁକାବିଲା ନେଇ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଜୋରଦାର କରାଯାଇଛି।

ଏସ୍ଆରସିଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏହା ଜଣାପଡ଼ୁଛି ଯେ କେତେକ ବ୍ୟକ୍ତିବିଶେଷ ଓ ଆତ୍ମଘୋଷିତ ପାଣିପାଗ ବିଜ୍ଞାନୀମାନେ ବାତ୍ୟାର ଟ୍ରାକ୍, ଲ୍ୟାଣ୍ଡଫଲ୍ ସ୍ଥାନ, ସମୟ ଓ ଏହାର ପ୍ରଭାବ ନେଇ କୌଣସି ବୈଜ୍ଞାନିକ ବୈଧତା ନଥାଇ ଆକଳନ କରୁଛନ୍ତି। ତେବେ କେବଳ ଭାରତୀୟ ପାଣିପାଗ ବିଭାଗର ସୂଚନା ଉପରେ ଭରଷା କରାଯିବା ଉଚିତ୍। ଏଭଳି ସମ୍ବେଦନଶୀଳ ଆଗୁଆ ସୂଚନା ଲୋକମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇବା ସହ ସାଧାରଣ ଅର୍ଥନୈତିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିବ। ଏଭଳି ସୂଚନା ପାଇ ଚାଷୀମାନେ ମଧ ଅମଳ ଯୋଗ୍ୟ ହୋଇନଥିବା

ଆଇଏମ୍‌ଡି ଆକଳନ ନିର୍ଭରଯୋଗ୍ୟ

କଳାବଜାରୀ କଲେ ହେବ କାର୍ଯ୍ୟାନୁଷ୍ଠାନ

ତାଙ୍କ ଫସଲକୁ କାଟିବାକୁ ଉଦ୍ୟମ କରୁଛନ୍ତି। ଯାହା ସେମାନଙ୍କ ପାଇଁ କ୍ଷତି ହେବ ଓ ଆର୍ଥିକ କଷ୍ଟ ଉପଲବ୍ଧ କରାଇବ। ଏଭଳି ବିଭ୍ରାନ୍ତିକର ସୂଚନା ମଧ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିରେ ବାଧା ସୃଷ୍ଟି କରିବ। ଆଇଏମ୍‌ଡି ହେଉଛି ପ୍ରକୃତ ସୂଚନା ପ୍ରଦାନକାରୀ। ଏସ୍ଆରସି ଆଇଏମ୍‌ଡି ସହ ସହ ନିୟମିତ ଯୋଗାଯୋଗରେ ରହି ବାତ୍ୟା ସୂଚନା ପ୍ରଦାନ କରିବ। (୯ ପୃଷ୍ଠାରେ)

ପୋଲିସ ହେପାଜତରେ ଥିବା ଯୁବକଙ୍କ ମୃତ୍ୟୁ : ଥାନା ଘେରାଉ

ମାଲକାନଗିରି, ୨୬ ।୧୦ (ସବ୍ୟୁ): ପୋଲିସ ହେପାଜତରେ ଥିବା ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଲୋକମାନେ ମାଲକାନଗିରି ଥାନା ଘେରାଉ କରିଥିବାଜଣାଯାଇଛି । ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣା ପୁଲିସ ଏମ୍ଭି-୬୫ ଗ୍ରାମର ଯୁବକ ତନୁପ ଦେ(୨୪)ଙ୍କୁ ଘରୁ ଉଠାଇ ଆଣିଥିଲା । ତେବେ କିଛି ସମୟ ପରେ ସ୍ଥାନୀୟ ଏକ ହୋଟେଲରୁ ତନୁପଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଏହାକୁ ନେଇ ତନୁପଙ୍କ ପରିବାର ଓ ନିକଟ ସମ୍ପର୍କୀୟ ହରିୟାଣା ପୁଲିସ ମାଡ଼ ମାରି ତନୁପଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।



ମାଲକାନଗିରି ଜିଲ୍ଲାର ଏମ୍ଭି-୬୫ ଗ୍ରାମର ଯୁବକ ତନୁପଙ୍କୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣାର ହଂସି ଥାନା ପୁଲିସ ଏମଭି-୧୪ ଗ୍ରାମରୁ ଉଠାଇ ଆଣିଥିବା ଅଭିଯୋଗ ହୋଇଛି । ପରେ ତାଙ୍କୁ ମାଲକାନଗିରି ସହରର ଏକ ହୋଟେଲରେ ରଖାଯାଇଥିଲା । ତେବେ ଆଜି (ସୋମବାର) ପୂର୍ବାହ୍ଣରେ ସେହି ହୋଟେଲରୁ ତନୁପଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ଏହି ଘଟଣାପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ପରେ ହରିୟାଣା ପୁଲିସକୁ ଆଣି ମାଲକାନଗିରି ଥାନାରେ ରଖାଯାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଥାନା ଠାରେ ପହଞ୍ଚିଥିଲେ। ମାଲକାନଗିରି ପୁଲିସ ଥାନାରେ ରଖି ହରିୟାଣା ପୁଲିସକୁ (୯ ପୃଷ୍ଠାରେ)

ସୁପ୍ରିମକୋର୍ଟରେ ଇସିଆଇଙ୍କ ସତ୍ୟପାଠ

ସମସ୍ତ ନିଷ୍ପତ୍ତି ସର୍ବସମ୍ମତରେ ହୋଇଛି

ନୂଆଦିଲ୍ଲୀ, ୨୬ ।୧୦ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକପାଖିଆ ନିଷ୍ପତ୍ତି ନେଉଥିବା ଅଭିଯୋଗକୁ ଖଣ୍ଡନ କରିଛି ଭାରତୀୟ ନିର୍ବାଚନ କମିଶନ (ଇସିଆଇ)। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମ୍ପର୍କରେ ଜାରି ହୋଇଥିବା ତିନୋଟି ନିର୍ଦ୍ଦେଶ ତିନିଜଣିଆ ନିର୍ବାଚନ କମିଶନଙ୍କ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ବୋଲି ସୁପ୍ରିମକୋର୍ଟଙ୍କୁ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଛି।



ସିଇସିଙ୍କ କାର୍ଯ୍ୟପ୍ରଣାଳୀ ଓ ଏସ୍ଆଇଆର୍ ସମ୍ପର୍କିତ ଫର୍ମରେ ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନର ଜବାବରେ ନିର୍ବାଚନ କମିଶନ ଏହି ସତ୍ୟପାଠ ଦାଖଲ କରିଛି। ଅଭିଯୋଗଗୁଡ଼ିକ କେବଳ ଗୋଟିଏ ସମ୍ବାଦ ରିପୋର୍ଟ ଉପରେ ଆଧାରିତ ବୋଲି କମିଶନ କହିଛି। ସିଇସି ଏବଂ ଅନ୍ୟ ଦୁଇ ନିର୍ବାଚନ କମିଶନର ସର୍ବସମ୍ମତିକ୍ରମେ ସତ୍ୟପାଠକୁ ଅନୁମୋଦନ କରିଥିବା ମଧ ଏଥିରେ ଦର୍ଶାଯାଇଛି।

ନିର୍ବାଚନ କମିଶନଙ୍କ ଅନୁଯାୟୀ, ୨୦୨୫ ଜୁନ୍, ୨୦୨୫ ଅକ୍ଟୋବର ଏବଂ ୨୦୨୬ ମେ'ରେ ଜାରି ହୋଇଥିବା ଏସ୍ଆଇଆର୍ ସମ୍ପର୍କିତ ତିନୋଟି ନିର୍ଦ୍ଦେଶ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। କମିଶନର କହିଛି ଯେ, ସାଧାରଣତଃ କୌଣସି ଫାଇଲ୍ ପ୍ରଥମେ ଜଣେ ନିର୍ବାଚନ କମିଶନରଙ୍କ ଦ୍ୱାରା ଯାଞ୍ଚ ହୁଏ। ପରେ ଏହା ଅନ୍ୟ ନିର୍ବାଚନ କମିଶନରଙ୍କ ପାଖକୁ ଯାଇ ଶେଷରେ ସିଇସିଙ୍କ ନିକଟରେ ଉପସ୍ଥାପିତ ହୁଏ। ଜରୁରୀ ପରିସ୍ଥିତିରେ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଅନୁମୋଦନ ନିଆଯାଇ ପରେ ଫାଇଲ୍‌ରେ ଲିପିବଦ୍ଧ କରାଯାଏ।

୨୦୨୩ର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ (୯ ପୃଷ୍ଠାରେ)

ରାୟଗଡ଼ାରେ ଜନନୀ ଯନ୍ତ୍ରଣା

ମୃତ ସନ୍ତାନ ଜନ୍ମ ଦେଲେ ପ୍ରସୂତି

ରାୟଗଡ଼ା, ୨୬ ।୧୦ (ସବ୍ୟୁ): ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ୫ଦିନ ମଧ୍ୟରେ ୨ଟି ଘଟଣା ଜିଲାର ସ୍ୱାସ୍ଥ୍ୟ ସେବାର ଚିତ୍ରକୁ ସ୍ପଷ୍ଟ କରୁଛି । ଶିଳ୍ପରେ ଭରା କାଶୀପୁର ବ୍ଲକର ସ୍ୱାସ୍ଥ୍ୟ ସେବାକୁ ସତେ ଯେମିତି ସମସ୍ତେ ଆଖି ବୁଜି ଦେଇଛନ୍ତି ।ରାସ୍ତାଘାଟର ସୁବିଧା ନ ଥିବା ହେତୁ ଘାଟି ପାହାଡ଼ ଅଞ୍ଚଳରେ ଜନନୀ ଯନ୍ତ୍ରଣା ବଢ଼ି ଚାଲିଛି ।

ରବିବାର ସିଜିମାଳି ଅଞ୍ଚଳ ମାଳିପଦର ଗ୍ରାମର ଜଣେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଭାରରେ ପାଞ୍ଚ କିଲୋମିଟର ବାଟ ବୋହି ନେବାର କରୁଣ ଦୃଶ୍ୟ ପଦାକୁ ଆସିଛି। ଡାକ୍ତରଖାନାକୁ ନେବା ପରେ ମହିଳା ଜଣକ ଏକ ମୃତ ସନ୍ତାନକୁ ଜନ୍ମ ଦେଇଛନ୍ତି । ସ୍ଥାନୀୟ ସୁଙ୍ଗେର ପଞ୍ଚାୟତ ଅନ୍ତର୍ଗତ ମାଳିପଦର ଗ୍ରାମର ଅର୍ଜୁନ ମାଝୀଙ୍କ ପନୀ ସୁକୁ ମାଝୀ(୩୫)ଙ୍କ ରବିବାର ଗର୍ଭ ଯନ୍ତ୍ରଣା ହୋଇଥିଲା । ଖବରପାଇ ଆଶାକର୍ମୀ (୯ ପୃଷ୍ଠାରେ)

ମହାରାଷ୍ଟ୍ର ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ

ନିର୍ବାଚନ କମିଶନଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୨୬ ।୧୦ : ମହାରାଷ୍ଟ୍ରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଦାୟର ଏକ ରିଟ୍ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ଭାରତୀୟ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଛନ୍ତି। ତେବେ ଦାବି ଓ ଆପତ୍ତି ଦାଖଲର ସମୟସୀମା ବୃଦ୍ଧି କରିବା କିମ୍ବା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ଉପରେ ରୋକ୍ ଲଗାଇବାକୁ ତତ୍କାଳ ନିର୍ଦ୍ଦେଶ ଦେବାକୁ ଅଦାଲତ ମନା କରିଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୫କୁ ଧାର୍ଯ୍ୟ କରିଛନ୍ତି।

ଆବେଦନକାରୀ ଅରୁଣ ଆନନ୍ଦଗିରିଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ଅରବିନ୍ଦ ପି. ଦତ୍ତାର କହିଥିଲେ ଯେ, ମହାରାଷ୍ଟ୍ରରେ ପ୍ରାୟ ୯ କୋଟି ଭୋଟରଙ୍କ ମଧ୍ୟରୁ ଖସଡ଼ା ଭୋଟର ତାଲିକା ପ୍ରକାଶ ପରେ ପ୍ରାୟ ୩୩ ପ୍ରତିଶତ ଅର୍ଥାତ୍ ୩ କୋଟି ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ଏଥିମଧ୍ୟରୁ ୧.୨୨ କୋଟି (୯ ପୃଷ୍ଠାରେ)

ଶାହଙ୍କ ସମ୍ପର୍କରେ ମାନହାନି ମନ୍ତବ୍ୟ ମାମଲା

ଦୋଷମୁକ୍ତ ହେଲେ ରାହୁଲ


ନୂଆଦିଲ୍ଲୀ, ୨୬ ।୧୦ : ୨୦୧୮ ମସିହାରେ ବିଜେପିର ତତ୍କାଳୀନ ଜାତୀୟ ସଭାପତି ତଥା ବର୍ତ୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସମ୍ପର୍କରେ ମନ୍ତବ୍ୟ ଦେବା ଘଟଣାରେ ଦାୟର ମାନହାନି ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦୋଷମୁକ୍ତ ହୋଇଛନ୍ତି। ଉତ୍ତରପ୍ରଦେଶର ସୁଲତାନପୁରସ୍ଥିତ ସ୍ୱତନ୍ତ୍ର ସାଂସଦ-ବିଧାୟକ ଅଦାଲତ ରାହୁଲଙ୍କ ମନ୍ତବ୍ୟ ମାନହାନିକାରକ ନୁହେଁ ବୋଲି ଦର୍ଶାଇ ତାଙ୍କୁ ଦୋଷମୁକ୍ତ ଘୋଷଣା କରିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାୟ ଶୁଣାଣି ସମୟରେ ନିଜେ ଅଦାଲତରେ ଉପସ୍ଥିତ ଥିଲେ।

୨୦୧୮ ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ବେଙ୍ଗାଲୁରୁରେ ଏକ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧୀ ଅମିତ ଶାହଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଜେପିର ତତ୍କାଳୀନ ଜିଲ୍ଲା ଉପସଭାପତି ବିଜୟ ମିଶ୍ର ଭାରତୀୟ ପିଙ୍ଗଳ କୋଡ୍‌ର ଧାରା (୯ ପୃଷ୍ଠାରେ)

ଦିଲ୍ଲୀ ବ୍ୟବସାୟୀଙ୍କୁ ରାହୁଲଙ୍କ ଜବାବ

ମୋଦୀଙ୍କୁ କୁହନ୍ତୁ ୪ନଂ ଅଭିଯୁକ୍ତଙ୍କୁ ବହିଷ୍କାର କରନ୍ତୁ

ନୂଆଦିଲ୍ଲୀ, ୨୬ ।୧୦ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କହିବାକୁ ଦିଲ୍ଲୀର ବ୍ୟବସାୟୀମାନଙ୍କୁ ଆହ୍ୱାନ ଦେଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ବିରୋଧରେ ଚାଲିଥିବା ଆନ୍ଦୋଳନ ଯୋଗୁଁ ଦିଲ୍ଲୀରେ ବ୍ୟବସାୟ ପ୍ରଭାବିତ ହେଉଥିବା ପ୍ରସଙ୍ଗ ଉଠାଇ ସେ କହିଛନ୍ତି, ସରକାର ଏହି ଦାବି ମାନିନେଲେ ୩୦ ସେକେଣ୍ଡ ମଧ୍ୟରେ ଆନ୍ଦୋଳନ ବନ୍ଦ ହୋଇଯିବ।



ସୋମବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ ଅଭିଯୋଗ କରିଛନ୍ତି ଯେ, ଏସ୍ଆଇଆର୍ ବିରୋଧୀ ପ୍ରତିବାଦ ସମୟରେ ମେଟ୍ରୋ ସେବା ବନ୍ଦ, ରାସ୍ତା ସିଲ୍ ଏବଂ ବିଭିନ୍ନ କଟକଣା ଲଗାଇ ସରକାର ରାଜଧାନୀର ବ୍ୟବସାୟକୁ ବାଧାପ୍ରାପ୍ତ କରୁଛନ୍ତି।

ଦିଲ୍ଲୀର ବ୍ୟବସାୟୀଙ୍କୁ ସମ୍ବୋଧିତ କରି ସେ ଲେଖିଛନ୍ତି, "ଆମେ ଆପଣମାନଙ୍କୁ ଭଲପାଉ ଏବଂ ଆପଣଙ୍କ କଥା ଶୁଣୁଛୁ।" ତାଙ୍କ ଅଭିଯୋଗ ଅନୁଯାୟୀ, ଭୋଟ ଚୋରି ଭବିଷ୍ୟତରେ ବ୍ୟବସାୟ, ସଞ୍ଚୟ ଏବଂ ପିଲାମାନଙ୍କ ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ "ମୋଦୀଙ୍କୁ ଅଭିଯୁକ୍ତ ନମ୍ବର ୪ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବାକୁ

୩୦ ସେକେଣ୍ଡରେ ନଭେମ୍ବର ୧ ରାଲି ବନ୍ଦ ହେବ

କୁହନ୍ତୁ, ଆନ୍ଦୋଳନ ୩୦ ସେକେଣ୍ଡରେ ବନ୍ଦ ହୋଇଯିବ" ବୋଲି ସେ ଲେଖିଛନ୍ତି।

ରାହୁଲଙ୍କ ଏହି ଆହ୍ୱାନ ଏପରି ସମୟରେ ଆସିଛି, ଯେତେବେଳେ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ନଭେମ୍ବର (୯ ପୃଷ୍ଠାରେ)

ଇଥାନଲରେ ଚାଲିବ ଗାଡ଼ି : ଇ-୧୦୦ ଇନ୍ଧନକୁ ସରକାରଙ୍କ ଅନୁମତି

ନୂଆଦିଲ୍ଲୀ, ୨୬ ।୧୦ : ଦେଶରେ ଇଥାନଲ୍ ଇନ୍ଧନରେ ଚାଲୁଥିବା ଯାନର ବ୍ୟବହାର ବଢ଼ାଇବା ଦିଗରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏଣିକି ଫ୍ଲେକ୍ସ-ଫ୍ୟୁଏଲ୍ ଯାନରେ ୧୦୦ ପ୍ରତିଶତ ଇଥାନଲ୍‌ଯୁକ୍ତ ଇ-୧୦୦ ଇନ୍ଧନ ବ୍ୟବହାରକୁ ଅନୁମତି ମିଳିଛି। ଏଥିପାଇଁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କେନ୍ଦ୍ରୀୟ ମୋଟର ଯାନ ନିୟମରେ ସଂଶୋଧନ କରିଛି। ଏହାଦ୍ୱାରା ପୂର୍ବରୁ ଅନୁମୋଦିତ ଇ୮୫ ସହ ଇ-୧୦୦ ମଧ ଏକ ସ୍ୱୀକୃତ ଇନ୍ଧନ ବିକଳ୍ପ ହୋଇଛି।

ଅକ୍ଟୋବର ୨୩ରେ ଏ ସମ୍ପର୍କିତ ବିଜ୍ଞପ୍ତି ଜାରି ହୋଇଥିବାବେଳେ ଅକ୍ଟୋବର ୨୬ରେ ଏହା ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇଛି। ବିଜ୍ଞପ୍ତି ତୁରନ୍ତ ଲାଗୁ ହୋଇଛି। ଏହା ପୂର୍ବରୁ ଏପ୍ରିଲ୍ ୨୭ରେ ଏ ସମ୍ପର୍କିତ ଚିଠା ନିୟମ ପ୍ରକାଶ ପାଇଥିଲା। ଜନସାଧାରଣଙ୍କ ଆପତ୍ତି ଓ ପ୍ରସ୍ତାବର ସମୀକ୍ଷା ପରେ ଚୂଡ଼ାନ୍ତ ନିୟମ ଜାରି କରାଯାଇଛି।

ଫ୍ଲେକ୍ସ-ଫ୍ୟୁଏଲ୍ ଯାନଗୁଡ଼ିକ ପେଟ୍ରୋଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ଅନୁପାତରେ ଇଥାନଲ୍ ଓ ପେଟ୍ରୋଲ୍‌ର ମିଶ୍ରଣ, ଏପରିକି ଇ-୧୦୦ ଇନ୍ଧନରେ ମଧ ଚାଲିବା ପାଇଁ ନିର୍ମିତ। ଏଥିରେ ଥିବା ସେନ୍‌ସର୍ ଇନ୍ଧନର ମିଶ୍ରଣ ଅନୁଯାୟୀ ଇଞ୍ଜିନ୍‌ର କାର୍ଯ୍ୟପ୍ରଣାଳୀକୁ ସଜାଡ଼ିଥାଏ।

ବ୍ରାଜିଲ୍‌ରେ ୨୦୦୩ ମସିହାରୁ ଫ୍ଲେକ୍ସ-ଫ୍ୟୁଏଲ୍ ଯାନର ବ୍ୟବହାର ବ୍ୟାପକ ଭାବେ ହେଉଛି। ସେଠାରେ ଆଖୁରୁ ପ୍ରସ୍ତୁତ ଇଥାନଲ୍ ଯାନବାହନ ପାଇଁ ଏକ ପ୍ରମୁଖ ଇନ୍ଧନ ଭାବେ ବ୍ୟବହୃତ ହେଉଛି।

ତେବେ ସରକାରଙ୍କ ଏହି ଅନୁମତି ସମସ୍ତ ପେଟ୍ରୋଲ୍ ଗାଡ଼ି ପାଇଁ ଲାଗୁ ହେବ ନାହିଁ। କେବଳ ଅଧିକ ଇଥାନଲ୍ ମିଶ୍ରିତ ଇନ୍ଧନ ବ୍ୟବହାର ପାଇଁ ନିର୍ମିତ ଓ ପ୍ରମାଣିତ ଯାନଗୁଡ଼ିକ ଇ-୮୫ ଏବଂ ଇ-୧୦୦ବ୍ୟବହାର କରିପାରିବେ। ଦେଶରେ ବର୍ତ୍ତମାନ ବ୍ୟବହୃତ ଇ-୨୦ ଇନ୍ଧନରେ ୨୦ ପ୍ରତିଶତ ଇଥାନଲ୍ ଓ ୮୦ ପ୍ରତିଶତ ପେଟ୍ରୋଲ୍ ରହିଛି। ସାଧାରଣ ପେଟ୍ରୋଲ୍ ଗାଡ଼ିରେ ଆବଶ୍ୟକ ପ୍ରମାଣପତ୍ର ଓ ପ୍ରଯୁକ୍ତିଗତ ପରିବର୍ତ୍ତନ ବିନା ଇ-୮୫ କିମ୍ବା ଇ-୧୦୦ ବ୍ୟବହାର କରିହେବ ନାହିଁ।

ଏହି ନିୟମ ସଂଶୋଧନ ଦ୍ୱାରା ଭାରତରେ ଇ-୧୦୦ ଉପଯୋଗୀ ଫ୍ଲେକ୍ସ-ଫ୍ୟୁଏଲ୍ ଯାନ ନିର୍ମାଣ ଓ (୯ ପୃଷ୍ଠାରେ)



କ୍ରୀତିଙ୍କ ବଲିଉଡ଼ ଡେବ୍ୟୁ

ସାଉଥ ସିନେମାର ଲୋକପ୍ରିୟ ଅଭିନେତ୍ରୀ କ୍ରୀତି ଶେଟ୍ଟୀ ଏକ ରୋମାଣ୍ଟିକ କାହାଣୀ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି । ଚଳିତବର୍ଷ ଶେଷ ଆଡ଼କୁ ଏହି ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ପ୍ରସିଦ୍ଧ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ସହ ୧୭ ବର୍ଷରୁ ଅଧିକ ସମୟ ଧରି କାମ କରିଥିବା ନିର୍ଦ୍ଦେଶିକା ବିଧି ଘୋଡ଼ଗାଁକର ଏହି ଫିଲ୍ମ ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ଡେବ୍ୟୁ କରୁଥିବାର ସୂଚନା ରହିଛି । ଅଭିଷେକ ଏସ୍ ବ୍ୟାସଙ୍କ ପ୍ରଯୋଜନା ସଂସ୍ଥା 'ଏଭିଏସ୍ ଷ୍ଟୁଡିଓଜ୍' ଏହାର ପ୍ରଯୋଜନା ଦାୟିତ୍ୱ ବହନ କରିଥିବା ନେଇ ଜଣାପଡିଛି । ତେଲୁଗୁ ସୁପରହିଟ୍ ଫିଲ୍ମ 'ଉପେନା' ଜରିଆରେ ଦର୍ଶକଙ୍କ ମନ ଜିତିଥିବା କ୍ରୀତି ପୂର୍ବରୁ ଏକାଧିକ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସାଉଥ ଦର୍ଶକ ତାଙ୍କୁ ଖୁବ ଭଲପାଇବା ଦେଇଥିବାବେଳେ ବଲିଉଡ ଦର୍ଶକ ମଧ୍ୟ ସେହିଭଳି ଭଲ ପାଇବାଦେବେ ବୋଲି ସେ ଆଶା ରଖିଛନ୍ତି । କ୍ରୀତିଙ୍କର ଏହି ଫିଲ୍ମକୁ ନେଇ ତାଙ୍କ ଫ୍ୟାନମାନେ ମଧ୍ୟ ଖୁବ ଉତ୍ସାହିତ ଅଛନ୍ତି ।

ପିଲାଙ୍କ ସ୍ଥାନରେ ପାଠ ପଢୁଛନ୍ତି ରୋବଟ



ବ୍ରିଟେନରେ ଅସୁସ୍ଥତା, ଦୁର୍ଘଟଣା କିମ୍ବା ସ୍କୁଲ୍ ଯିବାକୁ ଭୟ କରୁଥିବା ପିଲାମାନଙ୍କ ପାଇଁ ଏକ ଅଭିନବ ପ୍ରୟୋଗ କରାଯାଇ କେତେକ ବିଦ୍ୟାଳୟରେ ପ୍ରାୟ ୪ ଲକ୍ଷ ଟଙ୍କା ମୂଲ୍ୟର 'ଏଭି ୧' ନାମକ ଏକ ସ୍ୱତନ୍ତ୍ର ରୋବଟ୍‌କୁ ପିଲାଙ୍କ ପାଇଁ ସ୍କୁଲରେ ବସାଯାଉଛି । ଯାହାକି କ୍ୟାମେରା, ମାଇକ୍ରୋଫୋନ୍ ଏବଂ ସ୍ପିକର୍ ସାହାଯ୍ୟରେ ପିଲାମାନଙ୍କୁ ଘରେ ବସି ପାଠପଢ଼ା ଏବଂ ସହପାଠୀମାନଙ୍କ ସହ ଯୋଡ଼ି ରଖୁଛି । ବ୍ରିଟେନର ବିଭିନ୍ନ ସ୍କୁଲ୍‌ରେ ଏଭଳି ୨,୦୦୦ରୁ ଅଧିକ ରୋବଟ୍ ବ୍ୟବହାର କରାଯାଉଥିବା ଜଣାପଡିଛି । ଏହା ମାଧ୍ୟମରେ ପିଲାମାନେ ମୋବାଇଲ୍ ଆପ୍ ଜରିଆରେ କ୍ଲାସରୁମର ଗତିବିଧି ଦେଖିବା, ଶୁଣିବା, ଶିକ୍ଷକଙ୍କ ପ୍ରଶ୍ନର ଉତ୍ତର ଦେବା ଏବଂ ପାଖରେ ବସିଥିବା ସାଙ୍ଗ ସହ କଥା ହେବା ଭଳି ସୁବିଧା ପାଉଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତି ଏବଂ ଚିନ୍ତା ବୃଦ୍ଧି ପାଉଥିବା ସମସ୍ୟାର ସମାଧାନ ପାଇଁ ଏତେ ମହଙ୍ଗା ରୋବଟ୍ ଉପରେ ନିର୍ଭର କରିବା ଉଚିତ୍ କି ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ତେବେ ଏହି ରୋବଟ୍ ବ୍ୟବହାର କରୁଥିବା ୭୬ ପ୍ରତିଶତ ପିଲା ପୁଣିଥରେ ସ୍କୁଲ୍‌କୁ ଫେରିଥିବା ତଥ୍ୟରୁ ଜଣାପଡ଼ିଛି । ତେଣୁ ଏହାକୁ ଏକ ସ୍ମାର୍ଟ ବିକଳ୍ପ ଭାବେ ବ୍ୟବହାର କରାଯାଉଛି ।

ଫିଲ୍ମଠାରୁ ଅଧିକ ଆୟ ୟୁଟ୍ୟୁବରୁ

ଆଜିକାଲି ସମସ୍ତେୟୁଟ୍ୟୁବରେ ନିଜର ବ୍ଲଗିଂ ଚ୍ୟାନେଲ ଖୋଲିବା ସହିତ ଏହାକୁ କ୍ୟାରିୟର ଭାବେ ଗ୍ରହଣ କରି ଅର୍ଥ ରୋଜଗାର କରୁଛନ୍ତି । ଏଥିରେ ଅନେକ ସେଲିବ୍ରିଟି ମଧ୍ୟ ସାମିଲ ଅଛନ୍ତି । ଏହି ତାଲିକାରେ କୋରିଓଗ୍ରାଫର ଓ ଫିଲ୍ମମେକର ଫରହା ଖାନଙ୍କୁ ମଧ୍ୟ ଦେଖିବାକୁ ମିଳୁଛି । ଫରହା ନିଜ ରୋଷେୟା ଦିଲିପଙ୍କ ସହିତ ମିଶି ଭିଡିଓ ସୁଟ କରିବା ସହ ଅପଲୋଡ କରୁଛନ୍ତି । ତେବେ ନିକଟରେ ଫରହାଙ୍କର ଏକ ଷ୍ଟେଟମେଣ୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ଫରହା ଫିଲ୍ମ ଠାରୁ ଅଧିକ ଆୟୟୁଟ୍ୟୁବରୁ କରିଥିବା ନେଇ ସୂଚନା ଦେଇଛନ୍ତି । ତେବେ ଏହା ଫରହା ମଜାକିଆ ଅନ୍ଦାଜରେ କହିଛନ୍ତି କି ସତରେ ତା ଜଣା ନାହିଁ । ଗୋଟିଏ ବର୍ଷରେ ସେ ନିର୍ଦ୍ଦେଶକ ଭାବେ ଯେତିକି ଆୟ କରିନଥିଲେ ତା ଠାରୁ ଅଧିକ ଆୟ ସେ ଗୋଟିଏ ବର୍ଷରେୟୁଟ୍ୟୁବ୍‌ରୁ କରିଛନ୍ତି ବୋଲି ସୂଚନା ଦେଇଛନ୍ତି । ଫରହାଙ୍କର ଏହି ମନ୍ତବ୍ୟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସେହିଭଳି ଏହି ତାଲିକାରେ ସୁପରଷ୍ଟାର ସଲମାନ ଖାନ ମଧ୍ୟ ସାମିଲ ହୋଇଛନ୍ତି । ଆଗକୁ ଦର୍ଶକ ତାଙ୍କର ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ଦେଖିବାକୁ ପାଇବେ ।



ସୋସିଆଲ କୋଟ୍ସ




ବଲିଉଡରେ ପାଖାପାଖି ୬୦ଟି ଫିଲ୍ମ କରିବା ପରେ ମଧ୍ୟ ମୋତେ ସମାନ ପାରିଶ୍ରମିକ ମିଳିନାହିଁ। ମୋତେ ଅନେକ ସମୟରେ ଅଭିନେତାଙ୍କ ଠାରୁ ଖୁବ କମ ପାରିଶ୍ରମିକ ମିଳିଛି । ଏତେ ବର୍ଷ ପରେ ଏବେ ମୋତେ ସମାନ ପାରିଶ୍ରମିକ ମିଳୁଛି ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ



ମୁଁ ଆସିବା ପୂର୍ବରୁ ବଲିଉଡରେ ମହିଳା ଅଭିନେତ୍ରୀମାନେ ଅଭିନେତାଙ୍କ ଭାବନାର ସୀମା ଭିତରେ ରହି କାର୍ଯ୍ୟ କରୁଥିଲେ। ସମସ୍ତଙ୍କୁ ସମାନ ପାରିଶ୍ରମିକ ମିଳୁ ଏଥିପାଇଁ ପ୍ରଥମେ ମୁଁ ଦାବି କରିଥିଲି ।

କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ



ମୁଁ କପିଲ ଶର୍ମାଙ୍କର ବଡ ଫ୍ୟାନ । ଯେତେବେଳେ ମୁଁ ମୋ ପରିବାର ସହ ସମୟ କାଟୁଛି। ଯେଉଁ ସମୟରେ ମୁଁ କପିଲଙ୍କ ଶୋ ଦେଖିଥାଏ। ମୋ ଘରେ ବି ସମସ୍ତେ ତାଙ୍କୁ ଖୁବ ପସନ୍ଦ କରନ୍ତି ।

ଅମିର ଖାନ୍, ଅଭିନେତା

ମେସିନ୍ ଓକିଲ



ଚୀନ ବର୍ତ୍ତମାନ ବୈଷୟିକ ଜ୍ଞାନକୌଶଳରେ ଢେର ଉନ୍ନତି କରିଛି । ବିଭିନ୍ନ ସମୟରେ ଏହାର ବୈଜ୍ଞାନିକମାନେ ନୂଆନୂଆ ଉଦଭାବନ କରୁଛନ୍ତି । ସେହିକ୍ରମରେ ସାମିଲ ହୋଇଛି ଏକ ମେସିନ୍ । ତେବେ ଏହି ମେସିନ୍ ଟି ଏମିତି ସେମିତି ମେସିନ୍ ନୁହେଁ, ଏହା ଜଣେ ଓକିଲ । କଥାଟି ଆଶ୍ଚର୍ଯ୍ୟକର ହେଲେ ବି ସତ । ଚୀନର ବୈଜ୍ଞାନିକଙ୍କ ଦାବି ଅନୁସାରେ ଏହି ମେସିନ୍‌ଟ ବିଭିନ୍ନ ଅଭିଯୋଗର ବିଚାର କରି ଦଣ୍ଡ ବିଧାନ କରିପାରିବ । ମେସିନ୍‌ଟି ଏ ସମସ୍ତ କାର୍ଯ୍ୟ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସିର ସହାୟତା ନେବ । ଏଭଳି ମେସିନ ଓକିଲ ଦୁନିଆର ପ୍ରଥମ । ବୈଜ୍ଞାନିକଙ୍କ ଦାବି ଅନୁସାରେ ଏହି ଓକିଲ ସମାଧାନ କରୁଥିବା କେସ୍‌ର ସଠିକତା ପ୍ରାୟ ୯୭ ପ୍ରତିଶତ ରହିବ। ଏହାର ଟେଷ୍ଟ ମଧ୍ୟ କରାଯାଇ ସାରିଛି । ଏହାର ପରୀକ୍ଷା ଚୀନର ସବୁଠାରୁ ବ୍ୟସ୍ତବହୁଳ କାର୍ଯ୍ୟାଳୟରେ କରାଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି । ବର୍ତ୍ତମାନ ଓକିଲଙ୍କ ଉପରେ ବଢୁଥିବା କାର୍ଯ୍ୟଚାପକୁ କମାଇବା ପାଇଁ ସେମାନେ ଏଭଳି ମେସିନ୍‌ର ଡିଜାଇନ୍ କରିଛନ୍ତି । ମେସିନ୍‌କୁ ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ଟ୍ରେନିଂ ଦିଆଯାଇ ପ୍ରସ୍ତୁତ କରାଯାଇଛି । ଏହି ସମୟରେ ବିଭିନ୍ନ ସାଧାରଣ ଅପରାଧର ସମାଧାନ କରି ଦଣ୍ଡ ବିଧାନ କରିବାରେ ମେସିନ୍‌ଟି ସକ୍ଷମ ବୋଲି ଜଣାପଡିଛି । ଟ୍ରେନିଂ ସମୟରେ ମେସିନ୍‌କୁ କ୍ରେଡିଟ୍ କାର୍ଡ ହେରଫେର୍, ଅସୁରକ୍ଷିତ ଗାଡି ଚାଳନା, ଚୋରି, ଜୁଆ ଭଳି କେସ୍‌କୁ ସଫଳତାର ସହ ସମାଧାନ କରିଥିବା ବୈଜ୍ଞାନିକ ମାନେ ମତ ଦେଇଛନ୍ତି । ଆଗକୁ ଚୀନ ବୈଜ୍ଞାନିକମାନେ ଏହାକୁ ପ୍ରତ୍ୟକ୍ଷ ଭାବରେ କୋର୍ଟରେ ବ୍ୟବହାର କରିବାର ଯୋଜନା ରଖିଛନ୍ତି । ତେବେ ଯଦି କୌଣସି କେସ୍‌ରେ ଭୁଲ ନିଷ୍ପତ୍ତି ନିଆଯାଏ ତେବେ ତାହାର ଉତ୍ତରଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ ଉଠିଛି ।

ଜେନ ଜି କାର୍ଯ୍ୟଶୈଳୀକୁ ନେଇ ଚିନ୍ତା



ପ୍ରଫେସନାଲ୍ କ୍ୟାରିୟର ଆରମ୍ଭ କରୁଥିବା ନୂଆ ପିଢ଼ି ବା ଜେନ୍-ଜିଙ୍କ ପ୍ରଫେସନାଲ ବ୍ୟବହାର ଓ କାର୍ଯ୍ୟସ୍ଥଳ କୌଶଳକୁ ନେଇ ବିଶ୍ୱବ୍ୟାପୀ କମ୍ପାନୀ ଏବଂ ଉଚ୍ଚାଧିକାରୀଙ୍କ ମଧ୍ୟରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି । ନୂଆ ଗ୍ରାଜୁଏଟ୍‌ମାନଙ୍କଠାରେ ଯୋଗାଯୋଗ କୌଶଳ , କାର୍ଯ୍ୟାଳୟ ଶିଷ୍ଟାଚାର ଆଦି ଚିନ୍ତାଧାରାର ଗମ୍ଭୀର ଅଭାବ ରହିଥିବା ନେଇ ଅନେକ ଆମେରିକୀୟ କମ୍ପାନୀ ସୂଚନା ଦେଇଛନ୍ତି । ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଅଫିସ୍‌ରେ ଇମେଲ୍ ସଠିକ୍ ଭାବେ ପଠାଇବା, ବୈଠକରେ ଶାଳୀନତାର ସହ ଅସହମତି ପ୍ରକାଶ କରିବା, ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଶ୍ନ ପଚାରିବା ଏବଂ ଏଆଇ ଦ୍ୱାରା ପ୍ରାପ୍ତ ଉତ୍ତରର ସତ୍ୟତା ଯାଞ୍ଚ କରିବା ଭଳି କ୍ଷେତ୍ରରେ ନୂଆ କର୍ମଚାରୀମାନେ ଅନେକ ଚାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । 'ନ୍ୟାସନାଲ ଆସୋସିଏସନ୍ ଅଫ୍ କଲେଜ୍ ଆଣ୍ଡ ଏମ୍ପ୍ଲୋୟର୍ସ' ର ସର୍ଭେ ଅନୁଯାୟୀ, ୭୧.୨% କମ୍ପାନୀ ନୂଆ ଗ୍ରାଜୁଏଟ୍‌ମାନଙ୍କୁ ଚାକିରି ପାଇଁ 'କେବଳ କିଛି ପରିମାଣରେ ପ୍ରସ୍ତୁତ' ବୋଲି ଦର୍ଶାଇଥିବା ବେଳେ ମାତ୍ର ୨୧.୬% ସେମାନଙ୍କୁ ପୂର୍ଣ୍ଣ ପ୍ରସ୍ତୁତ ଏବଂ ୭.୨% ସମ୍ପୂର୍ଣ୍ଣ ଅପ୍ରସ୍ତୁତ ବୋଲି କହିଛନ୍ତି । ଏତଦ୍‌ବ୍ୟତୀତ, ୭୫% କମ୍ପାନୀ ନୂଆ କର୍ମଚାରୀଙ୍କ ଦକ୍ଷତାକୁ ଅସନ୍ତୋଷଜନକ ବୋଲି ଅଭିହିତ କରିଛନ୍ତି । ସେହିଭଳି ୮୦୦ ରୁ ଊର୍ଦ୍ଧ୍ୱ ଏଚ୍‌ଆର୍ ଲିଡରଙ୍କ ଅନ୍ୟ ଏକ ସର୍ଭେରେ ୩୭% ଅଧିକାରୀ ନୂଆ ଗ୍ରାଜୁଏଟ୍‌ଙ୍କ ବଦଳରେ ରୋବୋଟ୍ କିମ୍ବା ଏଆଇ ବ୍ୟବହାର କରିବାକୁ ଶ୍ରେୟସ୍କର ମଣିଛନ୍ତି । ବିଶେଷଜ୍ଞଙ୍କ ମତରେ କୋରୋନା ମହାମାରୀ ସମୟରେ ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିବା, ଅତ୍ୟଧିକ ସ୍କ୍ରିନ୍ ଟାଇମ୍, ସାମାଜିକ ଦୂରତା ଏବଂ 'ୱାର୍କ-ଫ୍ରମ୍-ହୋମ୍' ପରିବେଶ ଯୋଗୁଁ ଯୁବପିଢ଼ିଙ୍କ ମଧ୍ୟରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ବିଶେଷଜ୍ଞମାନେ ସୁପାରିଶ କରିଛନ୍ତି ଯେ, କଲେଜ ଏବଂ କମ୍ପାନୀଗୁଡ଼ିକ ମିଳିତ ଭାବେ ଯୁବପିଢ଼ିଙ୍କୁ ଅଫିସ୍ ଟ୍ରାଡିସନ, ସାମାଜିକ ବ୍ୟବହାର ଏବଂ ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବା ନିହାତି ଆବଶ୍ୟକ ।

ଇତିହାସ

୧୬୦୫- ମୋଗଲ ସମ୍ରାଟ ଆକବରଙ୍କ ଦେହାନ୍ତ ।

୧୮୧୧- ସିଲେଇ ମେସିନର ଆବିଷ୍କାରକ ଆଇଜ୍ୟାକ୍ ମେରିଟ ସିଙ୍ଗରଙ୍କ ଜନ୍ମ ।

୧୯୦୪- ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ଦାସଙ୍କ ଜନ୍ମ ।

୧୯୨୦- ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍. ନାରାୟଣଙ୍କ ଜନ୍ମ ।

୧୯୫୦- ବୈଷ୍ଣବ ବିଦ୍ୱାନ ତଥା ବୃନ୍ଦାବନସ୍ଥିତ ଶ୍ରୀଚୈତନ୍ୟ ପ୍ରେମ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀ ଶ୍ରୀବତ୍ସ ଗୋସ୍ୱାମୀଙ୍କ ଜନ୍ମ ।

୧୯୪୭- ଜମ୍ମୁ କଶ୍ମୀରର ରାଜା ହରି ସିଂହ ଭାରତରେ ଜମ୍ମୁ କଶ୍ମୀର ବିଲୟକୁ ସ୍ୱୀକାର କଲେ ।

୧୯୬୬- ଭାରତରେ ଚେସ୍‌ର ଦ୍ୱିତୀୟ ଗ୍ରାଣ୍ଡ ମାଷ୍ଟର ଦିବ୍ୟେନ୍ଦୁ ବରୁଆଙ୍କ ଜନ୍ମ ।

୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ ଖେଳର ସମାପନ ।

୨୦୦୩- ବାଗଦାଦରେ ବମ୍ ବିସ୍ଫୋରଣ କାରଣରୁ ୪୦ ଜଣଙ୍କ ମୃତ୍ୟୁ ।

୨୦୦୪- ଚୀନ୍‌ରେ ବିଶାଳ କ୍ରେନ୍‌ର ନିର୍ମାଣ ।



ମେଷ: କର୍ମରେ ଆନନ୍ଦ, ଦେବକାର୍ଯ୍ୟ ପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ସନ୍ତାନ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

ବୃଷ: ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଲୋକସମପର୍କ ହାନି, ବ୍ୟବସାୟିକ କଷ୍ଟ, ବନ୍ଧୁ ସହାୟତା, ବାକିଧନ ଫେରସ୍ତ, ନୂତନ କର୍ମରେ ଆଗ୍ରହ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ ।

ମିଥୁନ: ଦ୍ରବ୍ୟଲାଭ, ବନ୍ଧୁ ସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଶତ୍ରୁ ପରାଜିତ, ନୂତନ କର୍ମପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମହାଲକ୍ଷ୍ମୀ ।

କର୍କଟ: ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଧନଲାଭ, ଶରୀର ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତି ଲାଭ, ସ୍ୱାଦିଷ୍ଟ ଭୋଜନ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

ସିଂହ: ବନ୍ଧୁ ସହଯୋଗ, ନୂତନ ବନ୍ଧୁଲାଭ, କର୍ମକ୍ଷେତ୍ରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ଅର୍ଥଲାଭ, ସନ୍ତାନ ଖୁସି, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଲୋକସମ୍ପର୍କ ବୃଦ୍ଧି, ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଶ୍ରୀରାମ ।

କନ୍ୟା: ଆୟ ଅପେକ୍ଷା ବ୍ୟୟ ଅଧିକ, ଶରୀର ଅସୁସ୍ଥ, ମୋକଦ୍ଦମାରେ କଷ୍ଟ, କାର୍ଯ୍ୟ ସଫଳ, ବନ୍ଧୁ ମନାନ୍ତର, ବ୍ୟବସାୟରେ ଶତ୍ରୁତା, ପିଲାଙ୍କ ସମସ୍ୟା, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା-ଲକ୍ଷ୍ମୀନୃସିଂହ ।

ତୁଳା: ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ଅର୍ଥ ସମସ୍ୟା ସମାଧାନ, ପୁରାତନ ବିବାଦ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟଲାଭ, କଚେରି ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୭, ଆରାଧନା-ପିତାମାତାଙ୍କ ସେବା ।

ବିଛା: ଅର୍ଥ ସମସ୍ୟା, ଅଣ୍ଡାଜନିତ ରୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ଅଚାନକ ଖୁସି ଖବର, ଆଶା ପୂର୍ଣ୍ଣରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ: ଆଭୂଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ କଷ୍ଟ, ବିଦେଶ ଗ୍ରସ୍ତ, କର୍ମକ୍ଷେତ୍ରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ପ୍ରତିକାର-ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ ।

ମକର: ମନସ୍ତାପ, ଦୂରଯାତ୍ରା ଅସଫଳ, ଶରୀର ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତଯୋଗ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ ।

କୁମ୍ଭ: ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବ୍ୟବସାୟ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ମୋକଦ୍ଦମାରେ ବିଜୟ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

ମୀନ: ଆୟବୃଦ୍ଧି, ଦ୍ରବ୍ୟ ପ୍ରାପ୍ତି, ସନ୍ତାନ ସୁଖ, ଦୂରଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ସମସ୍ୟା ସମାଧାନ, ଶତ୍ରୁନାଶ, ସମ୍ମାନପ୍ରାପ୍ତି, ଅର୍ଥସମସ୍ୟା ସମାଧାନ, ବିଦ୍ୟାଲାଭ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

କାର୍ତ୍ତିକ କୃଷ୍ଣ ପକ୍ଷ ଦ୍ୱିତୀୟା
୨୭.୧୦.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

Ministry of Home Affairs
Government of India

ଭାରତକୁ ନକ୍ସଲମୁକ୍ତ କରିବାରେ ଯେଉଁ ବୀରମାନେ ଯୋଗଦାନ ଦେଇଛନ୍ତି, ସେମାନଙ୍କ ପାଇଁ ଏକ ବାର୍ତ୍ତା ଲେଖନ୍ତୁ ଏବଂ ଏହାକୁ ଅନଲାଇନରେ ସେୟାର କରନ୍ତୁ

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ୍

ଏକତାର ବିଭିନ୍ନ ରୂପକୁ, ଏକ ସ୍ଥାନରେ ଦେଖନ୍ତୁ

Rashtriya Ekta Diwas
31st OCTOBER, 2026

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ

ସୂଚନା ପାଇବା ଏବଂ ରହିବା ବ୍ୟବସ୍ଥା ବୁକ୍ କରିବା ପାଇଁ ସ୍କାନ୍ କରନ୍ତୁ, ଅଥବା rashtriyaektadiwas.com ପରିଦର୍ଶନ କରନ୍ତୁ



CBC 19101/13/0020/2627

ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ପାଇଁ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ

ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ୱାସ୍ଥ୍ୟସେବାକୁ ସଜାଗ ରଖିବାକୁ ନିର୍ଦ୍ଦେଶ ଦେଲେ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତିକୁ ଆଜି ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା କମିଶନର ଅଶ୍ୱତୀ ଏସ. ସମୀକ୍ଷା କରିଛନ୍ତି । ଏହି ବୈଠକରେ ଶାସନ ସଚିବ ବିଭାଗର ବରିଷ୍ଠ ଅଧିକାରୀ ଓ ଅଭାସି ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାମାନଙ୍କର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଖାରବେଳ ଭବନ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ସଚିବ ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀ ହାଲୋଜେନ ବଟିକା , ବ୍ଲିଚିଙ୍ଗ ପାଉଡ଼ର ପର୍ଯ୍ୟାପ୍ତ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ପ୍ରଭାବିତ ଓ ଦୁର୍ଗମ ଅଞ୍ଚଳରେ ତ୍ୱରିତ ପ୍ରତିକ୍ରିୟା ଟିମ୍ (RRT) ଓ ମୋବାଇଲ୍ ହେଲ୍ଥ ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ଡାଇରିଆ, ହଇଜା, ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଜଳବାହିତ ଏବଂ ଭେକ୍ଟରଜନିତ ରୋଗର ନିରନ୍ତର ନଜର ରଖିବା ଓ ଆବଶ୍ୟକ ସ୍ଥଳେ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ରିଲିଫ କେନ୍ଦ୍ରଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ପାନୀୟ ଜଳ, ସ୍ୱଚ୍ଛତା ବ୍ୟବସ୍ଥା ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଗର୍ଭବତୀ ମହିଳା, ଶିଶୁ, ବୟସ୍କ ବର୍ଗଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ବନ୍ୟା ପରିସ୍ଥିତି, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଛନ୍ତି । ଅନ୍ୟ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସଚିବ ପରାମର୍ଶ ଦେଇଛନ୍ତି । ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ବେଳେ, ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସଜାଗ ରହି ଦାୟିତ୍ୱ ସମ୍ପାଦନ କରିବାକୁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ରାଜ୍ୟ ଏବଂ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ କାର୍ଯକ୍ଷମ କରାଯାଇଛି ।

ଓଡିଶା ସିଭିଲ୍ ସର୍ଭିସ ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀରେ ପରିବର୍ତ୍ତନ

୨୯ ପରିବର୍ତ୍ତେ ୩୧ରୁ ହେବ ଆରମ୍ଭ, ୩୦ ତାରିଖର ପରୀକ୍ଷା ନଭେମ୍ବର ୫ରେ ହେବ

କଟକ,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ)ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଆସନ୍ତା ୨୯ ତାରିଖରେ ପରୀକ୍ଷା ଆରମ୍ଭ ପାଇଁ ଯେଉଁ ସମୟ ଧାର୍ଯ୍ୟ କରାଯାଇଥିଲା ତାହାକୁ ବାତିଲ୍ କରାଯାଇ ୩୧ତାରିଖରୁ ପରୀକ୍ଷା ଆରମ୍ଭ ହେବ ବୋଲି କୁହାଯାଇଛି । ୩୦ ତାରିଖରେ ଯେଉଁ ପରୀକ୍ଷା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା ଉକ୍ତ ପରୀକ୍ଷା ନଭେମ୍ବର ୫ତାରିଖରେ କରାଯିବ । ୨୯ ତାରିଖରେ ଓଡ଼ିଆ ଏବଂ ଇଂରାଜୀ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ସେହି ବିଷୟରେ ପରୀକ୍ଷାର୍ଥୀମାନେ ଆସନ୍ତା ୩୧ ତାରିଖରେ ଦେବେ । ସେହିପରି ୩୦ ତାରିଖରେ ରଚନା ଥିଲାବେଳେ ଏହି ପରୀକ୍ଷା ନଭେମ୍ବର ୫ରେ ଦେବେ । ଅନ୍ୟ ପରୀକ୍ଷା ସୂଚୀରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ନାହିଁ । ତେବେ ୪ ଏବଂ ୫ ତାରିଖ ଲଗାତର ପରୀକ୍ଷା ଥିବାରୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ଜଣାପଡ଼ିଛି ।ଓପିଏସ୍‌ସି ପକ୍ଷରୁ ଜୁନ୍ ୭ରେ ଓସିଏସ୍ ପ୍ରାଥମିକ ପରୀକ୍ଷା କରାଯାଇଥିଲା । କଟକ, ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ଜୟପୁର ଜୋନ୍‌ର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଆଶାୟୀମାନେ ପରୀକ୍ଷା ଦେଇଥିଲେ । ଜୁଲାଇ ୧୦ରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏଥିରେ ୫୬୯୦ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ସେଥିରୁ ୧୯୦୫ ମହିଳା ପ୍ରାର୍ଥୀ ରହିଥିଲେ । ନଭେମ୍ବର ୨ରେ ଜେନେରାଲ ଷ୍ଟଡିଜ୍ ପେପର – ୧, ୨ ଏବଂ ୩ କରାଯିବ । ୪ ତାରିଖରେ ଜେନେରାଲ ଷ୍ଟଡିଜ୍ ପେପରର ୩, ୪ ଏବଂ ୫ ହେବ । ୭ ତାରିଖରେ ବିଭିନ୍ନ ଇଚ୍ଛାଧୀନ ବିଷୟଗୁଡ଼ିକରେ ପରୀକ୍ଷା କରାଯିବ । ଏ ନେଇ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ପ୍ରକାଶିତ ସଂଶୋଧିତ ସୂଚୀ ତାଲିକାରେ ସବିଶେଷ ଉଲ୍ଲେଖ କରାଯାଇଛି ।

ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ ଶୃଙ୍ଖଳ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ଖାଉଟି ମାନଙ୍କ ସୁବିଧା ପାଇଁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବାକୁ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଖାଉଟି ମାନଙ୍କ ନିକଟରେ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥାର ସୁନିଶ୍ଚିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ଏଥସହ କଳାବଜାରୀ ତଥା ଅସାଧୁ ବ୍ୟବସାୟୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗର କ୍ଷେତ୍ର ଅଧିକାରୀ ମାନଙ୍କୁ କୁହାଯାଇଛି । ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ରାଜ୍ୟର ପ୍ରମୁଖ ବଜାର ଗୁଡିକରେ ବିଭିନ୍ନ କିସମର ଡାଲି, ଖାଇବା ତେଲ ,ଚିନି, ଆଳୁ ଓ ପିଆଜର ମୂଲ୍ୟ ଗତ ସପ୍ତାହ ତୁଳନାରେ ପ୍ରାୟତଃ ସ୍ଥିର ରହିଥିବା ବେଳେ ବିଭାଗର କ୍ଷେତ୍ର ଅଧିକାରୀ ମାନେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର କ୍ରୟ ଓ ବିକ୍ରୟ ମୂଲ୍ୟ ପ୍ରତ୍ୟହ ଯାଞ୍ଚ କରୁଛନ୍ତି । ସେହିପରି ସ୍ଥାନୀୟ ଉତ୍ପାଦିତ ପନିପରିବା ବଜାରକୁ ଆସିଲେ ପରିବା ମୂଲ୍ୟରେ ଆଗାମୀ ଦିନରେ ହ୍ରାସ ଘଟିବ । ଯଦି ଅତ୍ୟାବଶ୍ୟକ ସାମଗ୍ରୀର କାଳବଜାରୀ ତଥା ମୁନାଫାଖୋର କାର୍ଯ୍ୟ କୌଣସି ସ୍ଥାନରେ ପରିଲକ୍ଷିତ ହୁଏ ତେବେ ସ୍ଥାନୀୟ ମୁଖ୍ୟ ଯୋଗାଣ ଅଧିକାରୀ କିମ୍ବା ଯୋଗାଣ ଅଧିକାରୀଙ୍କ ନଜରକୁ ତୁରନ୍ତ ଆଣିବା ପାଇଁ ଜନ ସାଧାରଣ ମାନଙ୍କୁ ପରାମର୍ଶ ଦିଆଯାଇଛି ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ ଅବସରରେ

ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀଙ୍କ ଶପଥ ପାଠ

ଭୁବନେଶ୍ୱର, (ସବ୍ୟୁ): ଦୁର୍ନୀତି ବିରୁଦ୍ଧରେ ସଚେନତା ସୃଷ୍ଟି ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଆଜିଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ 'ସାଧୁତାରୁ ସମୃଦ୍ଧି' ରହିଛି । ଏହି କ୍ରମରେ ଆଜି ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଶପଥ ପାଠକରିଛନ୍ତି । ସାରା ରାଜ୍ୟରେ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ ଉପଲକ୍ଷେ ଆଜି ସୂଚନା ଓ ଲୋକସଂପର୍କ ବିଭାଗଠାରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠକରିଥିଲେ । ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ନିଜ ଆଚରଣ ଓ କର୍ତ୍ତବ୍ୟ ସଂପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଞ୍ଚ ଦେବା ଓ ନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ । ଆଜିର ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ବିତ୍ତ ପରାମର୍ଶଦାତା ଶ୍ରୀମତୀ ନିର୍ଝରିଣୀ ସାମନ୍ତସିଂହରାୟ ଙ୍କସମତେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠକରିଥିଲେ ।



ଅଡି ଇଣ୍ଡିଆର ନୂଆ ଅଡି କ୍ୟୁ୩ ବଜାର ପ୍ରବେଶ

ଭୁବନେଶ୍ୱର,(ସବ୍ୟୁ): ଅଡି ଇଣ୍ଡିଆ ପକ୍ଷରୁ ଭାରତରେ ନୂଆ ଅଡି କ୍ୟୁ୩ ଲକଜରୀ ଏସୟୁଭିର ଶୁଭାରମ୍ଭ କରାଯାଇଛି । ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ମୂଲ୍ୟ ୫୧.୯୯ ଲକ୍ଷ ଟଙ୍କା ରହିଛି । ଏଥିରେ ୧୫୦ କିଲୋଓ୍ୱାଟର ପାଓ୍ୱାର, କ୍ୱାଟ୍ରୋ ଅଲ୍-ହ୍ୱିଲ୍ ଡ୍ରାଇଭ୍, ପାନୋରାମିକ୍ ଡିସ୍ପ୍ଲେ, ହେଡ୍-ଅପ୍ ଡିସ୍ପ୍ଲେ ଓ ସୋନୋସ୍ ପ୍ରିମିୟମ୍ ସାଉଣ୍ଡ ସିଷ୍ଟମ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି ।ଏହି କାରକୁ ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜିନଗରସ୍ଥିତ ଏ ସ୍ ଏ ଭି ଡ ବ୍ଲ୍ୟୁଆ ଇ ପି ଏ ଲ୍ କାରଖାନାରେ ଆସେମ୍ବଲ୍ କରାଯାଉଛି । ଏହା ପାଞ୍ଚଟି ବାହ୍ୟ ରଙ୍ଗ ଓ ଦୁଇଟି ଇଣ୍ଟେରିୟର୍ ରଙ୍ଗରେ ଉପଲବ୍ଧ ହେବ । ଅଡି ଇଣ୍ଡିଆର ଅଧିକାରୀମାନେ ଏହି ଶୁଭାରମ୍ଭକୁ ଭାରତୀୟ ଲକ୍‌ରୀ କାର୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି ।

ଲୋକାର୍ପିତ ହେଲା ଓମ୍ ବିହାର ର ରାସ୍ତା ଓ ଡ୍ରେନ୍

ଜନସାଧାରଣଙ୍କ ଆବଶ୍ୟକତା ପୂରଣ ମୋର ପ୍ରାଥମିକତା : ଅପରାଜିତା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ର ଜନସାଧାରଣଙ୍କ ଆବଶ୍ୟକତା ପୂରଣ ମୋର ପ୍ରଥମ ପ୍ରାଥମିକତା । ଜନସେବା ହିଁ ଆମର ସଂକଳ୍ପ, ଜନସାଧାରଣଙ୍କ ସନ୍ତୋଷ ହିଁ ଆମର ସଫଳତା । ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନର ଉଚିତ୍ ବ୍ୟବସ୍ଥା ସହିତ ପାନୀୟ ଜଳ,ବିଜୁଳି ଯୋଗାଣ ଇତ୍ୟାଦି କୁ ନେଇ ସବୁବେଳେ କାର୍ଯ୍ୟ ଚାଲିଥିବା ବେଳେ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ର ଉନ୍ନତି ପାଇଁ ମଧ୍ୟ ବିଭିନ୍ନ ସ୍ୱେରେଜ୍ ଓ ଡ୍ରେନେଜ୍ କାର୍ଯ୍ୟ ଆବଶ୍ୟକତା ମୁତାବକ ଜାରି ରହିଛି । ତେବେ ଏହି ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ସୋମବାର ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣୀବିହାର ମଣ୍ଡଳର ୧୦ ନମ୍ବର ୱାର୍ଡର ଓମ୍ ବିହାର ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଲୋକାର୍ପଣ କରାଯାଇଛି । ପାଖାପାଖି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଲୋକ ମାନଙ୍କ ଜୀବନ ଧାରଣ ର ମାନ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ । ଗତ ୨୦୨୫ ମସିହା ଫେବୃଆରୀ ମାସରେ ସ୍ଥାନୀୟ ଜନସାଧାରଣ ଓମ୍ ବିହାର ଅଞ୍ଚଳର ରାସ୍ତା ଓ ଡ୍ରେନ୍ ସମସ୍ୟା ସମ୍ପର୍କରେ




ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କୁ ଅବଗତ କରାଇଥିଲେ । ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗ, ସମନ୍ୱୟ ଓ ଅକ୍ଲାନ୍ତ ପ୍ରୟାସ ଫଳରେ ଆଜି ଏହି କାର୍ଯ୍ୟ ସଫଳ ରୂପ ନେଇପାରିଛି ବୋଲି କହିଛନ୍ତି ସାଂସଦ । ଏହି ଅବସରରେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ସାଂସଦ ପ୍ରତିନିଧି ପ୍ରଣୟ କାରଣ, ମନ୍ମଥ ନାୟକ, ଓମ୍ ବିହାର କମିଟି ସଭାପତି ରମାକାନ୍ତ ପଣ୍ଡା , ରଜତ ପାତ୍ର, ମଣ୍ଡଳ ସଭାପତି ଲିପା ଦାସ,ୱାର୍ଡ ସଭାପତି ସୌଭାଗ୍ୟ, ସ୍ଥାନୀୟ ତହସିଲଦାର, ବହୁ ନେତୃବୃନ୍ଦ, ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ବୟୋଜ୍ୟେଷ୍ଠ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କ ଣ୍ଟା ପ ଡ଼ା , (ସବ୍ୟୁ):କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଦାତ୍ରୟ ଭାଉ ସାହେବ ସିନ୍ଦେଙ୍କଦ୍ୱାରା ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କିତ ମୋଟ ୧୪୫ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୫୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ବିଶେଷ କରି କଣ୍ଟାପଡ଼ାରେ କୋର୍ଟ ସ୍ଥାପନ ନେଇ ହେଉଥିବା ବିଳମ୍ବ, ବେଆଇନ ବାଲିଘାଟ, ବୁଲା ଷ୍,,ଙ୍କ ଉପାତ, ସରକାରୀ ଜମି ଜବର ଦଖଲ, ଜଳସେଚନ ସମସ୍ୟା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟତ ଫୋକସ କରାଯାଇଥିଲା । ଏଥିରେ ବିଡ଼ିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡ଼ିଓ ରୁଚିତପସ୍ୱିନୀ ଦାସ, ତହସିଲଦାର, ଜିଲା ଆରକ୍ଷୀ ଅଧିକାରୀ, ଜିଲା ସ୍ୱାସ୍ଥ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟ କରିଥିଲେ । ବ୍ଲକର ବିଭିନ୍ନ ଲାଇନ ବିଭାଗର କର୍ମଚାରୀ ଶିବିର ପରିଚାଳନା କରିଥିଲେ ।

ରାଜ୍ୟ ପୋଲିସ ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କଟକ, (ସବ୍ୟୁ):ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-



୨୦୨୬ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ଦୁର୍ନୀତି ନିବାରଣ, ସାଧୁତା ଓ ସଚ୍ଚୋଟତା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକିକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ ।

ଶପଥ ଗ୍ରହଣ ସମୟରେ, ସାଧାରଣ ଜୀବନ ଓ ସରକାରୀ ସେବାରେ ସ୍ୱଚ୍ଛତା, ସଚ୍ଚୋଟତା, ସାଧୁତା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ସହିତ ଦୁର୍ନୀତି ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପ ନିଆଯାଇଥିଲା । ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରି ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ପାଇଁ ପ୍ରତ୍ୟେକ କର୍ମଚାରୀ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଏହି ସଚେତନତା ସପ୍ତାହ ମାଧ୍ୟମରେ ଆହ୍ୱାନ ଦିଆଯାଇଛି ।

ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇ.ଜି.ପି (କାର୍ମିକ) ଏସ. ପ୍ରବୀଣ କୁମାର, ଆଇ.ଜି.ପି (ପ୍ରୋଭିଜନିଂ) ନୀତି ଶେଖର ଏବଂ ଡି.ଆଇ.ଜି.ପି (କାର୍ମିକ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ରାଜ୍ୟ ପୋଲିସ ମୁଖ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ଭାରତ ସରକାର

ସର୍ବସାଧାରଣ ବିଜ୍ଞପ୍ତି

'ମାର୍କେଟ ସାଉଣ୍ଡିଂ' ଅଧିବେଶନ

୧୧ଟି ବିମାନ ବନ୍ଦର ପାଇଁ ପ୍ରସ୍ତାବିତ ପିପିପି ରିହାତି

ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଦେଶରେ ବିମାନ ବନ୍ଦର ଭିତ୍ତିଭୂମିର ପରିଚାଳନା, ପ୍ରବନ୍ଧନ ଏବଂ ବିକାଶ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ, ୧୧ଟି ବିମାନ ବନ୍ଦର ପାଇଁ 'ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍' (ପିପିପି)ବା ସରକାରୀ-ଘରୋଇ ଭାଗୀଦାରୀ ମାଧ୍ୟମରେ ରିହାତି ପ୍ରଦାନର ତୃତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛି । ଏହି ବିମାନ ବନ୍ଦରଗୁଡ଼ିକୁ ପାଞ୍ଚଟି ଗୋଷ୍ଠୀରେ ବିଭକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ, ମନ୍ତ୍ରଣାଳୟ ପକ୍ଷରୁ 'ମାର୍କେଟ ସାଉଣ୍ଡିଂ' ଅଧିବେଶନ ଆୟୋଜନ କରାଯାଉଛି, ଯେଉଁଠାରେ ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପସ୍ଥାପନ କରାଯିବ, ଏହାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ସୂଚନା ଦିଆଯିବ ଏବଂ ସମ୍ଭାବ୍ୟ ଅଂଶୀଦାରମାନଙ୍କଠାରୁ ମତାମତ ଗ୍ରହଣ କରାଯିବ ।

ଦିଲ୍ଲୀ ଅଧିବେଶନ ସମ୍ବନ୍ଧୀୟ ବିବରଣୀ

ଶୁକ୍ରବାର, ୩୦ ଅକ୍ଟୋବର ୨୦୨୬	ପୂର୍ବାହ୍ନ ୧୧ଟା – ଅପରାହ୍ନ ୨ଟା	ଏଏଆଇଓଆଇ , ସଫଦରଜଙ୍ଗ ବିମାନ ବନ୍ଦର, ନୂଆଦିଲ୍ଲୀ	ପଦ୍ଧତି କେବଳ ବ୍ୟକ୍ତିଗତ ଉପସ୍ଥିତି

ଅଂଶଗ୍ରହଣ ପାଇଁ ଅନୁରୋଧ

ଦୟାକରି ଏକ ସରକାରୀ ଇମେଲ୍ ଠିକଣାରୁ ଅନୁରୋଧ ପଠାନ୍ତୁ । ଏଥିସହିତ ଅଂଶଗ୍ରହଣ କରୁଥିବା ସଂସ୍ଥାର ଏକ ସଂକ୍ଷିପ୍ତ ବିବରଣୀ , ପ୍ରତିନିଧିମାନଙ୍କ ନାମ (ପ୍ରତ୍ୟେକ ସଂସ୍ଥାରୁ ସର୍ବାଧିକ ୨ ଜଣ), ସେମାନଙ୍କ ପଦବୀ, ସରକାରୀ ଇମେଲ୍ ଆଇଡି, ଫୋନ୍ ନମ୍ବର ଏବଂ ଠିକଣା ଉଲ୍ଲେଖ କରି ନିମ୍ନରେ ଦିଆଯାଇଥିବା ଇମେଲ୍ ଠିକଣାକୁ ପଠାନ୍ତୁ ।

ଇମେଲ୍: gmsiuaai.aero

ଉତ୍ତର ଦେବାର ଶେଷ ସମୟ: ବୁଧବାର, ୨୮ ଅକ୍ଟୋବର ୨୦୨୬, ଅପରାହ୍ନ ୫ଟା

ମନ୍ତ୍ରଣାଳୟ ପ୍ରାପ୍ତ ଅଂଶଗ୍ରହଣ ଅନୁରୋଧଗୁଡ଼ିକର ସମୀକ୍ଷା କରିବ ଏବଂ ସଂସ୍ଥାଗୁଡ଼ିକର ବୈଠକ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନାମାଙ୍କିତ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶନା ସହିତ ପ୍ରବେଶ ପାସ୍ ପଠାଇବ ।

ମୁମ୍ବାଇ ଅଧିବେଶନର ତାରିଖ ଏବଂ ସ୍ଥାନ ମନ୍ତ୍ରଣାଳୟର ୱେବସାଇଟରେ ସୂଚିତ କରାଯିବ ।

ଏହି ଅଭ୍ୟାସ କେବଳ ବଜାର ସାଉଣ୍ଡିଂ ପାଇଁ । ଏହା କୌଣସି ଟେଣ୍ଡର କିମ୍ବା ବିଡ୍ ପାଇଁ ଆମନ୍ତ୍ରଣ ନୁହେଁ ।
ଅଂଶଗ୍ରହଣ ପରବର୍ତ୍ତୀ ବିଡ୍ ପ୍ରକ୍ରିୟାରେ କୌଣସି ପସନ୍ଦ ପ୍ରଦାନ କରିବ ନାହିଁ ।

CBC 03111/15/0013/2627


ଅଶୋକନଗର


ବାପୁଜୀନଗର


ଚନ୍ଦ୍ରଶେଖରପୁର

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀ

ଆଲୋକମାଳାରେ ସଜେଇ ହେଲାଣି ଚୌଦ୍ୱାର

ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

ଚୌଦ୍ୱାର, (ସବ୍ୟୁ) : ଚୌଦ୍ୱାର ପ୍ରସିଦ୍ଧ ଐତିହାସିକ ରୂପଯାତ୍ରା ପାଇଁ ସମସ୍ତ ପୂଜାମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ହୋଇଥିବାବେଳେ ଦୋକାନବଜାର ଓ ରାସ୍ତାର ଉଭୟ ପାର୍ଶ୍ୱରେ ଲିଚୁ ଓ ଏଲଇଡ଼ି ଲାଇଟ୍‌ରେ ଅନେକ ସ୍ଥାନରେ ଆଲୋକ ତୋରଣ ନିର୍ମାଣ କରାଯାଇଛି । ୪୩ଗୋଟି ମେଢ଼ ମଣ୍ଡପ ମଧ୍ୟରୁ ଯେଉଁଠି ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ହୁଏ ଷଷ୍ଠୀ ତିଥିରୁ ପୂଜା ହୋଇଆସୁଥିବା ବେଳେ ମହାଦେବ ମେଢ଼ ଗୁଡ଼ିକ ଦଶମୀ ତିଥିରୁ ପୂଜା ହୋଇଆସୁଛନ୍ତି । ଯେଉଁ ମଣ୍ଡପ ଗୁଡ଼ିକରେ ପୂଜା କମିଟି ତରଫରୁ ମା'ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି କରାଯାଇଥିଲା ସେଠାରେ ରବିବାର ଦିନ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ରବିବାର ଠାରୁ ଅନେକ ମଣ୍ଡପ ମାନଙ୍କର ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ । ଆଜି ସୋମବାର ଦିନ ବିଭିନ୍ନ ପୂଜା ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ମଙ୍ଗଳବାର ରୂପପଯାତ୍ରା କମିଟି ତରଫରୁ ପାରମ୍ପରିକ ଭାବେ ଯାତ୍ରା ପଡ଼ିଆରେ ସୂଚନାଭବନ ଓ 'ବିରାଟ ଚୌଦ୍ୱାର' ଉନ୍ମୋଚନ କରାଯିବ । ମଙ୍ଗଳବାର ଦିନ ମେଲଣ ପଡ଼ିଆରେ ସମସ୍ତ ଦୋକାନ ବଜାର, ରାମଦୋଳି, ଚିଡ଼ିଆଖାନା ଠାରୁ ଆରମ୍ଭ କରି ମନୋହରି ଓ ବିଭିନ୍ନପ୍ରକାର ଖାଦ୍ୟ ଷ୍ଟଲ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଖୋଲିଯିବ । ବୁଧବାର ସକାଳୁ ସମସ୍ତ ମେଢ଼ ଗୁଡ଼ିକ ମଣ୍ଡପରୁ ବାହାରି ନିଜ ନିଜର ସାହି ପରିକ୍ରମା କରି ଯାତ୍ରା ପଡ଼ିଆ ଅଭିମୁଖେ ବାହାରିବେ ଓ ୨୯ ତାରିଖ ଗୁରୁବାର ସକାଳୁ କମିଟି ଠାରୁ ଛନ୍ଦା ନେଇ କ୍ରମିକ ନମ୍ବର ଅନୁସାରେ ଭସାଣି ଶୋଭାଯାତ୍ରାରେ ଯାଇ ବିସର୍ଜିତ ହେବେ । ୩୦ ତାରିଖ ଶୁକ୍ରବାର ଦିନ କିଣାବିକା ପାଇଁ ମେଲଣ ପଡ଼ିଆରେ ସମସ୍ତ ଦୋକାନ ବଜାର ଖୋଲା ରହିବ । କିନ୍ତୁ ସାମ୍ଭାବ୍ୟ ବାତ୍ୟାକୁ ନେଇ ସମସ୍ତ ଯାତ୍ରା କମିଟି ସନ୍ଦୀହାନ୍‌ରେ ଥିବା ବେଳେ ଯଦି ବାତ୍ୟା ଆସେ ରୂପଯାତ୍ରା କମିଟି ତରଫରୁ ତତ୍‌କ୍ଷଣାତ୍ ନିଷ୍ପତ୍ତି ନିଆଯାଇ ଯୋଜନାରେ ପରିବର୍ତ୍ତନ ହୋଇପାରେ ବୋଲି ଆଶଙ୍କା ରହିଛି । ରୂପଯାତ୍ରା କମିଟି, ଚୌଦ୍ୱାର ପୌରପାଳିକା, ଟିପିସିଓଡିଏଲ, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଓ ବିଭିନ୍ନ ସରକାରୀସ୍ତରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଥିବାବେଳେ ଚୌଦ୍ୱାରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନର ସଦସ୍ୟମାନେ ମଧ୍ୟ କମିଟିକୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଲକ୍ଷାଧିକ ଲୋକଙ୍କର ଜନସମାଗମକୁ ଆଖି ଆଗରେ ରଖି ଚୌଦ୍ୱାର ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ୨୦ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି ବୋଲି ଥାନା ଅଧିକାରୀ ବିକାଶ ସେଠୀ ପ୍ରକାଶ କରିଛନ୍ତି ।

ଅସୁରକ୍ଷିତ ଜେନାପୁର ଥାନା ଇଲାକା : ସୀମା ଟପିଲା ଚୋରି, ଡକାୟତି ଓ ରାହାଜାନୀ

ଗୋଟିଏ ବି ଘଟଣାରେ ଧରାପଡ଼ୁ ନାହାନ୍ତି ଅଭିଯୁକ୍ତ, ବଢ଼ୁଛି ଜନ ଆକ୍ରୋଶ

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଞ୍ଚଳ ଏବେ ଚୋର,ଡକାୟତ ଓ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିଛି। ସ୍ଥାନୀୟ ଥାନା ପୋଲିସର ଅପାରଗତା ଓ ଦାୟିତ୍ୱହୀନ କାର୍ଯ୍ୟକଳାପ ଯୋଗୁଁ ବାରମ୍ବାର ଏହି ଅଞ୍ଚଳରେ ଚୋରୀ, ଡକାୟତି, ରାହାଯାନୀ, ରାସ୍ତା ରବରି ଘଟଣା ଘଟି ଚାଲିଛି। ଚଳିତ ଦୁଇ ତିନି ମାସ ମଧ୍ୟରେ ଏହି ଥାନା ଅନ୍ତର୍ଗତ ଚାରିଟି ସ୍ଥାନରେ ରାସ୍ତା ରବରିରେ ଦୁଇଜଣ ବ୍ୟବସାୟୀ ଓ ଜଣେ ଶିକ୍ଷୟିତ୍ରୀ ଲକ୍ଷାଧିକ ଟଙ୍କା ଓ ବହୁ ସୁନା ଅଳଙ୍କାର ହରାଇ ଥିଲା ବେଳେ ଜଣେ ପୂର୍ବତନ ସରପଞ୍ଚଙ୍କ ଘରୁ ଏକ ବଡ ଧରଣର ଚୋରି ହୋଇଛି। ଏଥି ପୂର୍ବରୁ ଉକ୍ତ ଥାନାର ପନ୍ତୁରୀ ଗ୍ରାମରେ ବଡଚଣା ପୋଲିସକୁ ଆକ୍ରମଣ କରି ଅଭିଯୁକ୍ତକୁ ପୋଲିସ ଠାରୁ ଛଡାଇ ନେବାସହ ପୋଲିସ ଗାଡି ଭଙ୍ଗାରୁଜା,କଣ୍ଟାପାଟଣା ଗ୍ରାମରେ ବାସୁଦେବ ସିଂଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା,ମର୍ଯ୍ୟାଦାପୁର ଗ୍ରାମରେ ଜଣେ ଜନସେବା କେନ୍ଦ୍ର ଅପରେଟରଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତକୁ ଗିରଫ କରି ପରେ ଥାନାରୁ ଛାଡିଦେବା ଓ ବାଉଁଶମୂଳି ଗ୍ରାମରେ ଜଣେ ମାନଶୀକ ବାଧିତ ମହିଳାଙ୍କୁ ଘରେପଶି ବଳାତ୍କାର ଘଟଣା ଠାରୁ ଆରମ୍ଭ କରି ଏହି ସମୟ ମଧ୍ୟରେ ୪ରୁ ଉର୍ଦ୍ଧ୍ୱ ଖଣି ଚୋରି ଓ ପଥର ଖଣିରେ ଏକାଧିକ ନିରିହ ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା ଘଟିଯାଇଛି । ହେଲେ କୌଣସି ଗୋଟିଏ ବି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସକୁ ଅଦ୍ୟାବଧି ସଫଳତା ମିଳିନାହିଁ। ଯେଉଁଥି ପାଇଁ ଏହି ଥାନା ଅଞ୍ଚଳକୁ ଅପରାଧିମାନେ ସୁରକ୍ଷିତ ଇଲାକା ମନେକରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଉକ୍ତ ଥାନାର ଡଙ୍କାରୀ ଗ୍ରାମର ପୂର୍ବତନ ସରପଞ୍ଚ ଗୋକୁଳି ଦାଶଙ୍କ ଘରେପଶି ଗତ ୧୧ ତାରିଖ ରାତିରେ ୪ଜଣ ଦୁର୍ବୃତ୍ତ ଶ୍ରୀ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ବନ୍ଧୁକ ଓ କଟୁରୀ ଦେଖାଇ ନଗଦ ୫୦ ହଜାର ଟଙ୍କା ସହିତ ପ୍ରାୟ ୩୦ ଲକ୍ଷ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣାର ୪/୫ ଦିନ ପୂର୍ବରୁ ମଧୁପୁରଗଡ ପଞ୍ଚାୟତର ବାଉଁଶମୂଳି ଗ୍ରାମର ଜଣେ ମାନଶୀକ ବାଧିତ ମହିଳାଙ୍କୁ ଘରେପଶି ଜଣେ ଯୁବକ ବଳାତ୍କାର କରି ଅତି ସହଜରେ ଖସି ଯାଇଥିଲା। ରାସ୍ତା ମଝିରେ କାର ଅଟକାଇ ସରସ୍ୱତୀ ପଣ୍ଡା ନାମକ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଠାରୁ ଦୁଇଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟପାଟ କରିଥିଲେ। ଏଥିନେଇ ଜେନାପୁର ଥାନାରେ ମାମଲା ମଧ୍ୟ ପଞ୍ଜିକଳଣ ହୋଇଛି। ଏହି ଘଟଣା ପୂର୍ବରୁ ଅଗଷ୍ଟ ମାସ ୩୧ ତାରିଖରେ ଉକ୍ତ ଥାନାର ମର୍ଯ୍ୟାଦାପୁର ଗ୍ରାମର ଜନସେବା କେନ୍ଦ୍ର ଚଳାଉଥିବା ରଶ୍ମୀରଞ୍ଜନ ତରାଇଙ୍କୁ କେତେକ ବ୍ୟକ୍ତି ସଂଘବଦ୍ଧ ମରଣାତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ଥାନାରେ ହତ୍ୟା ଉଦ୍ୟମ ଦଫା ଲଗାଇ କେଶ ପଞ୍ଜିକୃତ କରିବା ସହ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିଲା। ହେଲେ ସଙ୍ଗିନ ଦଫାରେ ଗିରଫ ହୋଇଥିବା ଏହି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ପୋଲିସ ସସମ୍ମାନେ ଥାନାରୁ ଛାଡିଦେଇଥିଲା। ଉକ୍ତ ଘଟଣା ପୂର୍ବରୁ ଅଗଷ୍ଟ ମାସ ୧୯ ତାରିଖ ରାତିରେ ବଡଚଣା ଥାନା ପୋଲିସ ଉକ୍ତ ଥାନାର ପନ୍ତୁରୀ ଗ୍ରାମରେ ଲୁଚିଥିବା ଜଣେ ଅଭିଯୁକ୍ତକୁ ଧରି ଗାଡିରେ ବସାଇ ଆଣିବା ବେଳେ ପୋଲିସ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ବଡଚଣା ଥାନାର ଏଏସଆଇ ସୁବ୍ରତ ପ୍ରଧାନ ଓ ଅନ୍ୟଜଣେ ମହିଳା କନଷ୍ଟେବଳ ଗୁରୁତର ଆହତ ହେବା ସାଙ୍ଗକୁ ପୋଲିସ ଗାଡି ଭାଙ୍ଗି ଯାଇଥିଲା।ଏଥିନେଇ ଜେନାପୁର ଥାନାରେ ୨୩୫/୨୬ ନମ୍ବରରେ ମଧ୍ୟ ଏକ ମାମଲା ପଞ୍ଜିକୃତ ହୋଇଥିଲା। ହେଲେ ଏପରି ସ୍ପର୍ଶ କାତର ଘଟଣାକୁ ପୋଲିସ ଗୁରୁତ୍ୱ ନଦେଇ ଅଦ୍ୟାବଧି ଚାପିରଖିଥିବା ଅଭିଯୋଗ ହୋଇଛି। ଏତଦ୍ ଭିନ୍ନ ଉକ୍ତ ଥାନା ଅଞ୍ଚଳରେ ଥିବା ବିଭିନ୍ନ କଳା ପଥର ଖଣିରୁ ପଥର ଚୋରି ନେଇ ଯାଜପୁର ଜିଲ୍ଲା ଖଣି ଅଧିକାରୀ (ଡିଡିଏମ)ଙ୍କ ପକ୍ଷରୁ ଏକାଧିକ ଏତଲା ଦାୟର ହୋଇଥିଲେ ମଧ୍ୟ ଦୀର୍ଘ ଦିନହେବ ସେଥିରୁ ୪/୫ଟି ଏତଲା ଥାନାରେ ପଞ୍ଜିକୃତ ହୋଇଛି। ଏଥିସହ ଏଇ ମଧ୍ୟରେ ବିଭିନ୍ନ ବେଆଇନ ପଥର ଖଣିରେ ଦୁର୍ଘଟଣା ଘଟିଚାଲିବା ସହ ଏକାଧିକ ଶ୍ରମିକଙ୍କ ରହସ୍ୟ ଜନକ ମୃତ୍ୟୁ ଘଟୁଛି। ହେଲେ ଏପରି ଜଘନ୍ୟ ମାମଲାରେ ମଧ୍ୟ ପୋଲିସ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କୌଣସି ଗୋଟିଏ ବି ମାମଲାରେ ଅଭିଯୁକ୍ତ ଧରା ନପଡିବାକୁ ନେଇ ପୋଲିସର ଅପାରଗତାକୁ ହିଁ ଲୋକେ ଦାୟି କରିଛନ୍ତି। ଯାହାକୁ ନେଇ ଏବେ ଜେନାପୁର ଥାନା ଅଞ୍ଚଳ ଜନସାଧାରଣଙ୍କ ପାଇଁ ଅସୁରକ୍ଷିତ ବୋଲି ଆଲୋଚନା ହେଉଛି। ଅପରପକ୍ଷରେ ଜିଲ୍ଲାର ଅନ୍ୟ ଥାନା ଅଞ୍ଚଳରେ ଘଟୁଥିବା ଘଟଣା ଗୁଡିକରେ ସଂପୃକ୍ତ ଆସାମୀ ମାନଙ୍କୁ ଗିରଫ କରାଯାଉଥିବା ସ୍ଥଳେ ଜେନାପୁର ଥାନାରେ ଘଟୁଥିବା ମାଳମାଳ ଅତି ଜଘନ୍ୟ ମାମଲାରେ କାହିଁକି ପୋଲିସ ସ୍ଥାଣୁତା ଅବଲମ୍ବନ କରୁଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ହଠିକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ପ୍ରତି କଂଗ୍ରେସ ଅଧ୍ୟକ୍ଷ ଦେଇଥିବା ମନ୍ତବ୍ୟ

ରାଜନୀତିରେ ଭାଷା ଓ ମର୍ଯ୍ୟାଦା ସୀମା ଭିତରେ ରହିବା ଜରୁରୀ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ରାଜନୀତିରେ ଆଦର୍ଶ, ବିଚାରଧାରା ଓ ମର୍ଯ୍ୟାଦାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜନୀତି ଆଦର୍ଶବାଦ ତଥା ବିଚାରଧାରା ଉପରେ ପର୍ଯ୍ୟବେଶିତ। ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ମତଭେଦ ଆଳରେ ନିଜର ମର୍ଯ୍ୟାଦା ଓ ରାଜନୈତିକ ଆଦର୍ଶକୁ ଉଲ୍ଲଂଘନ କରିବା ଉଚିତ ନୁହେଁ। ଅତୀତରେ ବିଜେପି ଦୀର୍ଘ ବର୍ଷ ଧରି ବିରୋଧୀ ଦଳ ଭୂମିକାରେ ଥିବାରୁ ବିରୋଧୀ ଦଳ ଦାୟିତ୍ୱ କ'ଣ ବୁଝିଛି। ବିରୋଧୀ ଦଳ ଭାବେ କଂଗ୍ରେସ ନିଜର ଦାୟିତ୍ୱ ଓ ଭୂମିକାକୁ ବୁଝିବା ଆବଶ୍ୟକ। ଦୀର୍ଘ ବର୍ଷ ଧରି ଦେଶର ଶାସନ କରିଥିବା କଂଗ୍ରେସ କ୍ଷମତାରେ ନଥିବା ଯୋଗୁ ହତାଶ ଓ ନିରାଶ ହୋଇଯାଇଛି, ଯାହାର ପ୍ରଭାବ ରାଜନୈତିକ ବୟାନବାଜିରେ ପ୍ରତିଫଳିତ ହେଉଛି ବୋଲି ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ସ୍ୱର୍ଗତଃ



ଅଟଳ ବିହାରୀ ବାଜପେୟୀ, ଅରୁଣ ଜେଟଲୀ ପ୍ରମୋଦ ମହାଜନ ଓ ସୁଷମା ସ୍ୱରାଜଙ୍କ ଭଳି ବିଜେପି ନେତାମାନଙ୍କ ରାଜନୈତିକ ଯାତ୍ରା ଜନଜୀବନରେ କାର୍ଯ୍ୟରତ ସମସ୍ତ ନେତୃବୃନ୍ଦଙ୍କ ପାଇଁ ଅନୁକରଣୀୟ। ସେମାନେ କେବେ ବି ଭାଷା ଏବଂ ମର୍ଯ୍ୟାଦା ବାହାରକୁ ଯାଇକି ରାଜନୀତି କରିନାହାନ୍ତି। ରାଜନୀତିରେ ନିଜର ମତ ରଖିବା ସମୟରେ ଭାଷା ଓ ମର୍ଯ୍ୟାଦାର ସୀମା ଭିତରେ ରହିବା ଜରୁରୀ। ଜଣେ ଦାୟିତ୍ୱସମ୍ପନ୍ନ ରାଜନୈତିକ ନେତାଙ୍କଠାରୁ ରାଷ୍ଟ୍ରୀୟ ସ୍ୱାଭିମାନ ଓ ଦାୟିତ୍ୱପୂର୍ଣ୍ଣ ବକ୍ତବ୍ୟ ଆଶା କରାଯାଏ। ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଏଭଳି ବକ୍ତବ୍ୟକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଜନସାଧାରଣ ହିଁ ଏଭଳି ହୀନ ଓ ସଂସ୍କାରବିହୀନ ରାଜନୈତିକ ଆଚରଣର ଉଚିତ ଜବାବ ଦେବେ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି।

ମନ୍ଦିର ପୂଜାକୁ ନେଇ ଦୁଇ ଗାଁ ମଧ୍ୟରେ ରକ୍ତାକ୍ତ ସଂଘର୍ଷ, ୫ ଆହତ, ଫୋର୍ସ ମୁତୟନ

ଭୁବନେଶ୍ୱର,(ସବ୍ୟୁ): ରାଜଧାନୀ ଉପକଣ୍ଠ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ମଦନପୁର ଓ ବଡ଼ ରଘୁନାଥପୁର ଗାଁ ମଧ୍ୟରେ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପୂଜାକୁ ନେଇ ସୋମବାର ରକ୍ତାକ୍ତ ସଂଘର୍ଷ ହେବାରୁ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ମନ୍ଦିର ପାଖରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯିବା ସହ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ରହି ଦୁଇ ଗାଁ ମଧ୍ୟରେ ବୁଝାମଣା କରିବାକୁ ଉଦ୍ୟମ କରୁଛନ୍ତି। ଉତ୍ତେଜନା ପାଇଁ ଫୋର୍ସ ମୁତୟନ ହେଇଥିବାରୁ ନୀଳକଣ୍ଠେଶ୍ୱର ମନ୍ଦିର ଭିତରକୁ କାହାରିକୁ ଛଡା ନଯିବାରୁ ରାସ୍ତାରେ ଠାକୁରଙ୍କୁ ପୂଜା କରାଯାଉଥିବା ଦେଖିବାକୁ ମିଳିଛି। ମନ୍ଦିର ପାଚେରୀ ନିର୍ମାଣକୁ ନେଇ ମଧ୍ୟ ମଦନପୁର- ବଡ଼ ରଘୁନାଥପୁର ଗାଁ ମଧ୍ୟରେ ପୂର୍ବରୁ ବିବାଦ ସୃଷ୍ଟି ହୋଇଥିଲା। ସୋମବାର ବଡ଼ ରଘୁନାଥପୁର ଗାଁ ଲୋକେ କାର୍ତ୍ତିକମାସ ପ୍ରଥମ ସୋମବାର ପୂଜା କରିବାକୁ ଯାଇଥିବା ବେଳେ ସେମାନଙ୍କୁ ମାରଣାସ୍ତ୍ରରେ ମଦନପୁର ଗାଁ ଲୋକେ ଆକ୍ରମଣ କରିବାରୁ ସଂଘର୍ଷ ହୋଇଥିଲା । ଖବର ପାଇ ପୋଲିସ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ଏମ୍ସକୁ ପଠାଇ ବୁଝାସୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ହୋଇନଥିଲା । ଫୋର୍ସ ମୁତୟନ କରାଯିବା ସହ ଦୁଇ ଗାଁ ଲୋକଙ୍କୁ ନେଇ ଗଠିତ ଶାନ୍ତି କମିଟି ବୈଠକ ବୁଧବାର ଅନୁଷ୍ଠିତ ହେବ ବୋଲି ପୋଲିସ କହିଛି ।

ତନିଷ୍କର ସହିଦନଗର ଷ୍ଟୋର ଉଦ୍‌ଘାଟିତ

ଓଡ଼ିଶାରେ ଷ୍ଟୋର ସଂଖ୍ୟା ୨୧କୁ ବୃଦ୍ଧି

ଭୁବନେଶ୍ୱର,(ସବ୍ୟୁ) : ଟାଟା ଗ୍ରୁପ୍‌ର ଅଳଙ୍କାର ବ୍ରାଣ୍ଡ ତନିଷ୍କ ପକ୍ଷରୁ ଭୁବନେଶ୍ୱରର ସହିଦ ନଗରଠାରେ ଏକ ନୂତନ ଷ୍ଟୋର ଉଦଘାଟନ କରାଯାଇଛି । ଏହା ସହ ଓଡ଼ିଶାରେ ତନିଷ୍କ ଷ୍ଟୋର ସଂଖ୍ୟା ୨୧ରେ ପହଞ୍ଚିଛି । ୧୧,୦୦୦ ବର୍ଗଫୁଟ୍ ପରିମିତ ଏହି ଷ୍ଟୋର ଜନପଥ ରୋଡ୍, ମହର୍ଷି କଲେଜ ଛକ ନିକଟରେ ଅବସ୍ଥିତ । ଷ୍ଟୋରଟି ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଶୈଳୀରୁ ପ୍ରେରଣା ନେଇ ନିର୍ମାଣ କରାଯାଇଛି । ଏଠାରେ ସୁନା, ହୀରା, ପ୍ରାକୃତିକ ରଙ୍ଗୀନ ପଥର ଓ ପୋଲକି ଅଳଙ୍କାରର ବିଭିନ୍ନ ସଂଗ୍ରହ ଉପଲବ୍ଧ ହେବ । ଉଦଘାଟନ ଅବସରରେ ତନିଷ୍କ ପକ୍ଷରୁ ସୁନା ଗହଣା କିଣାରେ ଗ୍ରାମ୍ ପିଛା ୩୦୧ ଟଙ୍କା ପର୍ଯ୍ୟନ୍ତ ରିହାତି, ମେକିଂ ଚାର୍ଜରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଛାଡ଼ ଏବଂ ପୁରୁଣା ସୁନା ବଦଳରେ



ନୂଆ ସୁନା ଗହଣା କିଣିବାର ସୁବିଧା ଘୋଷଣା କରାଯାଇଛି । ଏହି ଅଫରଗୁଡ଼ିକ ୨୬ ଅକେଫାବରରୁ ଲାଗୁ ହୋଇଛି ।ଟାଟା କମ୍ପାନୀ ଲିମିଟେଡର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସାହା ଗୌରବ କ୍ରିଷ୍ଣା କହିଛନ୍ତି ଯେ, ଏହି ନୂତନ ଷ୍ଟୋର ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ସମ୍ମାନ ଜଣାଇବା ସହ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଅଳଙ୍କାର କିଣା ଅନୁଭୂତି ପ୍ରଦାନ କରିବ ।

ଡିସେମ୍ବର ୧୪କୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରାଯିବ

ଭୁବନେଶ୍ୱର, (ସବ୍ୟୁ): ଗତ ଦୁଇବର୍ଷ ଧରି ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପୁରସ୍କୃତ କରିଆସୁଥିବା ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ମାସ ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରାଯାଇଛି। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ, ଉନ୍ନତ ଦେଶଗୁଡ଼ିକରେ ପ୍ରୁଫ୍-ସଂଶୋଧନକୁ ପ୍ରକାଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ବିବେଚନା କରାଯାଇ ତାହା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ। ମାତ୍ର ଆମ ଦେଶରେ, ବିଶେଷତଃ ଓଡ଼ିଶାରେ ପ୍ରୁଫ୍-ସଂଶୋଧନକୁ ଅଣଦେଖା କରାଯାଉଥିବାରୁ ପ୍ରକାଶନ କ୍ଷେତ୍ରରେ ଗୁରୁତର ସଂକଟ ପରିଲକ୍ଷିତ ହେଉଛି। ସଂପ୍ରତି ଆମ ରାଜ୍ୟରେ ଠିକ୍ ଭାବେ ପ୍ରୁଫ୍-ସଂଶୋଧନ ହେଉନଥିବାରୁ ପ୍ରକାଶିତ ପାଠ୍ୟପୁସ୍ତକ ସମେତ ସକଳ ପ୍ରକାର ପୁସ୍ତକରେ ବହୁସଂଖ୍ୟକ ତ୍ରୁଟି ପରିଲକ୍ଷିତ ହୋଇଥିବା ଶ୍ରୀ ମହାନ୍ତ ଉଲ୍ଲେଖ କରିଥିଲେ।

ସେ ପୁଣି ଦର୍ଶାଇଥିଲେ ଯେ, ଗୋପାଳକୃଷ୍ଣ ଗୋଖଲେଙ୍କ ଶିକ୍ଷା



ସମ୍ବନ୍ଧୀୟ ଲେଖାଗୁଡ଼ିକର ଗୁଜୁରାଟି ଭାଷାରେ ଅନୁବାଦକୁ ଛପାଯାଇ ମହାତ୍ମା ଗାନ୍ଧିଙ୍କ ପାଖକୁ ମୁଖବନ୍ଧ ଲେଖିବା ପାଇଁ ପଠାଯାଇଥିଲା। ମାତ୍ର ଯଥାବିଧି ପ୍ରୁଫ୍-ସଂଶୋଧନ ହୋଇନଥିବାରୁ ତହିଁରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହା ଗାନ୍ଧିଜୀଙ୍କୁ ବ୍ୟଥିତ କରିଥିଲା ଏବଂ ସେ ତ୍ରୁଟିପୂର୍ଣ୍ଣ ଛପା ଫର୍ଦ୍ଦ ଗୁଡ଼ିକୁ ଜାଳିଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଶ୍ରୀ ମହାନ୍ତ କହିଥିଲେ ଯେ, ସମାଜ ଆଗରେ ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ଉପସ୍ଥାପନ କରିବା ନିମିତ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରାଯାଇଥାଏ। ମାତ୍ର ଆମ ଦେଶରେ ପ୍ରୁଫ୍-ସଂଶୋଧନକୁ ଗୌଣ ବିବେଚନା କରାଯାଉଥିବାରୁ ଭାରତୀୟ ଭାଷାସମୂହରେ ଲିଖିତ ପୁସ୍ତକ ଆଦିରେ ବର୍ଣ୍ଣାଶୁଦ୍ଧି ଭରିଯାଉଛି। ପ୍ରୁଫ୍-ସଂଶୋଧନ ଉପରେ ଗୁରୁତ୍ୱ ଦେଲେ ଲେଖାରେ ଶୁଦ୍ଧତା ଆସିବ ଏବଂ ଆମର ଭାଷା ସଂକଟରୁ ମୁକ୍ତ ହୋଇପାରିବ। ତେଣୁ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ପ୍ରତିବର୍ଷ ଡିସେମ୍ବର ମାସ ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ଭାବେ ପାଳନ କରିବା ଲାଗି ଲେଖକ, ପ୍ରକାଶକ, ସାମ୍ବାଦିକ, ପୁସ୍ତକପ୍ରେମୀମାନଙ୍କୁ ନିବେଦନ କରାଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଅରବିନ୍ଦ ପଟ୍ଟନାୟକ, ବରିଷ୍ଠ ଦର୍ଶନଶାସ୍ତ୍ରବିତ୍ ଡକ୍ଟର ନାରାୟଣ ମହାନ୍ତି, ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ପବିତ୍ର କୁମାର ରଥ ଓ ବ୍ୟଙ୍ଗଲେଖକ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳ ଉପସ୍ଥିତ ଥିଲେ।

ବିଏସଏ ଗୋଲ୍ଡ ଷ୍ଟାର ୬୫୦ର ନୂଆ ସଂସ୍କରଣ

ଭୁବନେଶ୍ୱର.(ସବ୍ୟୁ): ବିଏସଏ ମୋଟରସାଇକେଲ୍ସ ପକ୍ଷରୁ ଭାରତରେ ଗୋଲ୍ଡ ଷ୍ଟାର ୬୫୦ର ଦୁଇଟି ନୂଆ ସଂସ୍କରଣ ବ୍ରୁକଲ୍ୟାଣ୍ଡସ୍ ବ୍ଲାକ୍ ଲିଗାସି ଏଡିସନ ଓ ବର୍ମିଂହାମ୍ ବ୍ଲୁ ଏଡିସନ ଉନ୍ମୋଚନ କରାଯାଇଛି । ଏହି ଦୁଇ ମଡେଲରେ ଆକର୍ଷଣୀୟ ରେଟ୍ରୋ ଡିଜାଇନ୍ ଓ ପ୍ରିମିୟମ୍ ଫିନିଶ୍ ରହିଛି । ବ୍ରୁକଲ୍ୟାଣ୍ଡସ୍ ବ୍ଲାକ୍ ଲିଗାସି ଏଡିସନର ମୂଲ୍ୟ ୩,୫୫,୯୫୦ ଟଙ୍କା ଏବଂ ବର୍ମିଂହାମ୍ ବ୍ଲୁ ଏଡିସନର ମୂଲ୍ୟ ୩,୬୪,୯୫୦ ଟଙ୍କା ରହିଛି । ଉଭୟ ମୋଟରସାଇକେଲ୍ ଦେଶବ୍ୟାପୀ ବିଏସଏ ଡିଲରସିପରେ ଉପଲବ୍ଧ ହେବ । କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, ଏହି ଦୁଇ ସଂସ୍କରଣ ଗୋଲ୍ଡ ଷ୍ଟାରର ଐତିହ୍ୟ ଓ ଆଧୁନିକ ରେଟ୍ରୋ ଡିଜାଇନର ସମନ୍ୱୟକୁ ପ୍ରତିଫଳିତ କରୁଛି ।

ଦୁର୍ନୀତି ନିବାରଣ ସପ୍ତାହ ପାଳନ

କଟକ, (ସବ୍ୟୁ): ଦୁର୍ନୀତି ନିବାରଣ ସପ୍ତାହ -୨୦୨୬ ପାଳନ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଶପଥପାଠ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ । ଶପଥପତ୍ରରେ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ ବୋଲି ଉଲ୍ଲେଖ ରହିଛି । ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତାର ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ



ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗଠିତ ସଂଗ୍ରାମକୁ ସମର୍ଥନ କରିବା ଆବଶ୍ୟକ । ଏଥିସହ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ଓ ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ । ୨୬ ତାରିଖଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବା ନିମନ୍ତେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ସ୍ଥିରୀକୃତ କରି ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି । ତଦନୁଯାୟୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେବା ସହ ଚଳିତବର୍ଷର ବିଷୟବସ୍ତୁ "ସାଧୁତାରୁ ସମୃଦ୍ଧି "କୁ ଆଧାରକରି କଟକରେ ୩୧ତାରିଖ ପୂର୍ବାହ୍ନ ୧୧ଘଟିକାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜନ କରାଯିବ ।

ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନରେ କଂଗ୍ରେସର କର୍ମୀ ସମ୍ମିଳନୀ

ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବହିଷ୍କାର ଓ ଗିରଫ ଦାବି

ବାରିପଦା, (ସବ୍ୟୁ): ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ୍ କନଫରେନ୍ସ ହଲ୍‌ରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଦେଶରେ ବଢୁଥିବା ଦୁର୍ନୀତି, ଅରାଜକତା ଓ ଭୋଟ ଚୋରି ଅଭିଯୋଗକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା । ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ରୋହିତ ଦାସ, ପିସିସି ପର୍ଯ୍ୟବେକ୍ଷକ ମନୋଜ ରାଉତ,



ସହପର୍ଯ୍ୟବେକ୍ଷକ ଶୁଭଶ୍ରୀ ବେହେରା, ପିସିସି ସମ୍ପାଦକ ମାନସ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଓ ଦେବାଶିଷ ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଦାସ, ଓକିଲ ସଂଘ ସଭାପତି ଜ୍ୟୋତିପ୍ରକାଶ ରଥ, ଏସ୍‌ଟି ସେଲ୍‌ର ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା ଏବଂ ରାଜ୍ୟ ବ୍ୟବସାୟୀ କଂଗ୍ରେସ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲା ପ୍ରମୁଖ ଯୋଗଦେଇଥିଲେ ।

ବକ୍ତାମାନେ ଭୋଟ ଚୋରି ଅଭିଯୋଗ ଉଠାଇବା ସହ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫ ଦାବି କରିଥିଲେ । ଏଥିସହ ଆଗାମୀ ଦିନରେ ଭୋଟ ଚୋରି ସମ୍ପର୍କିତ ବାର୍ତ୍ତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଦଳୀୟ କର୍ମୀମାନେ ସଂକଳ୍ପ ନେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସମସ୍ତ କର୍ମକର୍ତ୍ତା, ବ୍ଲକ ସଭାପତି, ବିଭିନ୍ନ ସେଲ୍‌ର ପ୍ରତିନିଧି, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର ସଦସ୍ୟମାନେ ଯୋଗଦେଇଥିଲେ । ଶେଷରେ ଜିଲ୍ଲା କଂଗ୍ରେସର ଉପସଭାପତି ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ସହ ସମ୍ମିଳନୀର ସମାପନ ଘୋଷଣା କରିଥିଲେ ।

ନିଖୋଜର ୨୪ ଘଣ୍ଟାରେ ଶିଶୁକନ୍ୟା ଉଦ୍ଧାର, ଯୁବକ ଅଟକ

ବାରିପଦା, (ସବ୍ୟୁ): ବାରିପଦା ସହରର ଯମୁନାଦେଇପୁର ଅଞ୍ଚଳରୁ ନିଖୋଜ ହୋଇଥିବା ସାଢ଼େ ଚାରି ବର୍ଷର ଶିଶୁକନ୍ୟାକୁ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ସୁରକ୍ଷିତ ଉଦ୍ଧାର କରାଯାଇଛି । ଶିଶୁଟିକୁ ଘର ପଛପଟେ ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିବା ଜଣେ ସନ୍ଦିଗ୍ଧ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି । ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

ସୂଚନା ଅନୁଯାୟୀ, ବାରିପଦା ପୌରପାଳିକାର ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଯମୁନାଦେଇପୁରରେ ଭଡ଼ାଘରେ ରହୁଥିବା ବିଏସ୍‌ଏଫ୍ ଯବାନ ସୁନିଲ ସୋରେନ ଓ ଚାନ୍ଦମଣି ସୋରେନଙ୍କ ଝିଅ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଟ୍ୟୁସନରୁ ଫେରି ଘର ସମ୍ମୁଖରେ ଥିବା ବାଲିଗଦା ନିକଟରେ ଖେଳୁଥିଲା । ଏହି ସମୟରେ ମାଆ ରୋଷେଇ କରିବା ପାଇଁ ଘର ଭିତରକୁ ଯାଇଥିବା ବେଳେ ଶିଶୁଟି ହଠାତ୍ ନିଖୋଜ ହୋଇଯାଇଥିଲା । ପରିବାର ଲୋକେ ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ତିନୋଟି ସ୍ୱତନ୍ତ୍ର ଟିମ୍ ଗଠନ କରି ଶିଶୁଟିର ସନ୍ଧାନ ଆରମ୍ଭ କରିଥିଲା ।

ସୋମବାର ସକାଳେ ଜଣେ ଅଜଣା ଯୁବକ ଶିଶୁଟିକୁ ଘର ପଛପଟେ ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖିଥିଲେ । ପରେ ପରିବାର ଓ ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ଶିଶୁଟିକୁ ଉଦ୍ଧାର କରିବା ସହ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି । ଉଦ୍ଧାର ଶିଶୁକନ୍ୟା ସୁସ୍ଥ ଥିବା ଜଣାପଡ଼ିଛି ।

ତେବେ ତାକୁ କେଉଁ ପରିସ୍ଥିତିରେ ନିଆଯାଇଥିଲା, ଘଟଣା ପଛରେ କାହାର ହାତ ରହିଛି ଏବଂ ଯୁବକଙ୍କ ଉଦ୍ଦେଶ୍ୟ କ'ଣ ଥିଲା, ସେ ସମ୍ପର୍କରେ ପୁଲିସ ତଦନ୍ତ କରୁଛି । ଝିଅ ସୁରକ୍ଷିତ ଭାବେ ଫେରିବା ପରେ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିବା ସହ ପୁଲିସ ଓ ଗଣମାଧ୍ୟମକୁ କୃତଜ୍ଞତା ଜଣାଇଛନ୍ତି ।

ଆକ୍ରମଣ, ଲୁଟ୍ ଅଭିଯୋଗରେ ଅଟୋ ଚାଳକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବନ୍ଧୁଙ୍କୁ ଦିଲ୍ଲୀରୁ ଖୋଜିବାକୁ ଆସି ବ୍ରହ୍ମପୁର ରେଲଷ୍ଟେସନରେ ଲୁଟର ଶିକାର ହେବା ପରେ ଗୋଶାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରି ଜଣେ ଅଟୋ ଚାଳକଙ୍କୁ ଗିରଫ କରିଛି । ସେ ହେଲା ନେହୁରୁନାଗାର ୮'ମ ଲାଇନରେ ରହୁଥିବା ପ୍ରମୋଦ କୁମାର ପାଣିଗ୍ରାହୀ (୩୫) । ମାମଲା ନଂ ୪୨୪/୨୬ରେ ଅଟୋ ଚାଳକଙ୍କୁ ପୋଲିସ କୋର୍ଟ ଚାଲାଣ କରିବା ସହ ଅଟୋ ଜବତ କରିଛି । ଏହି ଘଟଣାରେ ଅଭିଯୋଗକାରୀଙ୍କ ବନ୍ଧୁ ସହ ଅନ୍ୟ ଜଣେ ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ଏକ ଟିମ ତାଙ୍କ ଗତିବିଧି ଉପରେ ନଜର ରଖିଛି ।

ଅନ୍ୟପଟେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ନୂଆଦିଲ୍ଲୀର ସାଗରପୁର ଥାନା ଅଞ୍ଚଳରେ ରହୁଥିବା ଗୁରୁଦୟାଲ ସିଂ (୬୬) ଥାନାରେ ହାଜର ହୋଇ ଅଭିଯୋଗ କରିଥିଲେ ଯେ, ତାଙ୍କ ବନ୍ଧୁ ମହମ୍ମଦ ନୌଶାଦ ତାଙ୍କଠାରୁ ୮୫ ହଜାର ଟଙ୍କା ଧାର ନେଇ ଦିଲ୍ଲୀରୁ ଗତ ଦୁଇ ବର୍ଷ ହେବ ଚାଲିଯାଇଥିଲେ । ସେ ବ୍ରହ୍ମପୁର ଗେଟବଜାର ଅଞ୍ଚଳରେ ନିଜର ଦ୍ୱିତୀୟ ସ୍ତ୍ରୀ ସହ ରହୁଥିବା ବେଳେ ଅଟୋ ଚାଳକ ଭାବେ ରହୁଥିବା ଖବର ପାଇ ତାଙ୍କୁ ଖୋଜିବା ପାଇଁ ସେ ଗତ ୨୩ ରେ ବ୍ରହ୍ମପୁର ଆସିଥିଲେ ।

ରେଳ ଷ୍ଟେସନ୍ ନିକଟରେ ଅନୁସନ୍ଧାନ କରୁଥିବା ସମୟରେ, ଜଣେ ଅଟୋ-ରିକ୍ସା ଚାଳକ ତାଙ୍କୁ ତାଙ୍କ ବନ୍ଧୁଙ୍କ ଠିକଣା ବିଷୟରେ ଜଣାଇଲେ ଏବଂ ତା ' ବଦଳରେ ୧ ହଜାର ଟଙ୍କା ନେଇଥିଲେ । ପରେ, ଅଭିଯୋଗକାରୀ ଗୁରୁଦୟାଲ ସିଂ ତାଙ୍କ ବନ୍ଧୁଙ୍କୁ ଭେଟିଥିଲେ । ଉକ୍ତ ଅଟୋ-ରିକ୍ସା ଚାଳକ ନିଜର ଦୁଇ ସହଯୋଗୀଙ୍କ ସହ ମିଶି କିଛି ଆଲୋଚନା କରୁଛନ୍ତି । ସେମାନେ ତାଙ୍କୁ ଅଟୋ ନଂ (ଓଡି -୦୫ -ଏସ ୦୮୮୬)ରେ ବସାଇ ଏକ ସ୍ଥାନକୁ ନେଇ ଆକ୍ରମଣ କରିଥିଲେ । ତାଙ୍କ ପ୍ୟାଣ୍ଟ ପକେଟରେ ଥିବା ୭ ହଜାର ଟଙ୍କା ଛଡ଼ାଇ ନେଲେ ଏବଂ ଘଟଣା ସ୍ଥଳରୁ ଫେରାର ହୋଇଗଲେ । ଆହତ ବ୍ୟକ୍ତି ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ଘଟଣାରେ ବ୍ୟବହୃତ ଅଟୋ ନଂ ପୋଲିସକୁ ଦେଇଥିଲେ । ପୋଲିସ ତଦନ୍ତ କରି ଉକ୍ତ ଅଟୋ ଚାଳକଙ୍କୁ କାବୁ କରିଥିଲା ବୋଲି କହିଛି ।

PUBLIC NOTICE

Notice is hereby given to the public that a dispute concerning the ownership, status and control of the Government leasehold property **Plot No. 5** situated at **Kalsi & Co Petrol Pump, in front of Ram Mandir, Janpath, Unit-III, Kharvela Nagar,** Bhubaneswar is pending adjudication in CMA No. 13 of 2021 before the Court of the Civil Judge (Senior Division) Bhubaneswar.

SCHEDULE OF PROPERTY: Mouza Bhubaneswar Sahar, Unit-III, Kharvela Nagar, Khata No. 84, Plot No. 381, measuring Ac.0.475 (corresponding to G.A Plot No. 5, area Ac.0.500, Janpath) including the following sub-divided plots pursuant to the compromise deed in T.S No. 823 of 2000 as under and G.A. Plot No.20: (i) Khata No. 440/267, Plot No. 381/1892, G.A Drawing No. B/1280, Plot No. 5/C, Ac.0.0670, in the name of **Satwant Kaur wife of Satnam Singh, Manmohan Singh, Hardeep Singh son of Satnam Singh.** (ii) Khata No. 84, Plot No. 381, Kalsi & Co Petrol Pump area Ac.0.0730, in the name of **Sardar Gyan Singh, son of Narain Singh.** (iii) Khata No. 440/269, Plot No. 381/1894, G.A. Drawing No. B/1280, Plot No. 5/C, Ac.0.1070, in the name of **Paramjeet Singh** and (iv) Khata No. 440/268, Plot No. 381/1893, G.A Drawing No. B/1280, Plot No. 5/B, Ac.0.228 **in the name of Mahendra Singh.** All situated at Mouza Bhubaneswar Sahar, Unit-III, Kharavela Nagar, New Capital, Tahasil- Bhubaneswar, Thana- New Capital No. 49, Dist. Khurda.

The property is Government land leased out by the General Administration Department (formerly P & S Department) to M/s Bhag Singh and Brothers, a partnership firm, to run Saw mill and other business and the Firm continues.

While the above case is pending, all persons, firms, companies, associations and other bodies are therefore cautioned not to enter into any transaction or dealing in any manner with the aforementioned persons for sale, lease, gift, mortgage & etc. in respect of the schedule properties. Any such dealing shall be at the sole risk, cost and consequences of the parties concerned.

This notice is issued without prejudice to all rights, remedies and contentions of the undersigned in law and equity.

Sd/- M/s. Hardesh Kaur Kalsi
D/o- Late Kashmira Singh Kalsi
At-Ratnakar Lane, near Durgabadi Samiti
P.O/Dist.- Puri, P.S- Sea Beach, PIN-752001

୧୦୦ ଗ୍ରାମ ଧଳା ଜହର ଜବତ, ଜଣେ ଗିରଫ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ଗତ ମେ ମାସରେ ଚଢ଼ାଉ କରାଯାଇ ଗୋଲିଆ ଗାଁ କଣିଆପଲ୍ଲୀ ଛକରେ ୨୦୦ ଗ୍ରାମ ଜହର ଜବତ କରାଯାଇଥିଲା ବେଳେ ପୁଣି ସେହି ସ୍ଥାନରେ ଅବକାରୀ ବିଭାଗ ସୋମବାର ଦିନ ସକାଳେ ଚଢ଼ାଉ କରି ପୁଣି ୧୦୦ ଗ୍ରାମ ଧଳା ଜହର ଓ ଏକ ବାଇକ୍ (ନଂ-ଓଡି ୩୨ଜି-୪୮୬୪)କୁ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ଅରୁଣ ପଲାଇ (୪୭) ।

ଏନେଇ ବୁଗୁଡ଼ା ଅବକାରୀ ଥାନାରେ କେସ୍ ନଂ ୧୦୮/୨୬-୨୭ରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କ ଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗଂଜାମ ଜିଲ୍ଲା ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଗୋଲିଆ ଗାଁ କଣିଆପଲ୍ଲୀ ଛକ ନିକଟରେ ଥିବା ଅରୁଣକୁ ଅଚାନକ କାବୁକରି ତା'ଠାରୁ ଏକ ବାଇକ୍ ସହ ୧୦୦ ଗ୍ରାମ ଧଳା ଜହର ଜବତ କରାଯାଇଥିଲା । ଉକ୍ତ ଚଢ଼ାଉରେ ବୁଗୁଡା ଅବକାରୀ ଥାନା ଅଧିକାରୀଙ୍କ ସମେତ ମୋବାଇଲ ଇନ୍ସପେକ୍ଟର ପ୍ରଦୀପ କୁମାର ମହାନ୍ତି, କନଷ୍ଟେବଲ ସୁବଳ ପ୍ରଧାନ, କାମନା କୁମାର ବେହେରା ଓ କୃଷ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ଥିଲେ ।

ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ଜିଲ୍ଲାପାଳ ଓ ବନ୍ଦର କର୍ତ୍ତୃପକ୍ଷ

ଛତ୍ରପୁର, (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା "ଅର୍ଣ୍ଣବ'ର ମୁକାବିଲା ଏବଂ ଶୂନ୍ୟ ଜୀବନହାନି ଲକ୍ଷ୍ୟ ହାସଲ ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଜି ଆର୍ଯ୍ୟପଲ୍ଲୀ ଜେଟି ପରିଦର୍ଶନ କରି ମାଛଧରା ଟ୍ରଲର୍‌ଗୁଡ଼ିକର ସୁରକ୍ଷା ଏବଂ ମତ୍ସ୍ୟଜୀବୀଙ୍କ ନିରାପଦ ସ୍ଥାନାନ୍ତରଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ ।

ଏହାପରେ ଜିଲ୍ଲାପାଳ ନୋଳିଆ ନୂଆଗାଁ ଓ ଗୋପାଳପୁର ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବିଦ୍ୟୁତ ବ୍ୟାକ୍‌ଅପ୍, ଜେନେରେଟର ଓ ଅନ୍ୟାନ୍ୟ ଜରୁରୀକାଳୀନ ସୁବିଧାର ସ୍ଥିତି ଯାଞ୍ଚ କରିଥିଲେ । ବାତ୍ୟା ସମୟରେ ଆଶ୍ରୟସ୍ଥଳୀଗୁଡ଼ିକ ଯେପରି ତୁରନ୍ତ କାର୍ଯ୍ୟକ୍ଷମ ହୋଇପାରିବ, ସେଥିପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ପ୍ରସ୍ତୁତ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ପରିଦର୍ଶନ ସମୟରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଭକ୍ତବନ୍ଧୁ ଶତପଥୀ ଓ ସତ୍ୟବ୍ରତ ସିଂ, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଗୋପାଳପୁର ନିର୍ବାହୀ ଅଧିକାରୀ ମନୋଜ କୁମାର ନାହାକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


୫୧ କେଜି ଗଞ୍ଜେଇ ଜବତ: ଦୁଇ ଗିରଫ

ଭଞ୍ଜନଗର, (ସବ୍ୟୁ) : ଦଶହରା ଏବଂ କୁମାର ପୂର୍ଣ୍ଣିମା ଅବସରରେ ଗଞ୍ଜାମ ଜିଲାରେ ଜୁଆ ଖେଳ ବୃଦ୍ଧି ପାଉଥିବା ବେଳେ ଚୋରି, ବନ୍ୟପ୍ରାଣୀ ଶିକାର ଏବଂ ବେଆଇନ ଗଞ୍ଜେଇ କାରବାର ମଧ୍ୟ ଚିନ୍ତାର କାରଣ ପାଲଟିଛି । ଜୁଆ ଖେଳ ଧରିବାକୁ ପୁଲିସ ବ୍ୟସ୍ତ ରହୁଥିବା ବେଳେ ଏହାର ସୁଯୋଗ ନେଇ ଗଞ୍ଜେଇ ମାଫିଆ ମାନେ ଏହାର ଚୋରା ଚାଲାଣ କରିବାକୁ ଭରପୁର ପ୍ରୟାସ କରିଥିବା ବେଳେ ଭଞ୍ଜନଗର ପୁଲିସର ତୀକ୍ଷ୍ଣ ନଜରରୁ କିନ୍ତୁ ଖସି ପାରିନାହାନ୍ତି । ସ୍ଥାନୀୟ ପୁଲିସ ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ରବିବାର ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କନ୍ଧମାଳ ଜିଲାର ସମନ ପ୍ରଧାନ ଓ ଉଧେଶ୍ୱର ପ୍ରଧାନ । ପୁଲିସ ସେମାନଙ୍କଠାରୁ ୫୧ କେଜି ଗଞ୍ଜେଇ ସହ ଦୁଇଟି ବାଇକ୍ ଜବତ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ।

ମିଳିଥିବା ସୂଚନା ମୁତାବକ, ରବିବାର ଏସ୍‌ଆଇ ଲକ୍ଷ୍ମୀଧର ମହାନ୍ତି ଡହ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ପରେ ସେମାନଙ୍କ ଠାରୁ ଗଞ୍ଜେଇ ଓ ଦୁଇଟି ବାଇକ ଜବତ କରାଯାଇଥିଲା । ବାରମ୍ବାର ଏଭଳି ଘଟଣା ପରେ ଉକ୍ତ ଅଞ୍ଚଳରେ ବେଆଇନ ଗଞ୍ଜେଇ କାରବାର ରୋକିବା ପାଇଁ ପୁଲିସର ତଦାରଖ ଓ ପାଟ୍ରୋଲିଂ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

ବାରିପଦା ଇନରହ୍ୱିଲ୍ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

୪୫ ଜଣଙ୍କ ଚକ୍ଷୁ ପରୀକ୍ଷା, ମାଗଣାରେ ଔଷଧ ବଣ୍ଟନ



ବାରିପଦା, (ସବ୍ୟୁ): ବାରିପଦା ଇନରହ୍ୱିଲ୍ କ୍ଲବ ପକ୍ଷରୁ ଦେବେନ୍ଦ୍ରପୁରସ୍ଥିତ ଆରଡିଏସି ବରିଷ୍ଠ ନାଗରିକ ନିବାସରେ ଏକ ଚକ୍ଷୁ ପରୀକ୍ଷା ଶିବିର ରବିବାର ପୂର୍ବାହ୍ନରେ ଆୟୋଜିତ ହୋଇଥିଲା । କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ତତ୍ତ୍ୱାବଧାନରେ ଜୀବନଦୀପ ହସ୍ପିଟାଲର ସହଯୋଗରେ ଆୟୋଜିତ ଏହି ଶିବିରକୁ ଚକ୍ଷୁ ବିଶେଷଜ୍ଞ ଡାଃ ରଞ୍ଜୁଲତା ମହାନ୍ତି ଓ ତାଙ୍କ ସହଯୋଗୀମାନେ ପରିଚାଳନା କରିଥିଲେ । ଶିବିରରେ ୪୫ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା ।

ଏଥିସହ କ୍ଲବ ପକ୍ଷରୁ ଅନ୍ତେବାସୀମାନଙ୍କୁ ଶୁଖିଲା ଖାଦ୍ୟ ମଧ୍ୟ ବଣ୍ଟନ କରାଯାଇଥିଲା । ଏହି ସେବାମୂଳକ କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟା ସଂଯୁକ୍ତା ଚାନ୍ଦ, ପ୍ରଣତି ଦାସ, ସୁସ୍ମିତା ଘୋଷାଲ, ଦୀପିକା ମହାନ୍ତି, ସ୍ୱପ୍ନା ଦାଶ, ଲୁସି ରଣା, ପ୍ରିୟଦର୍ଶିନୀ ପଟ୍ଟନାୟକ, ମମତା ମହାନ୍ତି ଓ ନିର୍ବାଚିତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଏଲ୍‌ପିଜି ବିତରକଙ୍କ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ (IOCL), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (BPCL) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (HPCL)
ଓଡ଼ିଶା ରାଜ୍ୟରେ ନିମ୍ନ ଉଲ୍ଲେଖିତ ସ୍ଥାନଗୁଡ଼ିକରେ ବିଭିନ୍ନ ବର୍ଗ ଅଧିନରେ ସମ୍ପୃକ୍ତ ବର୍ଗର ପ୍ରାର୍ଥୀମାନଙ୍କୁ ଏଲପିଜି ବିତରକ ଭାବେ ନିଯୁକ୍ତ କରିବାକୁ ପ୍ରସ୍ତାବ ରଖିଛନ୍ତି ।

କ୍ର. ସଂ.	ଅଏଲ୍ କମ୍ପାନୀ	ସ୍ଥାନ	ଗ୍ରାମ ପଞ୍ଚାୟତ	ସବ୍ - ଡିଭିଜନ	ବ୍ଲକ୍	ଜିଲ୍ଲା	ବର୍ଗ	ବଜାର/ଏଲପିଜି ବିତରକଙ୍କ ପ୍ରକାର	ସୁରକ୍ଷା ଜମା ପରିମାଣ (ପରିମାଣ ଲକ୍ଷରେ)	ମାର୍କେଟିଂ ଯୋଜନା
୧	IOCL	ଭାଲେଗାଁ	ଭାଲେଗାଁ	ଟିଟିଲାଗଡ଼	ଟିଟିଲାଗଡ଼	ବଲାଙ୍ଗୀର	ଓବିସି	ଡିକେଭି	୩	୨୦୧୭-୧୮
୨	IOCL	କୁଲିଆବନ୍ଧା, ଭୋଥା	କୁଲିଆବନ୍ଧା	ନୂଆପଡ଼ା	ନୂଆପଡ଼ା	ନୂଆପଡ଼ା	ଏସ୍‌ଟି	ଡିକେଭି	୨	୨୦୧୬-୧୭
୩	IOCL	ସୁବର୍ଣ୍ଣଗିରି, ସିନ୍ଧିଗୁଡ଼ା, ଜାକେସି, କୁଟିଗୁଡ଼ା	ସୁବର୍ଣ୍ଣଗିରି, ଓରା	ବାଲିଗୁଡ଼ା	କୋଟଗଡ଼	କନ୍ଧମାଳ	ସାଧାରଣ	ଡିକେଭି	୪	୨୦୧୬-୧୭
୪	IOCL	କଲମପୁର, ଘୋଡ଼ାବନ୍ଧ, କସାବାହି, ଶାଗବାରି, ବରଗାଁ, ପଣ୍ଡିଗାଁ	କଲମପୁର	ଧର୍ମଗଡ଼	କଲମପୁର	କଳାହାଣ୍ଡି	ସାଧାରଣ	ଡିକେଭି	୪	୨୦୧୩-୧୪
୫	IOCL	କେସରା ମାଳ, ଅଲଣ୍ଡା	କେସରାମାଳ, ଅଲଣ୍ଡା	ସୁନ୍ଦରଗଡ଼	ରାଜଗାଙ୍ଗପୁର	ସୁନ୍ଦରଗଡ଼	ସାଧାରଣ	ଡିକେଭି	୪	୨୦୧୭-୧୮
୬	IOCL	ଟିକାଏତପାଲି, ବଳିତାକୁଦର ଖଜୁରିବାହାଲ	କଷଡ଼ା	ବଣାଇଗଡ଼	ବଣେଇ	ସୁନ୍ଦରଗଡ଼	ଏସ୍‌ଟି	ଡିକେଭି	୨	୨୦୧୭-୧୮
୭	IOCL	ଗଡ଼ିଖମାର, ହୋତାଗୁଡ଼ା	ହୋତାଗୁଡ଼ା	କୋରାପୁଟ	ଶିମିଳିଗୁଡ଼ା	କୋରାପୁଟ	ସାଧାରଣ	ଡିକେଭି	୪	୨୦୧୬-୧୭
୮	IOCL	ଗୁରୁଣ୍ଡିଆ, ବଡ଼ଗାଁ	ଗୁରୁଣ୍ଡିଆ	ବେଣାଇଗଡ଼	ଗୁରୁଣ୍ଡିଆ	ସୁନ୍ଦରଗଡ଼	ସାଧାରଣ	ଡିକେଭି	୪	୨୦୧୬-୧୭
୯	IOCL	ଲାଇମୁରା, ଲମ୍ବଡୋରା	ଲାଇମୁରା	ଦେଓଗଡ଼	ତିଲେଇବଣି	ଦେଓଗଡ଼	ସାଧାରଣ	ଡିକେଭି	୪	୨୦୧୭-୧୮
୧୦	IOCL	ଛକପଡ଼ା, ବ୍ରାହ୍ମଣପଡ଼ା	ଛକପଡ଼ା	ଛକପଡ଼ା	ଛକପଡ଼ା	କନ୍ଧମାଳ	ଏସ୍‌ଟି	ଗ୍ରାମୀଣ	୪	ଚୁକ୍ତି ବାତିଲ
୧୧	IOCL	ତୁରେକେଲା	ତୁରେକେଲା	ଟିଟିଲାଗଡ଼	ତୁରେକେଲା	ବଲାଙ୍ଗୀର	ସାଧାରଣ	ଡିକେଭି	୪	ଚୁକ୍ତି ବାତିଲ
୧୨	IOCL	ତିରିଙ୍ଗଡିହି, ଟେଙ୍ଗଯୋଡ଼ା	ତିରିଙ୍ଗ	ବାମନଘାଟି	ତିରିଙ୍ଗ	ମୟୂରଭଞ୍ଜ	ସାଧାରଣ	ଡିକେଭି	୪	୨୦୧୬-୧୭
୧୩	IOCL	ରନ୍ଧୁଆ, ଚୁଙ୍ଗାସୁଳ, ସ୍ୱର୍ଗଛିଡ଼ା	ସ୍ୱର୍ଗଛିଡ଼ା	ବାରିପଦା	କୋଳିଅଣା	ମୟୂରଭଞ୍ଜ	ଓବିସି	ଡିକେଭି	୩	୨୦୧୭-୧୮
୧୪	IOCL	ରାଜନଗର		କେନ୍ଦ୍ରାପଡ଼ା	ରାଜନଗର	କେନ୍ଦ୍ରାପଡ଼ା	ଏସ୍‌ସି	ରୁର୍ବାନ	୩	ଚୁକ୍ତି ବାତିଲ
୧୫	IOCL	ବ୍ରହ୍ମପୁର (ପୂର୍ବର ବରହମପୁର)	-	ବ୍ରହ୍ମପୁର	ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ	ଗଞ୍ଜାମ	ସାଧାରଣ (ମହିଳା)	ସେହେରୀ	୫	ଚୁକ୍ତି ବାତିଲ
୧୬	BPCL	ମହୁଲିଆ, ଅଭିମାନପୁର, ମାଣିଆବନ୍ଧ, କଙ୍କଡ଼ାଯୋଡ଼ି	ମହୁଲିଆ	ଆଠଗଡ଼	ଆଠଗଡ଼	କଟକ	ଓବିସି	ଡିକେଭି	୩	ଚୁକ୍ତି ବାତିଲ
୧୭	BPCL	ଖମଣ, ଯଣେଶ୍ୱର, ଜହ୍ନା	ଜହ୍ନା	ଯାଜପୁର	କୋରେଇ	ଯାଜପୁର	ସାଧାରଣ	ଡିକେଭି	୪	ଚୁକ୍ତି ବାତିଲ
୧୮	BPCL	ଲୋଇସିଂହା	ଲୋଇସିଂହା	ବଲାଙ୍ଗିର	ଲୋଇସିଂହା	ବଲାଙ୍ଗିର	ସାଧାରଣ	ଡିକେଭି	୪	ଚୁକ୍ତି ବାତିଲ
୧୯	BPCL	ସାରଙ୍ଗଗଡ଼, ଗୁଣ୍ଡାଗ୍ରାମ	ସାରଙ୍ଗଗଡ଼	ବାଲିଗୁଡ଼ା	କେ. ନୂଆଗାଁ	କନ୍ଧମାଳ	ସାଧାରଣ	ଡିକେଭି	୪	୨୦୧୬-୧୭
୨୦	BPCL	ମୋଟିଗାଁ, ପାପୁନି	ମୋଟିଗାଁ	ନବରଙ୍ଗପୁର	କୋଷାଗୁମୁଡ଼ା	ନବରଙ୍ଗପୁର	ସାଧାରଣ	ଡିକେଭି	୪	୨୦୧୬-୧୮
୨୧	HPCL	ନିଜିଗଡ଼ (ହିନ୍ଦୋଳ), ପଠାଣିପୋଟା	ନିଜିଗଡ଼ (ହିନ୍ଦୋଳ)		ହିନ୍ଦୋଳ	ଢେଙ୍କାନାଳ	ଏସ୍‌ଟି	ଗ୍ରାମୀଣ	୨	୨୦୧୭-୧୮
୨୨	HPCL	ସାଲିମି	ସାଲିମି		ମାଥିଲି	ମାଲକାନଗିରି	ସାଧାରଣ	ଗ୍ରାମୀଣ	୪	୨୦୧୭-୧୮
୨୩	HPCL	କୁଲସିଙ୍ଗ, ଡେଙ୍ଗଣି ଗରଜଙ୍ଗ	କୁଲସିଙ୍ଗ		ଗୁଣପୁର	ରାୟଗଡ଼ା	ଓବିସି	ଗ୍ରାମୀଣ	୩	୨୦୧୭-୧୮
୨୪	HPCL	ରାୟଗଡ଼, ସୁନାପୁର	ରାୟଗଡ଼	ପାରଳାଖେମୁଣ୍ଡି	ରାୟଗଡ଼	ଗଜପତି	ସାଧାରଣ	ଡିକେଭି	୪	୨୦୧୬-୧୭
୨୫	HPCL	ଗୁଣପୁର, ପାନଭାତ, ପୋଲିଙ୍ଗପଦର	ଗୁଣପୁର	ଭବାନୀପାଟଣା	ଟି. ରାମପୁର	କଳାହାଣ୍ଡି	ସାଧାରଣ	ଡିକେଭି	୪	୨୦୧୭-୧୮
୨୬	HPCL	ଲାଞ୍ଜିଗଡ଼ ରୋଡ଼, ବରାବାହାଲି, ଗଜରାଜପୁର	ଲାଞ୍ଜିଗଡ଼ ରୋଡ଼	ଭବାନୀପାଟଣା	ଲାଞ୍ଜିଗଡ଼	କଳାହାଣ୍ଡି	ସାଧାରଣ	ଡିକେଭି	୪	୨୦୧୭-୧୮
୨୭	HPCL	ଦେଓଝର	ଦେଓଝର	ଚମ୍ପୁଆ	ଯୋଡ଼ା	କେନ୍ଦୁଝର	ଏସ୍‌ସି	ଡିକେଭି	୨	୨୦୧୭-୧୮
୨୮	HPCL	କୁମ୍ଭାରୀପୁଟ, ଗିତିଙ୍ଗିଖାଲ	କୁମ୍ଭାରୀପୁଟ		ବନ୍ଧୁଗାଁ	କୋରାପୁଟ	ସାଧାରଣ (ମହିଳା)	ଗ୍ରାମୀଣ	୩	୨୦୧୭-୧୮

୧. ଯୋଗ୍ୟତା ମାନଦଣ୍ଡ, ବର୍ଗର ନାମକରଣ ଇତ୍ୟାଦି ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞପ୍ତି ଏବଂ ଅନଲାଇନ୍ ଆବେଦନ ୱେବସାଇଟ୍ **www.lpgvitarakchayan.in**ରେ ଉପଲବ୍ଧ ଅଛି । ଅନଲାଇନ୍ ଆବେଦନ ଫର୍ମ ପୂରଣ କରିବା ପୂର୍ବରୁ ପ୍ରାର୍ଥୀମାନେ **www.lpgvitarakchayan.in** ପୋର୍ଟାଲରେ ଉପଲବ୍ଧ 'ଆବେଦନକାରୀଙ୍କ ପାଇଁ ବ୍ୟବହାରକାରୀ ମାନୁଆଲ୍ - **LPG VITARAK CHAYAN**'କୁ ଭଲଭାବେ ପଢ଼ିବାକୁ ଅନୁରୋଧ କରାଯାଉଛି ।

୨. ଏଲପିଜି ବିତରକ ଚୟନ ପାଇଁ ଯୋଗ୍ୟତା ମାନଦଣ୍ଡ, ଏଲପିଜି ଗୋଦାମ ଓ ଶୋରୁମ୍ ପାଇଁ ଆବଶ୍ୟକ ଭିତ୍ତିଭୂମି, ସିଲିଣ୍ଡରଗୁଡ଼ିକର ଘରୋଇ ବିତରଣ ଇତ୍ୟାଦି ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ସହିତ ଏଲପିଜି ବିତରକ ଚୟନ ନିମନ୍ତେ ଚୟନ ପ୍ରକ୍ରିୟାର ବିସ୍ତୃତ ବିବରଣୀ ବ୍ରୋଚରରେ ଦିଆଯାଇଛି । ଏହାକୁ ସମ୍ପୃକ୍ତ ତୈଳ କମ୍ପାନୀଗୁଡ଼ିକର ୱେବସାଇଟ୍ ଯଥାକ୍ରମେ IOCL ନିମନ୍ତେ **www.iocl.com**, BPCL ନିମନ୍ତେ **www.bharatpetroleum.in** ଓ HPCL ନିମନ୍ତେ **www.hindustanpetroleum.com** ଏବଂ **www.lpgvitarakchayan.in**ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ ।

୩. ଏଲପିଜି ବିତରକ ପଦବୀ ପାଇଁ ଆବେଦନ ସହିତ ପ୍ରଯୁଜ୍ୟ ଅଣ-ଫେରସ୍ତଯୋଗ୍ୟ ଆବେଦନ ଶୁଳ୍କର ଅନଲାଇନ୍ ପେମେଣ୍ଟ **୨୬.୧୧.୨୦୨୬ ତାରିଖ ୧୭:୦୦ ଘଟିକା** ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦାଖଲ କରିବାକୁ ହେବ ।

୪. ଉପରୋକ୍ତ ଶେଷ ତାରିଖ ଓ ସମୟ ପରେ ଅନଲାଇନ୍ ଆବେଦନ ଦାଖଲ ସୁବିଧା ତୁରନ୍ତ ବନ୍ଦ କରିଦିଆଯିବ ।

୫. ଆବେଦନ ଦାଖଲ କରିବା ପୂର୍ବରୁ ପ୍ରାର୍ଥୀମାନେ ନିଜ ସ୍ୱାର୍ଥରେ 'ବ୍ରୋଚର'କୁ ଭଲଭାବେ ପଢ଼ି ଚୟନର ସର୍ତ୍ତାବଳୀ ବୁଝିନେବା ଉଚିତ ।

୬. ନିଗମଗୁଡ଼ିକ (IOCL / BPCL / HPCL) କୌଣସି କାରଣ ନଦର୍ଶାଇ ନିଜସ୍ୱ ବିବେଚନା ଅନୁଯାୟୀ ଏହି ବିଜ୍ଞପ୍ତିକୁ ବାତିଲ, ପ୍ରତ୍ୟାହାର କିମ୍ବା ସଂଶୋଧନ କରିବା, ଅଥବା ନିର୍ଦ୍ଧାରିତ ଅନ୍ତିମ ତାରିଖକୁ ବୃଦ୍ଧି କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।

୭. ଇଂରାଜୀରେ ପ୍ରକାଶିତ ବିଜ୍ଞପ୍ତି ଏବଂ ଆଞ୍ଚଳିକ ଭାଷାରେ ପ୍ରକାଶିତ ବିଜ୍ଞପ୍ତି ମଧ୍ୟରେ କୌଣସି ପାର୍ଥକ୍ୟ ଥିଲେ, ଆଞ୍ଚଳିକ ଭାଷାର ସଂସ୍କରଣରେ ଉଲ୍ଲେଖିତ ନିର୍ଦ୍ଦେଶ/ସୂଚନା ପ୍ରାଧାନ୍ୟ ପାଇବ ।

୮. କୌଣସି ଶୁଦ୍ଧିପତ୍ର ଥିଲେ, ତାହା କେବଳ ୱେବସାଇଟ୍ **www.lpgvitarakchayan.in**ରେ ପ୍ରକାଶିତ ହେବ ।

୯. ପ୍ରାର୍ଥୀମାନେ ୱେବସାଇଟ୍ **www.lpgvitarakchayan.in**ରେ ଦିଆଯାଇଥିବା ବିବରଣୀ ଅନୁଯାୟୀ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ଏହାର ଉତ୍ତର ଦେଖିପାରିବେ ଏବଂ ସମ୍ପୃକ୍ତ ନିଗମର କ୍ଷେତ୍ର କାର୍ଯ୍ୟାଳୟ / ପ୍ରାଦେଶିକ କାର୍ଯ୍ୟାଳୟ / ଆଞ୍ଚଳିକ କାର୍ଯ୍ୟାଳୟ ସହିତ ମଧ୍ୟ ଯୋଗାଯୋଗ କରିପାରିବେ ।

୪୧ ମଣ୍ଡପରେ ପୂଜା ପାଉଛନ୍ତି ମା’,ଲାଇଟରେ ଝଲସୁଛି ସାରା ସହର





ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ତଥା ସହରରେ ଆରମ୍ଭ ହୋଇଛି ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା । ଚଳିତ ବର୍ଷ ୪୧ ଗୋଟି ପୂଜା ମଣ୍ଡପ ପକ୍ଷରୁ କଳସ ଯାତ୍ରା କରାଯାଇ ଘଟ ସ୍ଥାପନ କରାଯିବା ପରେ ରିତି ନିତିରେ ପୂଜା କରାଯାଇ ମା’ ଲକ୍ଷ୍ମୀଙ୍କୁ ଆବାହନ କରାଯାଇଥିଲା । ବାଜା ବଜାଇ ବାଣ ଫୁଟାଇ ବ୍ରାହ୍ମଣ ପଣ୍ଡିତଙ୍କ ବେଦ ମନ୍ତ୍ର ପାଠରେ ପୂଜା ମଣ୍ଡପ ଗୁଡ଼ିକ ପ୍ରକମ୍ପିତ ହୋଇଥିଲା ।ଏହି ପୂଜା ୧୦ ଦିନ ଧରି ଚାଲିବ । ସେଥିପାଇଁ ବେଶ୍ ଚଳଚଞ୍ଚଳ ହୋଇଛି ଢେଙ୍କାନାଳ ସହର । ବର୍ଷ ତମାମ ଏହି ଦିନକୁ ଅପେକ୍ଷା କରି ରହିଥାନ୍ତି ଢେଙ୍କାନାଳ ସହରବାସୀ । ମୀନା ବଜାର , ଲକ୍ଷ୍ମୀ ବଜାର ଓ ଗଣେଶ ବଜାର ପକ୍ଷରୁ କପଡାର ସୁ-ଉଚ୍ଚ ତୋରଣ ଗଜଲକ୍ଷ୍ମୀ ପୂଜାର ଆକର୍ଷଣ ସାଜିଛି । ଚଳିତ ବର୍ଷ ୬ଟି ବଜାର କମିଟି ପକ୍ଷରୁ ଚାନ୍ଦିନୀ ମେଢ଼ କରାଯାଇଥିବା ବେଳେ ମୀନା ବଜାର , ଲକ୍ଷ୍ମୀ ବଜାର ଓ ଗଣେଷ ବଜାରରେ ଚାନ୍ଦି ମେଢ଼ ସାଙ୍ଗକୁ ମା’ ଙ୍କର ସୁନା ମୁକୁଟ ବେଶ୍ ଆକର୍ଷଣୀୟ ହୋଇଛି । ଗୋଟିଏ ଲାଇନ୍‌ରେ ୧୦ କିଲୋମିଟର ବ୍ୟାପି ସୁନ୍ଦର ରଙ୍ଗିନ୍ ଆଲୋକ ମାଳାରେ ଝଲସୁଛି ସହର । ମୀନା ବଜାର ସହିତ ଜବାହର ଚୌକ,ଲକ୍ଷ୍ମୀବଜାର, ଗଣେଷ ବଜାର, କାଞ୍ଚନ ବଜାର, ଆନନ୍ଦବଜାର, କାରିଗର ସାହି,ଗୁଡିଆନାଳୀ, ରାଧାକୃଷ୍ଣବଜାର, ପଦ୍ମବଜାର, କୁଞ୍ଜକାନ୍ତ ,କୈବଲ୍ୟ ବଜାର, ଝୁବୁଲି ଟାଉନ-୨, ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ ଷ୍ଟେସନ ବଜାର, ରନ୍‌ବଜାର, ଚନ୍ଦନ ବଜାର, ଗାନ୍ଧୀବଜାର, ବସଷ୍ଟାଣ୍ଡ, କୋରିଆଁ, ଦୁର୍ଗବଜାର,ଦକ୍ଷିଣକାଳୀରେ ପୂଜା ଅନୁଷ୍ଠିତ ହେଉଛି।ପୂଜା ପାଇଁ ସହର ବଜାର ସଜେଇ ହୋଇପଡିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ମଧ୍ୟରେ ସହର ବାସୀ ପୂଜାକୁ ପାଳନ କରୁଛନ୍ତି। ବର୍ଷବର୍ଷ ଧରି ପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ପୂଜା ମଣ୍ଡପ ଗୁଡିକ ନୂତନ ଭାବରେ ସଜେଇ ହୋଇଛନ୍ତି।ମୀନା ବଜାର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଦୋକାନ ବଜାର,ଖାଦ୍ୟର ପସରା ଖୋଲିଗଲାଣି।ପୂଜା ପାଇଁ ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ଲକ୍ଷ୍ମୀପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏବେ ଠାରୁ ବିଭିନ୍ନ ବଜାର କମିଟି ତରଫରୁ ନୂଆ ନୂଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂଜା ସମୟରେ ଟ୍ରାଫିକ ବ୍ୟବସ୍ଥାକୁ ସୁ ବ୍ୟବସ୍ଥିତ କରିବାକୁ ବିଭିନ୍ନ ସ୍ଥାନରେ ପୋଲିସ ଏବଂ ଟ୍ରାଫିକର ବ୍ୟବସ୍ଥା କରାଯାଇଛି। ପୋଲିସ ଏବଂ ପ୍ରଶାସନ ତରଫରୁ ପୂଜା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିବାର ଜଣାପଡିଛି।

ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସହରନିଟକସ୍ଥ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ସେ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରକୁ ଆପଣାଇବା ସହ ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଓ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କ ଉତ୍ପାଦ କିଣିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଏହି ଉଦ୍‌ଘାଟନୀ ସମାରୋହରେ ହିନ୍ଦୋଳ ବିଧାୟିକା ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକବିଭୂତି ଭୂଷଣ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଦୀପ୍ତି ରଞ୍ଜନ ସେଠୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସୌଦାମିନୀ ସାହୁ ଏବଂ ଢେଙ୍କାନାଳ ପୌରପାଳିକାର ଅଧକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ବହୁ ଅଧିକାରୀ ଓ ଅତିଥି ଉପସ୍ଥିତ ଥିଲେ।ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଏହି ମେଳା ଅନୁଷ୍ଠିତ ହେବ। ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ବିପଣନ ସମିତି ଓରମାସ୍ ଭୁବନେଶ୍ୱର ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ଆୟୋଜନରେ ଏହି ମେଳା ଆୟୋଜିତ ହେଉଛି। ଏଥିରେ ପଞ୍ଚାୟତିରାଜ ବିଭାଗ, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ବିଭାଗ, ମିଶନ ଶକ୍ତି ଏବଂ ବୟନ ଶିଳ୍ପ ବିଭାଗ ସହଯୋଗୀ ଭାବେ ସାମିଲ ହୋଇଛନ୍ତି।ଚଳିତବର୍ଷ ମେଳାରେ ୧୫ଟି ରାଜ୍ୟ, ଓଡ଼ିଶାର ୩୦ଟି ଜିଲ୍ଲା, ୩୫୨ଟି ଗୋଷ୍ଠୀ ଓ ଅନୁଷ୍ଠାନରୁ ମୋଟ ୬୫୮ ଜଣ ଅଂଶଗ୍ରହଣ କରୁଛନ୍ତି। ମେଳାରେ ୨୭୫ଟି ବିକ୍ରୟ ଓ ପ୍ରଦର୍ଶନୀ ଷ୍ଟଲ, ୨୮ଟି ଖାଦ୍ୟ ଷ୍ଟଲ୍ ଏବଂ ୫ଟି ସୁଭଦ୍ରା ଶକ୍ତି ଫୁଡ୍ ଷ୍ଟଲ୍ ସ୍ଥାନ ପାଇଛି। ଏହି ଷ୍ଟଲ୍‌ଗୁଡ଼ିକରେ ବିଭିନ୍ନ ରାଜ୍ୟର ପାରମ୍ପରିକ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ସାମଗ୍ରୀ ଓ ଗ୍ରାମୀଣ ଉଦ୍ୟୋଗର ଉତ୍ପାଦ ପ୍ରଦର୍ଶନ ସହ ବିକ୍ରୟ କରାଯାଉଛି।ମେଳାର ଅନ୍ୟତମ ଆକର୍ଷଣ ଭାବେ ତେଲେଙ୍ଗାନାର ପଂଚମପାଲି ହସ୍ତତନ୍ତ, ପଶ୍ଚିମବଙ୍ଗର ବାଉଁଶ ତନ୍ତୁରେ ପ୍ରସ୍ତୁତ ହସ୍ତତନ୍ତ ଓ ଶୁଖିଲା ଫୁଲ, ତାମିଲନାଡୁର ଶାଢ଼ି ଓ ହସ୍ତତନ୍ତ, ମଣିପୁରର ଉଲନ୍ ଉତ୍ପାଦ, ଆସାମର ବାଉଁଶ ହସ୍ତଶିଳ୍ପ, କର୍ଣ୍ଣାଟକର ମହୀଶୂର ଚନ୍ଦନ ଧୂପ ଏବଂ ଜମ୍ମୁ-କାଶ୍ମୀରର ହସ୍ତତନ୍ତ ସାମଗ୍ରୀ ରହିଛି। ଏହାଦ୍ୱାରା ଗ୍ରାମୀଣ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ବଜାର ସୁଯୋଗ ପାଇପାରିବେ।ଉଦ୍‌ଘାଟନ ପୂର୍ବରୁ ମନ୍ତ୍ରୀ ଶ୍ରୀ ପାତ୍ର ମହିଷାପାଟଠାରେ ହସ୍ତଶିଳ୍ପ ବଜାର ଷ୍ଟୋର ରିବନ୍ କାଟି ଶୁଭାରମ୍ଭ କରିଥିଲେ।ଏହି ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ-୨୦୨୬ ପାଳନ କରାଯିବ।ଉଲ୍ଲେଖଯୋଗ୍ୟ ଯେ, ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଉତ୍ସବ ଅକ୍ଟୋବର ୨୫ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ନିୟମିତ ସମିତି ବୈଠକ ବସୁ ନଥିବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ହିନ୍ଦୋଳ, (ସବ୍ୟୁ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ପଞ୍ଚାୟତ ସମିତି ବୈଠକ ବିଗତ ଏକ ବର୍ଷ ହେବ ନିୟମିତ ବସୁ ନଥିବାରୁ ବ୍ଲକର କୁଟୁଣିଆ ପଞ୍ଚାୟତ ସମିତି ସଭ୍ୟ ହେମନ୍ତ କୁମାର ସାହୁ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। କେଉଁ କାରଣ ଓ କାହାର ପରାମର୍ଶରେ ବୈଠକ ଡକାଯାଉ ନାହିଁ ଆଶ୍ଚର୍ଯ୍ୟ ଚକିତ କରୁଛି। ଏଥି ଯୋଗୁଁ ପଞ୍ଚାୟତ ମାନଙ୍କରେ କୌଣସି ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ ।ଫଳରେ ସାଧାରଣ ଜନତାଙ୍କ ମନରେ ଅଶାନ୍ତି ସୃଷ୍ଟି ହେଉଛି ବୋଲି ଏକ ଲିଖିତ ଅଭିଯୋଗ ନେଇ ଶ୍ରୀ ସାହୁ ଜିଲ୍ଲାପାଳଙ୍କ ଆୟୋଜିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ସାକ୍ଷାତ କରି ନିବେଦନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକ ପୂର୍ବ ଭଳି ଡକାଯାଇ ପଞ୍ଚାୟତ ମାନଙ୍କରେ ରହିଥିବା ସମସ୍ୟା ଓ ଆକ୍ସନ ପ୍ଲାନ ପ୍ରସ୍ତୁତ କରା ଯାଇ ନୂଆଁ ନୂଆଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଆଜି ସମିତି ସଭ୍ୟ ଶ୍ରୀ ସାହୁଙ୍କ ବୈଠକ ନହେବା ସମ୍ପର୍କିତ ଅଭିଯୋଗକୁ ଅନ୍ୟ କେତେକ ପଞ୍ଚାୟତର ସଭ୍ୟ ସଭ୍ୟାମାନେ ଦୃଢ଼ ସମର୍ଥନ କରିଥିଲେ।

ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନିକ ସପ୍ତାହ ପାଳନପାଇଁ ଶପଥ ପାଠ

ପାଲଲହଡ଼ା,(ସବ୍ୟୁ): ଆଜି ପାଲଲହଡା ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନିକ ସଚେତନତା ସପ୍ତାହ ପାଳନ ପାଇଁ ଶପଥପାଠ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆଜି ପୂର୍ବାହ୍ନ ରେ ସ୍ଥାନୀୟ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧକ୍ଷତାରେ ସତ୍ୟନିଷ୍ଠା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସତ୍ୟନିଷ୍ଠା ଏବଂ ନୈତିକତା ସହ ନିଜ ନିଜ ଦାୟିତ୍ୱ ପାଳନ କରିବା, କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ଏବଂସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ଏ ଦିଗରେ ଜାଗ୍ରତ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।ଆଜିର ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଶ୍ରୀ ପଟେଲଙ୍କ ସମେତ ସ୍ଥାନୀୟ ଡେପୁଟି କଲେକ୍ଟର ଇଂ. ବିଦ୍ୟୁସ୍ମିତା ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି, ଉପ-ବିଭଗୀୟ ଅଧିକାରୀ ସୁଜାତା ହେସା, ଦେବୋତ୍ତର ସହକାରୀ ପରିଚାଳକ ତଥା ବରିଷ୍ଠ କିରାଣୀ ଗୁଲସନ କୁମାର ପ୍ରଧାନ, ଦୁର୍ବାଦଳ ପ୍ରଧାନଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ଉଦଘାଟିତ

ଆଠମଲ୍ଲିକ,(ସବ୍ୟୁ) :ଆଠମଲ୍ଲିକ କଲେଜ ରୋଡ ପାର୍ଶ୍ୱରେ ମାନଜୋର ଛକ ନିକଟରେ ନୂତନ ଭାବରେ ନିର୍ମିତ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ରକୁ ଜିଲ୍ଲାପାଳ ଅବଦଲ ଏମ ଅକତର ଫିତା କାଟି ଉଦଘାଟନ କରିଥିଲେ । ଏହି ଚିକିତ୍ସା କେନ୍ଦ୍ର ଦ୍ୱାରା ବିଶେଷ କରି ବରିଷ୍ଠ ନାଗରିକ ଓ ଆଣ୍ଠୁ ଗଣ୍ଠି ସମ୍ବନ୍ଧୀୟ ରୋଗୀ ଏହାର ଉପକାର ପାଇ ପାରିବେ ବୋଲି ସହରରେ ମତ ପ୍ରକାଶ ପାଉଛି । ଉଦଘାଟନ ସମୟରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା,ଏସ ଡ଼ି ଏମ ଓ ଅଶୋକ ମଲ୍ଲିକ,ତହସିଲଦାର ବିଶ୍ୱଜ୍ୟୋତି ମହାନ୍ତି, ଡ଼ଃ ପ୍ରତୀକ୍ଷା ତ୍ରିପାଠୀ (ପଟି) ଡାକ୍ତରଖାନା ପରିଚାଳକ ଦୀପକ ତ୍ରିପାଠୀ ଙ୍କ ସମେତ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ।

ବିଶ୍ୱରୂପାଙ୍କ ପାଇଁ ମହଙ୍ଗା ପଡିଲା ପ୍ରେମ ବିବାହ



ବଅଁରପାଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମ ପଞ୍ଚାୟତର ପାଟଣାସାହିରେ ଶାଶୂଘରେ ଝିଅ ମୃତ୍ୟୁକୁ ନେଇ ବାପଘର ପରିବାର ପକ୍ଷରୁ ଯୌତୁକ ଜନିତ ହତ୍ୟା ଅଭିଯୋଗ ହୋଇଛି। ବଅଁରପାଳ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ନୂଆହତା ପାଟଣାସାହିର ରାଜେଶ ଦାସ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ନାଧରା ଗ୍ରାମର ସତ୍ୟବାନ ପୃଷ୍ଟିଙ୍କ ଝିଅ ବିଶ୍ୱରୂପା ପୃଷ୍ଟିଙ୍କୁ ଦୁଇ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପର୍ଯ୍ୟନ୍ତ ସେମାନଙ୍କ ପାରିବାରିକ ଜୀବନ ସ୍ୱାଭାବିକ ଥିଲା। ତେବେ ପରବର୍ତ୍ତୀ ସମୟରେ ଯୌତୁକକୁ ନେଇ ଝିଅକୁ ଶାଶୂଘର ଲୋକେ ନିର୍ଯାତନା ଦେଉଥିବା ତାଙ୍କ ବାପଘର ପରିବାର ଅଭିଯୋଗ କରିଛନ୍ତି। ଏହି ବିବାଦକୁ ନେଇ ଉଭୟ ପରିବାର ମଧ୍ୟରେ ଏକାଧିକଥର ଆପୋଷ ବୁଝାମଣା ହୋଇଥିବା ମଧ୍ୟ ସେମାନେ କହିଛନ୍ତି।ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୁଇଦିନ ତଳେ ମଧ୍ୟ ବିଶ୍ୱରୂପାଙ୍କୁ ନିର୍ଯାତନା ଦିଆଯାଇଥିଲା। ଗତକାଲି ଧନସମ୍ପତ୍ତିକୁ ନେଇ ମାରପିଟ କରିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ଏବଂ ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ମୃତଦେହକୁ କପଡ଼ାରେ ଝୁଲାଇ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଅନୁଗୋଳ ଏସ୍‌ଡିପିଓ ଓ ବଅଁରପାଳ ଥାନା ଅଧିକାରୀ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛନ୍ତି ।

ବଇଣ୍ଡାର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା

ବଇଣ୍ଡା,(ସବ୍ୟୁ): ବଇଣ୍ଡାର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ଗ୍ରାମ ପୋଖରୀରୁ ପାଣି ଅଣାଯାଇ ପୂଜାମଣ୍ଡପରେ ରଖାଯାଇଥିଲା। ଏହାପରେ ପୂଜା ଆରମ୍ଭ ହୋଇଥିଲା। ବଇଣ୍ଡା ଚନ୍ଦନ ନଗର ଠାରେ ଫ୍ରେଣ୍ଡ୍ସ କ୍ଲବ, କଦଳିମୁଣ୍ଡା, ବଇଣ୍ଡା ପୁରୁଣା ବସ ଷ୍ଟାଣ୍ଡ,ବୈଷ୍ଣବ ସାହି, ବାଦୀବାହାଳ ଗ୍ରାମରେ ବଡ଼ ଧୁମଧାମରେ ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟି ଠାରୁ ପ୍ରକାଶ। ପୂଜାରେ ଅଜିତ ପଟ୍ଟନାୟକ, ଦିନେଶ ମହାନ୍ତି, ଜଗନ୍ନାଥ ବେହେରା,ମାନସ ରଞ୍ଜନ ସାହୁ, ପ୍ରଦୀପ ଭୋଇ, ପଦ୍ମନାଭ ଭୋଇ,ଦୁର୍ଯୋଧନ ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି।

କୁଆଁର ପୂନେଇଁ ଜହ୍ନଲୋ କାର୍ଯ୍ୟକ୍ରମ



ବ୍ରହ୍ମପୁର, (ସବ୍ୟୁ) : ଓଡ଼ିଆ ପରମ୍ପରାର ଅନନ୍ୟ ପରିଚୟ କୁଆଁର ପୂନେଇଁ। ଚାନ୍ଦିନୀ ରାତି, ଜହ୍ନ ଓଷାର ଆସର, ଚଉଁରା ମୂଳେ ପୂଜାର୍ଚ୍ଚନା ଏବଂ ଚାନ୍ଦକୁ ଆଞ୍ଜୁଳି ଟେକିବାର ପରମ୍ପରା ଓଡ଼ିଆ ଘରର ସାଂସ୍କୃତିକ ଭାବାବେଗ ସହ ଜଡ଼ିତ। ଏହି ପରମ୍ପରାକୁ ବଞ୍ଚାଇ ରଖିବା ସହ ବିଶ୍ୱ ଦରବାରରେ ଓଡ଼ିଶାର କଳା, ସଂସ୍କୃତି ଓ ନାରୀଶକ୍ତିର ଗୌରବକୁ ପ୍ରତିଷ୍ଠିତ କରିବା ଆବଶ୍ୟକ ବୋଲି ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କୁଆଁର ପୂନେଇଁ ଜହ୍ନଲୋ’ କାର୍ଯ୍ୟକ୍ରମରେ ଅତିଥିମାନେ ମତ ଦେଇଛନ୍ତି। ସ୍ଥାନୀୟ ସରକାରୀ ଆଇଟିଆଇ ଅଡିଟୋରିୟମ ପରିସରରେ ଫାଉଣ୍ଡେସନ ପକ୍ଷରୁ ଏହି ସାଂସ୍କୃତିକ ଉତ୍ସବ ମହାଆଡ଼ମ୍ବରରେ ଦମ୍ପତି ହୃଷିକେଶ ପାଣିଗ୍ରାହୀ ଆୟୋଜିତ ହୋଇଥିଲା । ଫାଉଣ୍ଡେସନର ପୃଷ୍ଠପୋଷକ ସୁହୃଦ୍ର ପାଣିଗ୍ରାହୀ ଏବଂ ସୁଜାତା ପାଢ଼ୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିଥି ଭାବେ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅଜିତ କୁମାର ସାନସନୀ, ଦୁବାଇ ଓଡ଼ିଆ ସମାଜର ପ୍ରତିଷ୍ଠାତା ସଦସ୍ୟ ଇଂ. ଦେବାଶିଷ ଦାଶ ଏବଂ ଆଇଆର୍ଇଏଲର ମୁଖ୍ୟ ସି. ଭି. ରାମଣାମୂର୍ତ୍ତି ଯୋଗ ଦେଇଥିଲେ । ଗୁରୁ ଶରତ ମହାପାତ୍ରଙ୍କ ଦଳ ପକ୍ଷରୁ ଶଙ୍ଖଧ୍ୱନି ପରିବେଷଣ ହୋଇଥିବା ବେଳେ ସଂହିତା ପାଣିଗ୍ରାହୀ ଦେବୀ ଆବାହନୀ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପାରମ୍ପରିକ କାକରା ପିଠା ବଣ୍ଟନ କରାଯାଇଥିଲା। ପରମ୍ପରାକୁ କେବଳ ପାଳନ ନୁହେଁ, ଆଗାମୀ ପିଢ଼ି ପାଇଁ ସଂରକ୍ଷିତ କରି ରଖିବା ହିଁ ଏଭଳି ଉତ୍ସବର ମୁଖ୍ୟ ସାର୍ଥକତା ବା ପାଣିଗ୍ରାହୀ ଦମ୍ପତି ମତବ୍ୟକ୍ତ କରିଥିଲେ ।

ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ ଦମକଳ ବାହିନୀର ପ୍ରସ୍ତୁତି

ଧରାକୋଟ, (ସବ୍ୟୁ) : ବାତ୍ୟା ଅର୍ଣ୍ଣବର ସଫଳ ମୁକାବିଲା ପାଇଁ ଧରାକୋଟ ଦମକଳ ବାହିନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅଗ୍ନିଯୋଦ୍ଧା ଦିଲୀପ କୁମାର ନନ୍ଦ, ଅମରେଶ ଦୋରା, ଅଗ୍ନି ଯୋଦ୍ଧା ସଞ୍ଜୁ ପ୍ରଧାନ, ନକୁଳ ବେହେରା, ଯୁଧିଷ୍ଠିର ମାଝୀ, ସାଜନ ବେହେରା, ଦୁଷ୍ମନ୍ତ ପ୍ରଧାନ, ପବିତ୍ର ବେହେରା, ଦୟା ବେହେରା, କୃଷ୍ଣ ଚନ୍ଦ୍ର ପ୍ରଧାନ, ଆଶୁତୋଷ ଦଳାଇ, ଚନ୍ଦନ ପରିଡା, ଶୁଭ୍ରଜିତ ରଥ ପ୍ରମୁଖ ବାତ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି । ଦମକଳ କେନ୍ଦ୍ର ପକ୍ଷରୁ ରାସ୍ତାରେ ଉପରେ ଯଦି ଗଛ ପଡ଼ିଯାଏ ତାହାକୁ ତୁରନ୍ତ ସଫା କରିବା ପାଇଁ ଚାରି ଗୋଟି କଟର, ପାଣି ଘେରରେ ଫସି ରହିଥିବା ଲୋକଙ୍କୁ ନିରାପଦ ଭାବରେ ଉଦ୍ଧାର ପାଇଁ ଗୋଟିଏ ଯନ୍ତ୍ର ଚଳିତ ଡଙ୍ଗା ଓ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଲେ ଆସ୍କା ଲାଇଟ ବନ୍ଦୋବସ୍ତ କରାଯାଇଥିବା ସୂଚନା ମିଳିଛି ।

ପତ୍ନୀଙ୍କୁ ଛୁରୀଭୁସି ହତ୍ୟା



କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମାଳପୁରା ଦେହୁରୀ ସାହିରେ ମଦ୍ୟପ ସ୍ୱାମୀ ନିଜ ପତ୍ନୀକୁ ଛୁରୀରେ ଭୁସି ହତ୍ୟା କରିବା ଘଟଣା ବେଶ ଚାଞ୍ଚଲ୍ୟ ଖେଳିଯାଇଛି।ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ଛୁରୀରେ ଭୁସି ହତ୍ୟା କରାଯାଇଥିବା ବେଳେ ଏହି ଘଟଣା କାମାକ୍ଷାନଗର ଥାନା ଅନ୍ତର୍ଗତ ମାଳପୁରା ଦେହୁରୀ ସାହିରେ ଘଟିଛି। ମୃତ ମହିଳା ହେଉଛନ୍ତି ସସ୍ମିତା ଖଟୁଆ ,ସେ ଜଣେ ଅଙ୍ଗନବାଡ଼ି କର୍ମୀ ଥିବାବେଳେ ତାଙ୍କର ଦୁଇଟି ଛୋଟ ଶିଶୁ ଅଛନ୍ତି। ଅଭିଯୁକ୍ତ ସ୍ୱାମୀ ଲଳିତ ରଣାଙ୍କ ଘର କଙ୍କଡାହାଡ଼ ଥାନା ଅନ୍ତର୍ଗତ କଣ୍ଟାପାଳ ଚାରି ନମ୍ବର କଲୋନୀରେ ହୋଇଥିବା ବେଳେ ସେ କାମାକ୍ଷାନଗରର ଏକ ମାର୍ବଲ ଦୋକାନରେ କାମ କରନ୍ତି। ଅଭିଯୋଗ ଅନୁଯାୟୀ, ଲଳିତଙ୍କ ମଦ୍ୟପାନ ଓ ମାରପିଟ୍‌କୁ ନେଇ ଦମ୍ପତିଙ୍କ ମଧ୍ୟରେ ପୂର୍ବରୁ ବାରମ୍ବାର ଝଗଡ଼ା ହେଉଥିଲା। ଆଜି ଅପରାହ୍ନରେ ଲଳିତ ମଦ ପିଇ ଘରକୁ ଫେରିବା ପରେ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏହି ସମୟରେ ଲଳିତ ଏକ ଛୁରୀରେ ସସ୍ମିତାଙ୍କ ପେଟ ଓ ପିଠିକୁ ଆକ୍ରମଣ କରିଥିବା ବେଳେ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ସସ୍ମିତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ଦୁଇ ଶିଶୁ ମାଆଙ୍କୁ ହରାଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କାମାକ୍ଷାନଗର ପୋଲିସ ଘଟଣାର ତଦନ୍ତ କରୁଛି।

ନାଗରୀକତା ପାଇଁ ସାଧୁତା ଶପଥ



ତାଳଚେର,(ସବ୍ୟୁ) :ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଥିବା ପଂଚାୟତ ସମିତି, କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ପାଇଁ ସାଧୁତା ଶପଥ ଅବସରରେ ଦୁର୍ନିତୀ ନିବାରଣ ସପ୍ତାହ ଆୟୋଜିତ ହୋଇଥିଲା । ସମସ୍ତ ଅଧିକାରୀ, କର୍ମଚାରୀ, ସାଧୁତା, ସତ୍ୟନିଷ୍ଠା ଓ ଦୁର୍ନିତୀ ବିରୋଧି ଜୀବନଶୈଳୀ ଅନୁସରଣ ପାଇଁ ଶପଥଗ୍ରହଣ କରିଥିଲେ । ଉପଜିଲ୍ଲାପାଳଙ୍କ ସମସ୍ତ କର୍ମଚାରୀମାନେ ଏହି ଅବସରରେ ନାଗରୀକ ମାନଙ୍କୁ ଦେଶ ଓ ସମାଜପାଇଁ ସତ୍ୟନିଷ୍ଠା ଭାବେ କାର୍ଯ୍ୟ କରିବା, ଦୁର୍ନିତୀରେ ଜ ନହେବା ଏବଂ ସାଧୁତାକୁ ଜୀବନ ଆଚରଣର ଅଂଶ କରିବାକୁ ପ୍ରେରିତ କରିଥିଲେ । ସମାରୋହରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରି ସାଧୁତାପ୍ରତି ସଙ୍କଳ୍ପବଦ୍ଧ ହେଲେ ସରକାରୀ କାର୍ଯ୍ୟ ନିମନ୍ତେ ଲାଂଚନେବା ଦେବା ଆଇନ ଅନୁଯାୟୀ ଅପରାଧ ଅଟେ । ସରକାରୀ କାର୍ଯ୍ୟ ସମ୍ପାଦନା ନିମନ୍ତେ କୌଣସି କର୍ମଚାରୀ ଲାଂଚ/ ଅର୍ଥ ଦାବି କଲେ ସେ ସମ୍ପର୍କରେ ଟୋଲଫ୍ରି ନଂ- ୧୦୬୪ କିମ୍ବା ୦୬୭୬୧-୨୩୦୫୯୮, ୦୬୭୧-୨୩୦୬୦୨୮, ୦୬୭୬୪-୨୩୧୧୫୪ରେ ଯୋଗାଯୋଗ କରିବାକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି । ତେବେ ଆଜିର ଏହି କାର୍ଯ୍ୟକ୍ରମ ସାରା ପ୍ରଦେଶରେ ଚାଲୁଥିବା ବେଳେ ଏହା କେତେକାଂଶ କାର୍ଯ୍ୟକାରୀ ହେଉଛି ତାହା ଜଣେ କର୍ମଚାରୀ ଓ ଜଣେ ଭୁକ୍ତଭୋଗୀ ହିଁ କହି ପାରିବ ।

ମର୍ମନ୍ତୁଦ ଦୁର୍ଘଟଣା

୨ମୃତ, ଜଣେ ଗୁରୁତର

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ କୋଉମ ଠାରେ ପୁରୁଣା କଟକ -ସମ୍ବଲପୁର ରାସ୍ତାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଦୁଇଜଣ ଯୁବକଙ୍କର ଅକାଳରେ ଜୀବନ ଚାଲି ଯାଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବାର ଜଣାପଡିଛି । ଅନୁଗୁଳ ପାର୍ଶ୍ୱରୁ ଏକ ସ୍କୁଟିରେ ୩ଜଣ ଯୁବକ ପୁରୁଣା କଟକ -ସମ୍ବଲପୁର ରାସ୍ତାରେ ଯାଉଥିବା ବେଳେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଏହି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଅତି ଗୁରୁତର ଥିବା ଜଣାପଡିଛି। ମୃତାହତ ମାନଙ୍କୁ ୧୦୮ଆମ୍ବୁଲାନ୍ସ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିବା ଜଣାପଡିଛି। ତେବେ ଗୁରୁତର ଯୁବକ ଜଣଙ୍କ ରାସୋଳ ତଳ ସାହିର ଶିକ୍ଷା ପ୍ରସାଦ ସାହୁ ବୋଲି ଜଣାପଡିଛି । ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷରେ ମୃତ ଯୁବକ ଦୁଇ ଜଣଙ୍କର ସଠିକ ପରିଚୟ ମିଳି ପାରିନଥିଲେ ମଧ୍ୟ ସେମାନେ ଅନୁଗୁଳ କଲେଜ ଛକ ଅଂଚଳର ବୋଲି ଜଣାପଡିଛି।

ଦୀର୍ଘମାସ ଧରି ଭତ୍ତାରୁ ବଞ୍ଚିତ ବୃଦ୍ଧବୃଦ୍ଧା, ଗୁହାରି କଲେ ଜିଲ୍ଲାପାଳଙ୍କୁ



ହିନ୍ଦୋଳ ,(ସବ୍ୟୁ): ରାଜ୍ୟ ସରକାରଙ୍କ ମଧୁ ବାବୁ ପେନସନ ଯୋଜନାରେ ବୟୋ ବୃଦ୍ଧବୃଦ୍ଧା, ନିରାଶ୍ରୟ ଦୁଃଖୀ, ନିଷ୍ପେସିତ, ବ୍ୟକ୍ତିବିଶେଷଙ୍କୁ ସାମିଲ କରି ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନର ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରା ଯାଇଥିଲେ ମଧ୍ୟ ଏବେ ଭତ୍ତା ପାଉଥିବା ଅଧିକାଂଶ ବୃଦ୍ଧ ବୃଦ୍ଧା ଦୀର୍ଘ ମାସ ଧରି ଏଥିରୁ ବଞ୍ଚିତ ରହିଥିବା ଭଳି ଅଭିଯୋଗ ବିଭିନ୍ନ ପଞ୍ଚାୟତ ଓ ଗାଁ ଗଣ୍ଡାରୁ ହସ୍ତଗତ ହେଉଛି। ଏଭଳି ଏକା ପ୍ରକାରର ଅଭିଯୋଗ ନେଇ ଆଜି ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବାବନ୍ଧ ଗ୍ରାମର ଚାରି ଜଣ ବୃଦ୍ଧ ବୃଦ୍ଧା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଶହ ମୌଖିକ ଭାବେ ଭତ୍ତା ସଂକ୍ରାନ୍ତୀୟ ସମସ୍ୟା ଭୋଗୁଥିବାର ଜଣାଇ ଥିଲେ। ତନ୍ମଧ୍ୟରୁ ସୁଦାମ ସାହୁ (୮୪) ନାମକ ବୃଦ୍ଧ ବ୍ୟକ୍ତି ୮ ମାସ ଧରି ଭତ୍ତାରୁ ବଞ୍ଚିତ ରହିଥିବାରୁ ଇଆକୁ ତାକୁ ମାଗି ଯାଚି ଚଳୁଥିବାର ଅଭିଯୋଗ ରଖି ଥିଲେ। ସେହିଭଳି ଦୁହିତା ସାହୁ ନାମ୍ନୀ ବୃଦ୍ଧା ତାଙ୍କ ପରିବାରର କେହି ନଥିବା ଅଭିଯୋଗ କରି ବଳ ବୟସ ଥିବା ବେଳେ କାମ ମୂଲ ଚାଲ କରି ଚଳୁଥିଲେ ଏବେ ବୟସାଧିକ ଯୋଗୁଁ କାମ କରି ନପାରି ଭୋକ ଉପାସରେ ଦିନ କାଟୁଥିବା କହିଥିଲେ। ଭତ୍ତା ପଇସାକୁ ଭରସା କରି ଚଳୁଥିଲେ ତେବେ ୬ ମାସରୁ ଉର୍ଦ୍ଧ୍ୱ ହେବ ଆଉ ମିଳୁ ନଥିବାରୁ ଦୁଃଖ କଷ୍ଟରେ ବଞ୍ଚି ଥିବାର ଜିଲ୍ଲାପାଳଙ୍କୁ କହିଥିଲେ। ଗ୍ରାମର ଅଭିଯୋଗକାରିଣୀ ଅନ୍ୟ ଦୁଇ ବୃଦ୍ଧା ମାଳତୀ ସାହୁ ଓ ଛୋଟି ସାହୁ ବୟସର ଅପରାହ୍ନରେ ଉପନୀତ ହୋଇବି ସରାକରଙ୍କ ପ୍ରାପ୍ୟ ଭତ୍ତା ଅର୍ଥରୁ ଦୀର୍ଘ ମାସ ଧରି ବଞ୍ଚିତ ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବୃଦ୍ଧ ବୃଦ୍ଧାଙ୍କ ଅଭିଯୋଗ ଶୁଣି ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏ ସଂକ୍ରାନ୍ତୀୟ ସମସ୍ୟା ସମାଧାନ ପାଇଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିକଟକୁ ଅଭିଯୋଗ ଫର୍ଦ୍ଦ ଦସ୍ତଖତ ସହ ପଠାଇ ଦେଇଛନ୍ତି। ଏ ସମ୍ପର୍କିତ ସମସ୍ୟା ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିବା ଚାରି ବୃଦ୍ଧ ବୃଦ୍ଧାଙ୍କୁ ପଚାରିବାରେ ସେମାନେ ବିଡିଓ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟା କେବଳ କାଗଜ କଲମରେ ରହି ଯାଉଥିବାର ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଦୁର୍ନିତୀ ନିବାରଣ ସପ୍ତାହ ସଚେତନତା

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଚଳିତ ମାସ ୨୬ ତାରିଖ ଠାରୁ ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀନିବାସ ରାଉତ ଏହି ଶପଥ ପାଠ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଦୁର୍ନୀତି ନିବାରଣ ବିଭାଗ, ଢେଙ୍କାନାଳ ଶାଖାର ଡ଼ି.ଏସ୍. ପି. ଅନସୂୟା ସେନାପତି, ଇନସପେକ୍ଟର ମୁକେଶ କୁମାର ବେହେରା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି ଶପଥ ପାଠ କରିଥିଲେ ।

ବାରଦା ଗୋଷ୍ଠୀ ସଙ୍ଘର୍ଷ ଘଟଣା ଗୋଟିଏ ଗୋଷ୍ଠୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଦ୍‌ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବାରଦାରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଏବଂ ନ୍ୟାୟ ଦାବିରେ ଗୋଟିଏ ଗୋଷ୍ଠୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କ ଅଭିଯୋଗ ହେଲା ଘଟଣା ଦିନ ଅନ୍ୟ ଗୋଷ୍ଠୀର କିଛି ଲୋକ ସାହିରେ ମରଣାନ୍ତକ ଆକ୍ରମଣ କରିଥିବା ଓ ଆକ୍ରମଣକାରୀମାନେ ବାଡ଼ି, ଢେଙ୍ଗା, ଲୁହାରଡ, ଖଣ୍ଡା, ଭୁଜାଲି ଧରି ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଆକ୍ରମଣରେ ପ୍ରାୟ ୨୦ଟି ବାଇକ୍ ଓ ଗୋଟିଏ ସ୍କୁଟି, ୪୦ଟି ଆଜବେଷ୍ଟ ଘର, ବୋରୱେଲ୍ , ୨ଟି ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଏବଂ ଦାଣ୍ଡରେ ଲାଗିଥିବା ସପ୍ଲାଇ ପାଣି ପାଇପ୍ ଗୁଡିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହି ଘଟଣାର ତଦନ୍ତ କରି ନ୍ୟାୟ ଦେବା ପାଇଁ ସମ୍ପୃକ୍ତ ଗୋଟିଏ ଗୋଷ୍ଠୀ ପକ୍ଷରୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ପାଖରେ ଅଭିଯୋଗ ପତ୍ର ଦାଖଲ କରାଯାଇଛି । ଏହି ଅଭିଯୋଗ ପତ୍ର ଦାଖଲ ବେଳେ ଶତାଧିକ ସାହିବାସୀନ୍ଦା ଉପସ୍ଥିତ ଥିଲେ ।

ନବଜାତ ଶିଶୁ ସ୍ଥିରୀକରଣ ୟୁନିଟ ଲୋକାର୍ପିତ

ଆଠମଲ୍ଲିକ,(ସବ୍ୟୁ):ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ପରିସରରେ ନୂତନ ଭାବରେ ନିର୍ମିତ ହୋଇଥିବା ନବଜାତ ଶିଶୁ ସ୍ଥିରୀକରଣ ୟୁନିଟ ଜିଲ୍ଲାପାଳ ଅବଦଲ ଏମ ଅକତରଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଅକତର ଆଠମଲ୍ଲିକ ଗସ୍ତ ରେ ଆସି ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ପରିସରରେ ୟୁନିଟକୁ ଫିତା କାଟି ଲୋକାର୍ପିତ କରି ବୁଲି ଦେଖିଥିଲେ । ଲୋକାର୍ପିତ ସମୟରେ ମହିଳା ଓ ଶିଶୁ ବିକାଶ କଲ୍ୟାଣ ଅଧିକାରୀ ଡାକ୍ତର କୃଷ୍ଣଚନ୍ଦ୍ର ପାଲ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ବିଶ୍ୱଜ୍ୟୋତି ମହାନ୍ତି,ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ମଲ୍ଲିକ, ଡାକ୍ତରଖାନା ପରିଚାଳକ ଦୀପକ ତ୍ରିପାଠୀ ଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

ମିଳୁନି ରାସନ ଚାଉଳ : ବ୍ଲକ୍ ଘେରାଉ କଲେ ୪ ଗ୍ରାମବାସୀ



ସୋର, (ସବ୍ୟୁ) : ରାସନ ସାମଗ୍ରୀ ଯୋଗାଉଥିବା ଡିଲରଙ୍କ ଦେହ ଅସୁସ୍ଥ କାରଣରୁ ବିଭାଗ ପକ୍ଷରୁ ଅନ୍ୟ ଜଣେ ଡିଲରକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଡିଲର ଜଣଙ୍କ ଗୋଟିଏ ମାସର ରାସନ ସାମଗ୍ରୀ ବଣ୍ଟନ କରିବା ପରେ ୪ମାସ ଧରି ରାସନ ଚାଉଳ ଯୋଗଉ ନଥିବାରୁ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇ ଶେଷରେ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସୋର ବ୍ଲକ ମୁଳିସିଂ ପଞ୍ଚାୟତ ଥାଳା, ସାମପୁର ଓ ଚକ ସୁବର୍ଣ୍ଣପୁର ଗ୍ରାମର ଲୋକେ ପୁର୍ବରୁ ଥାଳା ଗ୍ରାମର ଡିଲରଙ୍କ ଠାରୁ ରାସନ ସାମଗ୍ରୀ ନେଉଥିଲେ। ମାତ୍ର ଉକ୍ତ ଡିଲରଙ୍କ ଦେହ ଅସୁସ୍ଥ ହେବା କାରଣରୁ ଡିଲର ଜଣଙ୍କ କାର୍ଯ୍ୟରୁ ବିରତି ନେଇଥିଲେ। ପରେ ବର୍ଡନା ଗ୍ରାମର ଜଣେ ଡିଲରଙ୍କୁ ଟ୍ୟାଗ କରାଯାଇଥିଲେ ମଧ ଗ୍ରାମବାସୀମାନଙ୍କ ବିଭିନ୍ନ ଅସୁବିଧାକୁ ନେଇ ଅଭିଯୋଗ କରିବାରୁ ସାମପୁର ଗ୍ରାମରେ ଥିବା ଡିଲରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଗୋଟିଏ ମାସ ରାସନ ସାମଗ୍ରୀ ପ୍ରଦାନ କରିବା ପରେ ଡିଲର ଜଣଙ୍କ ନିଜର ଅଧିକ ଖର୍ଚ୍ଚ ହେଉଥିବା ଦର୍ଶାଇ ରାସନ ସାମଗ୍ରୀ ଦେବା ବନ୍ଦ କରି ଦେଇଥିଲେ। ଫଳରେ ୪ମାସ ଧରି ଲୋକେ ରାସନ ଚାଉଳ ପାଇବାରୁ ବଞ୍ଚିତ ରହିବା ସହିତ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇ ଆଜି ମଧାହ୍ନରେ ସୋର ବିଡିଓ ସୁବ୍ରତ ବେହେରାଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିବା ବେଳେ ଲୋକେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଦେଖିବାକୁ ମିଳିଛି।

ଠିକାଦାରଙ୍କ ମନମୁଖୀ କାର୍ଯ୍ୟ : ଦୁର୍ଘଟଣାରେ ଯୁବକ ମୃତ, ରାସ୍ତାରୋକ

କେନ୍ଦୁଝର ,(ଜିପ୍ର) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ଦାୟିତ୍ୱ ହୀନତା ଯୋଗୁଁ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ-ବାୟାପଣ୍ଡାଦର ମୁଖ୍ୟ ରାସ୍ତାର କୁଙ୍ଗା ନଦୀ ପୋଲ ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଜନସାଧାରଣ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ।

ମୃତ ଯୁବକ ଜଣକ ହେଲେ ପଣ୍ଡାପଡ଼ା ଥାନା କୁଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମର ବେଣୁଧର ପଲେଇଙ୍କ ପୁଅ ରଞ୍ଜିତ ପଲେଇ (୨୦) । ସେ ନିଜ ସାଙ୍ଗ ରୋହିତ ନାଏକଙ୍କ ସହ ଏକ ପଲସର ବାଇକ୍ରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବକ୍ସିବାରିଗାଁ ଅଭିମୁଖେ ଯାଉଥିବା ସମୟରେ କୁଙ୍ଗା ନଦୀ ପୋଲ ନିକଟରେ ଦୁର୍ଘଟଣାରେ ଗୁରୁତର ହୋଇ ଧରଣୀଧର ମେଡିକାଲ କଲେଜରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କଟକ ରେଫର ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ।

ଉକ୍ତ ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଥିଲା। ରାସ୍ତା ଉପରେ ପ୍ରାୟ ୭୦ ପ୍ରତିଶତ ମାଟି ପଡ଼ି ରହିଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ।ଖବର ପାଇ ପଣ୍ଡାପଡ଼ା ଥାନା ଅଧିକାରୀ ରବିଶଙ୍କର ଭୈଁସାଙ୍କ ସମେତ ପୋଲିସ ଟିମ ଓ ହରିଚନ୍ଦନପୁର ତହସିଲଦାର ହିମାଂଶୁଶେଖର ପଣ୍ଡା,ମଣ୍ଡଳ ସଭାପତି ହୀରାଲାଲ ମହାନ୍ତ, ଆଞ୍ଚଳିକ ବିକାଶ ମଞ୍ଚ ସମ୍ପାଦକ ମନୋଜ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତ ଯୁବକଙ୍କ ଶୁଦ୍ଧିକ୍ରିୟା ପାଇଁ ଠିକାଦାରଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କା ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ହଟିଥିଲା।



ପ୍ରକାଶ ଥାଉକି ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଦୀର୍ଘଦିନ ଧରି ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗ ହୋଇଛି। ରାସ୍ତା ଉପରେ ମାଟି ଓ ଚିପ୍ସ ପକାଇ ରଖିବା ସହ ବିନା ଅନୁମତିରେ ରାସ୍ତାକଡ଼ର ଗଛ କାଟିବା ଘଟଣାକୁ ନେଇ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ଘଟଣାରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ମଧ ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି।

ପୂଜ୍ୟପୂଜା ସଂସଦର ବିଜୟା ମିଳନ

ଭଦ୍ରକ,(ସବ୍ୟୁ): ଭଦ୍ରକ ପୂଜ୍ୟପୂଜା ସଂସଦର ୫୫ତମ 'ବିଜୟା ମିଳନ' କାର୍ଯ୍ୟକ୍ରମଟୁ ଅନୁଷ୍ଠିତ ହୋଇଟାଇଛି । ଅଧାପକ ଦତ୍ତାତ୍ରେୟ ଦାଶଙ୍କ ସଂଚାଳନରେ ଭାଗବତ କଲଯାଣ ମଣ୍ଡପ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଶିକ୍ଷାବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ନିହାର ରଞ୍ଜନ ପଟ୍ଟନାୟକ ଉଦ୍ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ପୂଜ୍ୟପୂଜାର ମହନୀୟ ପରଂପରାକୁ ଅକ୍ଷୁର୍ଣ୍ଣ ରଖିବା ସହ ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଦିଗରେ ଏଭଳି ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଂଜନ ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଚଳିତବର୍ଷ ମର୍ଯ୍ୟାଦାଜନକ 'ବିଜୟା ସମ୍ମାନ' ଭଦ୍ରକର ପ୍ରାକ୍ତନ ଲୋକପ୍ରିୟ ଜିଲ୍ଲାପାଳ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ.ଦିଲୀପ ରାଉତରାଏଙ୍କୁ ପ୍ରଦାନ କରାଯାଇଥିଲା। । 'ବିନୋଦ ବିହାରୀ ସ୍ମାରକୀ ସମ୍ମାନ' ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି,'ନିଶାମଣି ସ୍ମାରକୀ ସମ୍ମାନ'ଲେଖିକା ଓ ସମାଜସେବୀ ବୀଣାପାଣି ସାହୁ,'ସରୋଜ କଳା ସମ୍ମାନ' ଚିତ୍ରଶିଳ୍ପୀ ମହେନ୍ଦ୍ର କୁମାର ରାଉତ 'ଅପୂର୍ବ ରଞ୍ଜନ ରାୟ ସ୍ମାରକୀ ସମ୍ମାନ' ଡ.ସୋମା ଚାନ୍ଦ,'ଗୌରାଙ୍ଗଚନ୍ଦ୍ର ମହାନ୍ତି ସ୍ମାରକୀ ସମ୍ମାନ'ରତିକାନ୍ତ ମହାନ୍ତି ଓ ସାମଗ୍ରିକ ସାରସ୍ୱତ ଅବଦାନ ପାଇଁ 'ପୂଜଯପୂଜା ସାରସ୍ୱତ ସମ୍ମାନ' କବି ଓ ଶିଶୁସାହିତିଯକ କରୁଣାକର ବେହୁରିଆଙ୍କୁ ପ୍ରଦାନ କରାଯାଇଥିଲା। ଲିପିପୁଷ୍ପା ରାୟ,ମନୋରମା ରାୟ,ସୁଶ୍ରୀସ୍ୱାଗତିକା ଦାସ,ସଂଯୁକ୍ତା ବଳ,ରଶ୍ମିତା ଦାସ,ଉଷାରାଣୀ ଜେନା,ଦୀପ୍ତିମୟୀ ସାହୁ ପ୍ରମୁଖ ମାନପତ୍ର ପାଠ କରିଥିଲେ। ସହସଂପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଂଚ ଆମନ୍ତ୍ରଣ ଓ ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି କରୁଣାକର ବେହୁରିଆଙ୍କ 'ପିଲାଙ୍କ ମନ ଛୁଆଁ କବିତା',କବୀ ମନୋରମା ରାୟଙ୍କ 'ମାଟି ଚନ୍ଦନ',ବିଚିତ୍ରାନନ୍ଦ ଜେନାଙ୍କ 'ଅଙ୍କୁର',ବୀଣାପାଣି ସାହୁଙ୍କ 'ଅମୃତା ପ୍ରୀତମଙ୍କ ଗଳ୍ପ ସମ୍ଭାର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସନାତନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପର୍ବରେ ଡ.ଅଭୟ କୁମାର ଦାସ ସଭାପତିତ୍ୱ କରିଥିବାବେଳେ,ମୁଖଯବକ୍ତା ଭାବେ ଡ.ବିଶ୍ୱରଞ୍ଜନ ଦାସ,ବରେଣଯ ଅତିଥି ଭାବେ ଇଂ.ଅରୁଣ ପାତ୍ର,କିଶୋର କୁମାର ପାଣିଗ୍ରାହୀ ଯୋଗଦେଇ କବିତା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ମୁସ୍ତାକ୍ ଗହ୍ୱର ଓ କବି ଶରତ ଚନ୍ଦ୍ର ଜେନା ପଠିତ କବିତାର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମର ଓଡ଼ିଶାରୁ ବିଭିନ୍ନ ଅଂଚଳରୁ ଭିନ୍ନ ଭିନ୍ନ ଭାଷାଭାଷୀ କବି ଓ କବୟିତ୍ରୀମାନେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। କବିତାପାଠ କରିଥିବା କବିମାନଙ୍କୁ ବିଜୟା ମିଳନ ସ୍ମାରକୀ-୨୦୨୬ ପ୍ରଦାନ କରାଯାଇଥିଲା।

ସରକାରୀ ବ୍ୟବସ୍ଥାରେ ଅନିୟମିତତାର ପ୍ରତିବାଦ

ଅସୁରାଳି,(ସବ୍ୟୁ) ସରକାରୀ ବ୍ୟବସ୍ଥାରେ ଦେଖା ଦେଇଥିବା ଅନିୟମିତତାକୁ ନେଇ ବିରୋଧାଭାସ ପ୍ରକାଶ ପାଇଛି।ଧାମନଗର ବ୍ଲକର ପାଳସାହି ଓ ରଇପୁର ପଞ୍ଚାୟତର ବିରୋଧୀ ଦଳ ପକ୍ଷରୁ ସୋମବାରଦିନ ବେତାଳିଗାଁ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି।ବୃଦ୍ଧବୃଦ୍ଧାଙ୍କ ସମେତ ଦିବ୍ୟାଙ୍ଗ ଭତ୍ତା ବଣ୍ଟନରେ ଅବ୍ୟବସ୍ଥା,ବନ୍ୟା ଜନିତ ରିଲିଫ ସାମଗ୍ରୀ ବଣ୍ଟନ ଓ କ୍ଷୟକ୍ଷତି ସହାୟତା ପ୍ରଦାନରେ ଅନିୟମିତତା, ଚାଷ କ୍ଷୟକ୍ଷତି ଆକଳନରେ ପକ୍ଷପାତିତା ଏବଂ ବୈତରଣୀ ନଦୀର ଶାଖା କାଣିନଦୀ ମୁହାଣକୁ ଯାଜପୁର ଜିଲ୍ଲା ପ୍ରଶାସନ ପୋତି ହେବା ଭଳି ବିଭିନ୍ନ ଜନସମସ୍ୟାକୁ ପାଳସାହି ଗ୍ରାମ ପଞ୍ଚାୟତର ବେତାଳିଗାଁ ହାଟଠାରେ ସୋମବାର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହି ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି ।ଏଥିରେ ପାଳସାହି ଓ ରଇପୁର ପଞ୍ଚାୟତର ବିଜେଡି,କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳର ନେତା ଓ କର୍ମୀମାନେ ଏକାଠି ହୋଇ ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟକୁ ସମାଲୋଚନା କରିଥିଲେ। ଦୀର୍ଘଦିନ ଧରି ଭତ୍ତା ନମିଳିବା ଫଳରେ ଦୈନନ୍ଦିନ ଜୀବନଯାପନରେ ଘୋର ଅସୁବିଧା ଭୋଗୁଥିବା ହିତାଧିକାରୀମାନେ ସଭାରେ ନିଜ ଦୁଃଖ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ।କାଣୀ ନଦୀରେ ହେଉଥିବା ବେଆଇନ ବନ୍ଧ ନିର୍ମାଣ ବନ୍ଦ କରିବା,ଭତ୍ତା ସମସ୍ୟା ଦୂର,ଉପଯୁକ୍ତ ତଦନ୍ତ କରି ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ୍ୟା କ୍ଷତିପୂରଣ ପ୍ରଦାନ ଆଦି କାର୍ଯ୍ୟ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସମାଧାନ କରାନଗଲେ ଜନ ଆନ୍ଦୋଳନ ତୀବ୍ର କରିବାକୁ ସଭାରେ କହିଥିଲେ ବିରୋଧୀ ଦଳର ନେତୃମଣ୍ଡଳୀ।ଏହି ପ୍ରତିବାଦ ସଭାରେ କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସିପିଏମ ନେତା ସତ୍ୟମୂର୍ତ୍ତି ବେହେରା,ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା,ପାଳସାହି ପଞ୍ଚାୟତ ବିଜେଡି ସଭାପତି ବ୍ରଜେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଅନିଲ କୁମାର ଦାସ, କୃଷକ ନେତା ପିତବାସ ମହାନ୍ତି ଓ ସିପିଏମ ନେତା ମାର୍କଣ୍ଡ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ଲକ୍ଷ୍ମୀ ମଣ୍ଡପ ବୁଲିଲେ ନିରଞ୍ଜନ ପଟ୍ଟନାୟକ

ଆଗରପଡ଼ା,(ସବ୍ୟୁ):ଆଗରପଡ଼ା ସ୍ଥିତ କୁଆଁଶମଡ଼ିଆ ଛକ,ଗଡ଼ସାହୀ ଛକ ଓ ମହତାବ ଛକରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳା ପ୍ରତି ମଣ୍ଡପରେ ଶୋଭା ପାଉଛି। ଭଜନ,କୀର୍ତ୍ତନ ଧ୍ୱନୀରେ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି। ସୋମବାର ସନ୍ଧ୍ୟାରେ କଂଗ୍ରେସ ବରିଷ୍ଠ ନେତା ତଥା ପ୍ରାକ୍ତନ ମଂତ୍ରୀ ନିରଞ୍ଜନ ପଟ୍ଟନାୟକ ଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶୀଷ ଭିକ୍ଷା କରିଥିଲେ। ପ୍ରାକ୍ତନ ସରପଂଚ ସତ୍ୟବାନ ଦାସ, ରବିନାରାୟଣ ମହାନ୍ତି,କାର୍ତ୍ତିକ ଜେନା,ଅକ୍ଷୟ ରାଉତ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

ଦୁଷ୍କର୍ମ, ହତ୍ୟା ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ନ୍ୟାୟ ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର

ଜଳେଶ୍ୱର,(ସବ୍ୟୁ) : ସୋମବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସଭାପତି ହରିପ୍ରିୟା ଜେନାଙ୍କ ନେତୃତ୍ୱରେ ମହିଳା ମାନଙ୍କ ଉପରେ ବାଲେଶ୍ୱର ଅଂଚଳରେ ହେଉଥିବା ଅପରାଧ ସମ୍ପର୍କରେ ଗତ ୨୨ତାରିଖ ଜଣେ ନାବାଳିକା ଛାତ୍ରୀର ମୃତ ଶରୀର ମିଳିବା ଏବଂ ଏହି ଝିଅଟିର ବାପା, ମାଙ୍କର ଏଫଆଇଆରକୁ ଜଳେଶ୍ୱର ପୋଲିସ ଅଣଦେଖା କରିବା ଆଜି ରାଜ୍ୟରେ ଚହଳ ସୃଷ୍ଟି କରିଛି । ଫଳରେ ଗଣତାନ୍ତ୍ରିକ ମହିଳା ସମିତି ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଦୁଷ୍କର୍ମଓ ହତ୍ୟାର ଶିକାର ହୋଇଥିବା ନାବାଳିକାକୁ ନ୍ୟାୟ ମିଳିବା ପାଇଁ ନିମ୍ନ ଦାବି ଉପସ୍ଥାପନା କରୁଛି। ପୋଲିସ ତଦନ୍ତ ଉପରେ ଲୋକଙ୍କର ଭରସା ଉଠିଯାଇଥିବାରୁ ଏକ ନାୟିକ ତଦନ୍ତର ବ୍ୟବସ୍ଥା ତୁରନ୍ତ ଫାଷ୍ଟ ଟ୍ରାକ କୋର୍ଟ ଦ୍ୱାରା ଅଭିଯୁକ୍ତ ଲୋକଙ୍କୁ କଠୋର ଦଣ୍ଡ ଦେବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ସମସ୍ତ ପୋଲିସମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ । ମୃତକଙ୍କ ପରିବାରକୁ ୫୦(ପଚାଷ ଲକ୍ଷ)ଟଙ୍କା କ୍ଷତିପୂରଣ ଦେବାର ବ୍ୟବସ୍ଥା,ଜଳେଶ୍ୱର ଅଂଚଳରେ ବର୍ଦ୍ଧିତ ମହିଳା ଅପରାଧ ଏବଂ ମହିଳା ଚାଲାଣ ରୋକିବା ପାଇଁ ପୋଲିସ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବବସ୍ଥା ନିଆଯାଉ ବୋଲି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ, ଉକ୍ତ ପ୍ରତିବାଦ ରେ ଅରୁଣବାଲା ସିଂ, ମିନତୀ ସାନ୍ତରା, ଉମାରାଣୀ ବାରିକ, ବାସନ୍ତୀ ଗିରି, ଦିପାଞ୍ଜଳି ଜେନା, ଶ୍ରଦ୍ଧାଞ୍ଜଳି ଜେନା, ଜେୟାସ୍ମା ରାଣୀ ସାନ୍ତରା, ଦୀପା ଦଳାଇ, ନନ୍ଦିନୀ ଦଳାଇ ପ୍ରମୁଖ ମହିଳା ଉପସ୍ଥିତ ଥିଲେ ।

ବିଭିନ୍ନ ସ୍ଥାନରେ ଜମୁଛି ଗଜଲକ୍ଷ୍ମୀ ପୂଜା

ଢେଙ୍କିକୋଟ,(ସବ୍ୟୁ):ଗଜଲକ୍ଷ୍ମୀ ପୂଜା ଢେଙ୍କିକୋଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଶ ଜମୁଛି ।ମାର୍କେଟ ଅଧିକ ଚଳଚଞ୍ଚଳ ହେବା ସହିତ ଜମୁଛି ମାତୃପ୍ରେମୀମାନଙ୍କ ଭିଡ । ମା ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି, ବସୁଉଚ୍ଚ ତୋରଣ, ବିଦ୍ୟୁତ ଚାଳିତ ଗେଟ, ଆକର୍ଷଣୀୟ ସାଜସଜା, ପ୍ରସାଦସେବନ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁଁ ପୂଜା ମଣ୍ଡପରେ ଭିଡ ଜମୁଛି । ପୂଜାରେ କର୍ତ୍ତା ଭାବେ କମିଟିର ସଭାପତି ରାମଚନ୍ଦ୍ର ସାହୁ ବସିଥିବା ବେଳେ ସଂକଳ୍ପରେ ସମ୍ପାଦକ ସଞ୍ଜୀବ କୁମାର ସାହୁ, ତାପସ ଓଝା, ସୁସାନ୍ତ ସେନାପତି, ମକରଧଜ ସାହୁ ପୂଜାକାର୍ଯ୍ୟ କରୁଛନ୍ତି । ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ମହାନ୍ତ,ଶଙ୍କରର୍ଷଣ ସାହୁ, ଦିଗାମ୍ବର ନାୟକ, ଅର୍ଜୁନ ଚରଣ ବାରିକ, ମହେଶର ସାହୁ, ବିଜୟ କୁମାର ମଣ୍ଡଳ, ବିଜୟ କୁମାର ସାହୁ, ପ୍ରମୁଖ ସହଯୋଗ କରୁଛନ୍ତି । ସେହିପରି ନବୀନ ନିବାସ, ସୌମ୍ୟପ୍ରକାଶ ନିବାସ, ନରୋତ୍ତମ ନିବାସ,ପାଲ ଆଣ୍ଡ ପାଲ ନିବାସ, ଭେଜନା ସାହୁନିବାସ, ରଞ୍ଜନ ସାହୁ ନିବାସ ରେ ମା ଲକ୍ଷ୍ମୀ ଙ୍କ ମୂର୍ତ୍ତିପୂଜା କରାଯାଉଛି । ସବୁ ମଣ୍ଡପ ରେ ଆକର୍ଷଣୀୟ ସାଜସଜା ସହିତ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଛି ।

ଦୁର୍ନୀତି ନିବାରଣ ତଥା ସାଧୁତାର ଶପଥ ପାଠ

ଭଦ୍ରକ,(ସବ୍ୟୁ):ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦଭାବନା ସଭାଗୃହ କକ୍ଷରେ ଏକ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ରବି ନାରାୟଣ ସାହୁ ଏବଂ ଡ଼ିଏସପି ଭିଜିଲାନ୍ସ ଦୁଷ୍ମନ୍ତ ନାୟକ ଉପସ୍ଥିତ ରହି ଅଧିକାରୀ ତଥା କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀସାହୁ ଉଦବୋଧନ ଦେଇ ଦୁର୍ନୀତି ମୁକ୍ତ କାର୍ଯ୍ୟ ଶୈଳୀ ଆପଣାଇବା ଏବଂ ନିଷ୍ଠାର ସହ ସରକାରୀ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରି ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି କାଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ଡେପୁଟି କଲେକ୍ଟର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର କାର୍ଯଯକ୍ରମକୁ ପରିଚାଳନା କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ବେତଡାରେ ଗଜଲକ୍ଷ୍ମୀ ପୂଜା

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତର ବେତଡାର ପ୍ରସିଦ୍ଧ ଗଜଲକ୍ଷ୍ମୀପୂଜା ବେଶ ଧୁମଧାମରେ ପାଳିତ ହେଉଛି। ଏହି ଲକ୍ଷ୍ମୀପୂଜା ଦଶ ଦିନରୁ ଉର୍ଦ୍ଧ୍ୱ ଚାଲିବାକୁ ଥିବାରୁ ପୂଜାର ମାଆଙ୍କ ମୂର୍ତ୍ତି ଓ ସାଜସଜା ଦେଖିବାକୁ ବେଶ ଗହଳି ଆରମ୍ଭ ହୋଇଛି। ବେତଡା ବଜାର ସର୍ବପୁରାତନ ପୂଜା କମିଟି ୧୯୪୭ ମସିହାର ଆରମ୍ଭ ହୋଇ ତିନି ବର୍ଷ ହେଲା ମାଆଙ୍କ ମାର୍ବଲ ଖଚିତ ପ୍ରତିମୂର୍ତ୍ତି ପୀଠ ଦେବୀ ଭାବେ ପ୍ରତିଦିନ ପୂଜା ପାଉଛନ୍ତି। ଏହି କମିଟିର ସଭାପତି ନଗେନ୍ଦ୍ର ବିଶ୍ୱାଳ ଥିବା ବେଳେ ସମ୍ପାଦକ ଭାବେ ସୁରେନ୍ଦ୍ର ପ୍ରସାଦ ବେଜ ଦାୟିତ୍ୱ ତୁଲାଉଛନ୍ତି। କଚେରୀ ବଜାରରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ରଙ୍ଗ ବେରଙ୍ଗର ଆଲୋକ ମାଳା ଭକ୍ତମାନଙ୍କୁ ଆକର୍ଷିତ କରୁଛି। ଗୋରୁହାଟ ପଡିଆରେ ଅନୁଷ୍ଠିତ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧୁମଧାମରେ ପାଳିତ ହୋଇଛି। ତାରିଣୀ ଛକ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ବେଶ ଆଡମ୍ବର ସହିତ ପାଳିତ ହେଉଛି।

୩୫୮୪ ହିତାଧିକାରୀଙ୍କୁ ୪ ମାସ ହେଲା ମିଳୁନି ଭତ୍ତା

ଠାକୁରମୁଣ୍ଡା, (ସବ୍ୟୁ):ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ବ୍ଲକରେ ଦୀର୍ଘ ୪ ମାସ ହେଲା ୩୫୮୪ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ମିଳିପାରୁନାହିଁ।ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଏହି ହିତାଧିକାରୀମାନେ ଭତ୍ତା ପାଇଆସୁଥିଲେ। ହେଲେ ଗତ ଜୁଲାଇ ମାସରୁ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସୁନାହିଁ। ଫଳରେ ଅସହାୟ ବୃଦ୍ଧବୃଦ୍ଧା, ବିଧବା ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଆଧାର କାର୍ଡ, ପାସବହି ଧରି ପ୍ରତିଦିନ ଠାକୁରମୁଣ୍ଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅଫିସକୁ ଦୌଡି ଦୌଡି ନୟାନ୍ତ ହେଲେଣି।

ହିତାଧିକାରୀଙ୍କ ଅଭିଯୋଗ, ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ, ସର୍ଭର ତ୍ରୁଟି ଯୋଗୁଁ ଭତ୍ତା ଅଟକିଛି ବୋଲି କୁହାଯାଉଛି, କିନ୍ତୁ ଏ ପର୍ଯ୍ୟନ୍ତ ସମାଧାନ ହୋଇପାରୁନାହିଁ। ଏନେଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ସବ୍ୟୁ):ତିହିଡି ବ୍ଲକର ରାଜନଗର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ପରିସରଠାରେ ସୋମବାରଦିନ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଇଯାଇଛି। ଏହି ଶୁଣାଣିରେ ମୋଟ ୨୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୮୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧିନସ୍ତ ୮ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୭ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡ଼କ୍ରସ ମାଧ୍ୟମରେ ୮ଜଣ ଅଭିଯୋଗକାରୀଙ୍କୁ ୬୦ହଜାର ଟଙ୍କା ମଂଜୁର କରାଯାଇଛି। ଏହି ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ,ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ,ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ତିହିଡି ବ୍ଲକ ଅଧିକ୍ଷା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଲକ୍ଷ୍ମୀ ପୂଜା ଆରମ୍ଭ ୫୧ କଳସ ଯାତ୍ରା

ଠାକୁରମୁଣ୍ଡା, (ସବ୍ୟୁ)ଠାକୁରମୁଣ୍ଡା ବଜାରରେ ଗଜଲକ୍ଷ୍ମୀ ପୂଜା ମହା ଆଡମ୍ବରରେ ଆରମ୍ଭ ହୋଇଛି। ଏହି ଅବସରରେ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ୫୧ କଳସ ଯାତ୍ରା ଅନୁଷ୍ଠିତ ହୋଇଛି।ପୂଜା କମିଟି ପକ୍ଷରୁ ଯୁବକମାନେ ପାରମ୍ପରିକ ଧୋତି, ଗାମୁଛା ପରିଧାନ କରି କଳସରେ ନଡିଆ, ଆମ୍ବ ପତ୍ର ଧରି ବାଦ୍ୟ ବାଜଣା ସହ ଶୋଭାଯାତ୍ରାରେ କଣ୍ଠାମୁଳି ନାଳରୁ ବାହାରି ବଜାର ପରିକ୍ରମା କରି ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ଆସନ୍ତା ୩ ଦିନ ଧରି ମା' ଲକ୍ଷ୍ମୀଙ୍କ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ଠାକୁରମୁଣ୍ଡା ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜାସ୍ରୋବ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ମା ଗଜଲକ୍ଷ୍ମୀଙ୍କ ପୂଜାସ୍ରୋବ ପାଳନ ହେଉଛି । ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ଆନୁକୂଲଯରେ ଆୟୋଜିତ ମା' ଗଜଲକ୍ଷ୍ମୀଙ୍କ ୨୮ ତମ ପୂଜାସ୍ରୋବ ରବିବାର ଆରମ୍ଭ ହୋଇଛି। କହରାପୋଖରୀଶାସନ ଗ୍ରାମର ସ୍ୱର୍ଗତ ଡମ୍ବରୁଧର ବେହେରାଙ୍କ ପରିବାର ପକ୍ଷରୁ ଚଳିତ ବର୍ଷ ୫୬ତମ ମା' ଲକ୍ଷ୍ମୀପୂଜା ପାଳନ ହେଉଛି। ଗତ ୧୯୭୧ ମସିହାରେ ଦିବଙ୍ଗତ ପତ୍ନୀ କୁନ୍ତଳା ଦେବୀଙ୍କ ଆଗ୍ରହ ଯୋଗୁଁ ଅଭାବ ଅନାଟନକୁ ଭ୍ରୁକ୍ଷେପ ନକରି ଡମ୍ବରୁବାବୁ ମା'ଙ୍କ ପୂଜା ଆରମ୍ଭ କରିଥିଲେ।ମା'ଙ୍କ ନିକଟରେ ପ୍ରତ୍ୟେହ ସାନ୍ତୁ, ମୁଗ ଖେଚୁଡି ଭୋଗ ଲାଗି ହେବା ବିଧି ଏବେବି ପ୍ରଚଳିତ ଅଛି।ସେହିପରି ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନାଆମୀ ପଞ୍ଚାୟତର ଛଞ୍ଚିଣା ବାଲିବଜାରରେ ୪୦ ତମ ଗଜଲକ୍ଷ୍ମୀ ପୂଜାସ୍ରୋବ ରବିବାର ରାତ୍ରରେ ଆରମ୍ଭ ହୋଇଛି ।ଏଥିସହଭଣ୍ଡାରିପୋଖରୀର ବଜାର ମା'ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲଯରେ ଚଳିତ ବର୍ଷ ପୂଜା ରବିବାର ଠାରୁ ଆରମ୍ଭ ହୋଇଛି। ରହଣିଆ ଲକ୍ଷ୍ମୀ ବଜାରରେ ଚଳିତ ବର୍ଷର ୪୩ତମ ମା' ଗଜଲକ୍ଷ୍ମୀ ପୂଜାସ୍ରୋବ ରବିବାର ଆରମ୍ଭ ହୋଇଛି।

ଡବ୍ଲ୍ୟୁଏସ୍ଓ ଇଣ୍ଡିଆ ସୁରକ୍ଷା ପୁରସ୍କାରରେ ଟିପିଏନ୍ଓଡିଏଲ୍‌କୁ ସ୍ୱର୍ଣ୍ଣ ବର୍ଗରେ ସମ୍ମାନ



ବାଲେଶ୍ୱର,(ସବ୍ୟୁ):ଟିପିନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ) ବିଶ୍ୱ ସୁରକ୍ଷା ସଂଗଠନ (ଡବ୍ଲ୍ୟୁଏସ୍ଓ) ଇଣ୍ଡିଆର ରାଜ୍ୟସ୍ତରୀୟ ବୃତ୍ତିଗତ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ (ଓଏଚ୍ଏସ୍ଆଣ୍ଡଇ) ପୁରସ୍କାର ୨୦୨୬ରେ ୪-ଷ୍ଟାର୍ ରେଟିଂ ସହ ସ୍ୱର୍ଣ୍ଣ ବର୍ଗୀୟ ବିଜେତା ଭାବେ ସମ୍ମାନିତ ହୋଇଛି। ମୁମ୍ବାଇରେ ଆୟୋଜିତ ସମାରୋହରେ ଟିପିଏନ୍ଓଡିଏଲ୍ ପକ୍ଷରୁ ସୁରକ୍ଷା ବିଭାଗ ମୁଖ୍ୟ ତପନ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ କୁମାର ମହାନ୍ତ ଓ ଦିଲୁ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଟିପିଏନ୍ଓଡିଏଲ୍‌ର ବିଦ୍ୟୁତ୍ ବିତରଣ କାର୍ଯ୍ୟରେ ଅନୁସୃତ ସୁରକ୍ଷା ବଯବସ୍ଥା ଏହି ମୂଲଯାୟନରେ ସାମିଲ ଥିବାବେଳେ କାଯ୍ୟସ୍ଥଳରେ ସୁରକ୍ଷା ପରିଚାଳନା ଏବଂ ବିଦ୍ୟୁତ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ଦ୍ୱାରା ସୁରକ୍ଷା ପ୍ରକ୍ରିୟାର ଅନୁପାଳନ ଉପରେ ଏନେଇ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଟିପିଏନ୍ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତଯାଗୀ କହିଛନ୍ତି, ସୁରକ୍ଷା ଆମ ପାଇଁ ସର୍ବୋପରି। ସେଥିପାଇଁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନିୟମର କଡାକଡି ଅନୁପାଳନ ଏବଂ ଅସୁରକ୍ଷିତ ପରିସ୍ଥିତିରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ସ୍ୱୀକୃତି, ସୁରକ୍ଷିତ କାର୍ଯ୍ୟପନ୍ଥାର ନିରନ୍ତର ଉନ୍ନତି ସହ ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରି କର୍ମଚାରୀ ଓ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଆମ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। କର୍ମଚାରୀଙ୍କ ସୁରକ୍ଷା ସହ ସାଧାରଣ ଲୋକଙ୍କ ମଧ୍ୟରେ ବିଦ୍ୟୁତ୍‌ଜନିତ ବିପଦ ସମ୍ପର୍କରେ ସଚେତନତା ବଢ଼ାଇବାକୁ ଟିପିଏନ୍ଓଡିଏଲ୍ ବିଭିନ୍ନ ଜନସଚେତନତା କାର୍ଯଯକ୍ରମ ହାତକୁ ନେଇଛି। ଦୁର୍ଘଟଣା ଏଡ଼ାଇବା ପାଇଁ ବିଦ୍ୟୁତ୍ ଜନିତ ବିପଦ ଓ ଅସୁରକ୍ଷିତ ପରିସ୍ଥିତି ସମ୍ପର୍କରେ ତୁରନ୍ତ ଗ୍ରାହକ ସେବା ନମ୍ବର ୧୮୦୦ ୩୪୫୬ ୭୧୮ କିମ୍ବା ୧୯୧୨ରେ ଜଣାଇବାକୁ ଟିପିଏନ୍ଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି।


ଜିଲ୍ଲାପାଳଙ୍କୁ ଏଓବିଇଓ-ଜେସିସିର ସ୍ମାରକପତ୍ର

କେନ୍ଦୁଝର, (ସବ୍ୟୁ):ନିଖିଳ ଓଡ଼ିଶା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦର ଆହ୍ୱାନକ୍ରମେ କେନ୍ଦୁଝର ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ପାଞ୍ଚଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।ଦୀର୍ଘଦିନ ଧରି ଦରମା ବିସଙ୍ଗତି, ପଦୋନ୍ନତି ସୁଯୋଗର ଅଭାବ, ଅତ୍ୟଧିକ କାର୍ଯ୍ୟଭାର, କ୍ଷେତ୍ର ପରିଦର୍ଶନଜନିତ ସମସ୍ୟା ଓ କର୍ମକ୍ଷେତ୍ରରେ ସୁରକ୍ଷାହୀନତା ଯୋଗୁଁ ଚାରି କ୍ୟାଡରର ଅଧିକାରୀମାନେ ଅସନ୍ତୋଷ ଓ ମାନସିକ ଚାପରେ ରହିଛନ୍ତି। ଏ ନେଇ ପରିଷଦ ପକ୍ଷରୁ ପ୍ରମୁଖ ପାଞ୍ଚଦଫା ଦାବି ଜିଲ୍ଲାପାଳଙ୍କୁ ଦିଆଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ସମନ୍ୱୟକ ତଥା ସହ-ଆବାହକ ସୁଶାନ୍ତ କୁମାର ସାହୁ, ମାନସ ରଞ୍ଜନ, ମୋତିଲାଲ ନାୟକ ଓ କରମଚାନ୍ଦ ସୋରେନଙ୍କ ସମେତ ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ।ଜନସେବାରେ ନିୟୋଜିତ ଚାରି କ୍ୟାଡରର ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାରଙ୍କ ନିକଟକୁ ପଠାଇ ଶୀଘ୍ର ସମାଧାନ ପାଇଁ ପରିଷଦ ଅନୁରୋଧ କରିଛି। 'ଚାରି କ୍ୟାଡର, ଏକ ସ୍ୱର, ଏକ ସଂକଳ୍ପ'ଏହି ଆହ୍ୱାନ ସହ ଆଗାମୀ ଦିନରେ ଅଧିକ ସୁଦୃଢ଼ ଏକତା, ସମନ୍ୱୟ ଓ ମିଳିତ ପ୍ରୟାସ ଜାରି ରଖିବାକୁ ପରିଷଦ ସଂକଳ୍ପବଦ୍ଧ ବୋଲି ଚାରି ସହ-ଆବାହକ ସୂଚନା ଦେଇଛନ୍ତି।ଏହି ଦାବିପତ୍ରର ନକଲ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ପ୍ରଦାନ କରାଯାଇଛି ।

ସମାଜ କଲ୍ୟାଣ ବିକାଶ ପରିଷଦର ସିଡିଏମଓଙ୍କୁ ଦାବିପତ୍ର

ଜଳେଶ୍ୱର,(ସବ୍ୟୁ) : ଜଳେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ସମାଜ କଲଯାଣ ବିକାଶ ପରିଷଦ ପକ୍ଷରୁ ଜି କେ ଭଞ୍ଜର ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତା ନଭେମ୍ବର ୭ ତାରିଖରେ ହସପିଟାଲ ସମ୍ମୁଖରେ ହେବାକୁ ଥିବା ଧାରଣା ସମ୍ପର୍କରେ ଦାବିପତ୍ର ସିଡିଏମଓଙ୍କ ଉଦ୍ଦେଶ୍ୟରେ ହସ୍ପିଟାଲ ସୁପରିନଟେଣ୍ଡେଣ୍ଟ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଛ । ଖାଲି ଥିବା ସମସ୍ତ ଡାକ୍ତର, ସେବିକା, ଫାର୍ମସିଷ୍ଟ ପଦବୀ ପୂରଣ କରିବା, ଟ୍ରମା ସେଣ୍ଟର ପ୍ରତିଷ୍ଠା କରିବା, ଜଳେଶ୍ୱରର ସମସ୍ତ ଆରୋଗଯକେନ୍ଦ୍ର ରେ ଖାଲି ଥିବା ପଦବୀ ପୂରଣ କରିବା ଓ ଖାଲି ଥିବା ସ୍ପେସିଆଲିଷ୍ଟ ଡାକ୍ତର ପୂରଣ ଲାଗି ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାଯ୍ୟକ୍ରମରେ ସମାଜ କଲଯାଣ ବିକାଶ ପରିଷଦର ସମ୍ପାଦକ ଆଇନଜିବୀ ରାମଚନ୍ଦ୍ର ଜେନାଙ୍କ ସମେତ ଅଜିତ କୁମାର ମହାନ୍ତି, କମଳ ଚକ୍ରବର୍ତ୍ତୀ, ବନମାଳୀ ଧଳ, ଅବନୀ ଚାନ୍ଦ, ସତଯ ନାରାୟଣ ଦାସ, ଗୌରହରି ସାହୁ ପ୍ରମୁଖ କର୍ମକର୍ତ୍ତା ଓ ସଦସଯ ଉପସ୍ଥିତ ଥିଲେ ।

୨୩ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର ,(ସବ୍ୟୁ) :ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଜାତୀୟ କବି ଲେଖକ ସଂଗଠନ ପକ୍ଷରୁ ଶାରଦୀୟ ସାହିତ୍ୟ ଉତ୍ସବ-୨୦୨୬ ଜଳେଶ୍ୱର ସ୍ଥିତ ଭଞ୍ଜ କଲ୍ୟାଣ ମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ବରିଷ୍ଠ କବି ଓ ସାହିତ୍ୟିକ ବାଞ୍ଛାନିଧି ମହାନ୍ତି ଉଦଘାଟନ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ସାହିତ୍ୟ ସଂଗଠକ କବି କାଳିପଦ ପଣ୍ଡା, ମୁଖ୍ୟଅତିଥି ଭାବେ କବି ବିପିନ ବିହାରୀ ବାରିକ , ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ତଥା ସାମ୍ବାଦିକ ରବିନ୍ଦ୍ର ନାଥ ସେନାପତି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ସିଦ୍ଧେଶ୍ୱର ପଣ୍ଡା, ଅନୁଷ୍ଠାନର ସଭାପତି ଯଜ୍ଞେଶ୍ୱର ପଣ୍ଡା, ଉପଦେଷ୍ଟା କୁଳମଣି ବାରିକ,ରାଜଯ ସଂଯୋଜକ ଜଗଦୀଶ ମହାନ୍ତି ପ୍ରମୁଖ ଯୋଗଦେଇ କବିତାର ଦିଗ ଓ ଦିଗନ୍ତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କବିତା ପାଠୋତ୍ସବରେ କବି ସୁଶାନ୍ତ କୁମାର ଜେନା ଓ ଅନୁଷ୍ଠାନର କାର୍ଯ୍ୟକାରୀ ସଂପାଦିକା ଓ ଲେଖିକା ଦେବଯାନୀ ଆଚାର୍ଯ୍ୟ କବିତା ଗୁଡିକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ବେଜ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୩ ଜଣ ସାରସ୍ୱତ ସାଧକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଆମ ଅଙ୍ଗୀକାର-୨୦୨୬ ଉନ୍ମୋଚନ କରାଯାଇଥିଲା। କବି ସିଦ୍ଧେଶ୍ୱର ପଣ୍ଡାଙ୍କ କବିତା ସଂକଳନ ଭୋର ପକ୍ଷୀଙ୍କ ଡାକ, କୁଳମଣି ବାରିକଙ୍କ କବିତା ସଂକଳନ' କବିତା ସମ୍ଭାର' ପୁସ୍ତକକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶତାଧିକ କବି, ଲେଖକ ଓ ବୁଦ୍ଧିଜୀବୀ ଏହି ଉତ୍ସବରେ ଯୋଗଦେଇଥିଲେ । ସଂଯୋଜକ ଜଗଦୀଶ ମହାନ୍ତି, ରବିନ୍ଦ୍ର ନାଥ ସେନାପତି, ଦେବଯାନୀ ଆଚାର୍ଯ୍ୟ, ବିପ୍ଲବ ବିକାଶ ବେହେରା , ପ୍ରଶାନ୍ତ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ପ୍ରାରମ୍ଭରେ ଜଳେଶ୍ୱର ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଜଘନ୍ୟ ଭାବେ ହତ୍ୟା ଓ ଗଣଦୁଷ୍କର୍ମ ଘଟଣାକୁ ଜାତୀୟ କବି ଲେଖକ ସଂଗଠନ ପକ୍ଷରୁ ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ନୀରବ ପ୍ରାର୍ଥନା କରାଯାଇଥିଲା।

ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶପଥ ଗ୍ରହଣ



କେନ୍ଦୁଝର ,(ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲାରେ ପ୍ରଶାସନିକ ସଓ୍ଛତା ଏବଂ ଦୁର୍ନୀତି ନିବାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ଦୁର୍ନୀତି ନିବାରଣ ସପ୍ତାହର ପ୍ରଥମ ଦିନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ଗ୍ରହଣ କରିଛନ୍ତି। ପାଟଣା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ। ସୋମବାର ଠାରୁ 'ଦୁର୍ନୀତି ନିବାରଣ ସପ୍ତାହ'ର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ ତରଫରୁ ବିଭିନ୍ନ ସଚେତନତା ଓ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମମାନ ଆୟୋଜିତ ହେବ। ଜିଲ୍ଲାପାଳବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, କେନ୍ଦୁଝର, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ ଆଦି ଉପସ୍ଥିତ ଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସାଙ୍ଗକୁ ସେମାନଙ୍କୁ ସଓ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରଶାସନିକ ସେବା ଯୋଗାଇଦେବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଅନ୍ୟପକ୍ଷରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ମଧ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମସ୍ତ ବିଭାଗ ଓ ଉପ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଏଥିରେ ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା,କିରଣ କୁମାର ନାଏକ, ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସୁବ୍ରତ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ବୈରାଗୀ ନାୟକ, ସନ୍ତୋଷ କୁମାର ପରିଡ଼ା ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ।ଦୁର୍ନୀତି ନିବାରଣ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ଏହା ଏକ ସାମୂହିକ ସାମାଜିକ ଦାୟିତ୍ୱ। ଏଥିପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ନୈତିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା।

ସମ୍ପାଦକୀୟ

ଓଡ଼ିଶା ଉପରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି

ନୂତନ ଭାରତର ପରିକଳ୍ପନା ସହିତ ନୂତନ ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ତାଙ୍କର ଲକ୍ଷ୍ୟ ଥିଲା ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତିରେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ରୂପାନ୍ତରିତ କରିବା ସହିତ ପଛରେ ପଡ଼ିଥିବା ଓଡ଼ିଶାର ବିକାଶ ମଧ୍ୟ କରାଇବା । ୨୦୪୭ରେ ଯେତେବେଳେ ସ୍ୱାଧୀନ ଭାରତ ଶହେ ବର୍ଷରେ ପାଦ ପକାଇବ, ହୁଏତ ଭାରତ ଜିଡିପି (ସମୁଦାୟ ଘରୋଇ ଉତ୍ପାଦ) ୫ ପ୍ରତିଶତରେ ଉପନୀତ ହେବ । ଭାରତ ସମେତ ଓଡ଼ିଶାର ଲୋକଙ୍କ ଜୀବନ ଧାରଣର ମାନକୁ ଉନ୍ନତ କରିବାକୁ ଏବଂ ଓଡ଼ିଶାରେ ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବାକୁ ମୋଦିଜୀ ଚାହିଁଛନ୍ତି । ଓଡ଼ିଶାକୁ ଦାରିଦ୍ର୍ୟମୁକ୍ତ କରିବାକୁ ଗାନ୍ଧିଜୀ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ ଏବଂ 'ଓଡ଼ିଶା ପାଇଁ ସେ କିଛି କାମ କରିପାରିଲେ ଭାରତ ପାଇଁ, କିଛି କାମ କରିପାରିଲେ' ବୋଲି ଗାନ୍ଧିଜୀ କହିଆସୁଥିଲେ । ମୋଦିଜୀ ଜଣେ ପ୍ରଧାନମନ୍ତ୍ରୀ ଭାବେ ଓଡ଼ିଶାକୁ ପ୍ରାଥମିକତା ଦେଇଥିବା ଆମମାନଙ୍କ ପାଇଁ ପ୍ରକୃତରେ ବଡ଼ କଥା । ଓଡ଼ିଶାର ଯୁବପିଢ଼ିଙ୍କ ଉନ୍ନତି ପ୍ରକୃତରେ ତାଙ୍କର ଲକ୍ଷ୍ୟ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ଉଦ୍‌ଘାଟନ ଉତ୍ସବରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ବ୍ୟାଙ୍କ ଜାତୀୟକରଣ କରାଯାଇଥିଲା ସତୁରୀ ଦଶକରେ । ମାତ୍ର ମଧ୍ୟବିତ୍ତ ଓ ଗରିବ ଲୋକେ ବ୍ୟାଙ୍କ ମାଧ୍ୟମରେ ଉପକୃତ ହୋଇପାରୁ ନ ଥିଲେ । ଏବେ ରାସ୍ତାକଡ଼ର ଛୋଟ ଛୋଟ ଦୋକାନୀ ଓ ଛୋଟ ଛୋଟ କୌଳିକ ବୃତ୍ତିରେ ଥିବା କର୍ମକାରମାନେ ମଧ୍ୟ ବ୍ୟାଙ୍କରୁ ବିନା ଗ୍ୟାରେଣ୍ଟିରେ ଋଣ ପାଇପାରୁଛନ୍ତି ।

ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୂର ହୋଇ ରହିଛି । ତାହାର ସଦୁପଯୋଗ କରାଇ ଓଡ଼ିଶାର ସାମାଜିକ-ଅର୍ଥନୈତିକ କ୍ଷେତ୍ରରେ ଉପରକୁ ଉଠାଇବାକୁ ପ୍ରଧାନମନ୍ତ୍ରୀ ମୋଦିଜୀ ଚାହିଁଛନ୍ତି । ସେଥିପାଇଁ ଓଡ଼ିଶାରେ ବଡ଼ ବଡ଼ ପ୍ରକଳ୍ପମାନ ଆରମ୍ଭ ହେଉଛି ।

ଗତ ଅକ୍ଟୋବର ୨୫ (୨୦୨୬)ରେ ଭୁବନେଶ୍ୱର ନିକଟରେ ରିଜର୍ଭ ବ୍ୟାଙ୍କର ଦ୍ୱିତୀୟ ଡାଟା କେନ୍ଦ୍ର ଓ ସାଇବର ନିରାପତ୍ତା ଟ୍ରେନିଂ ପ୍ରତିଷ୍ଠାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି ଯେ ନୂତନ ଭାରତ ପାଇଁ ଓଡ଼ିଶାର ଏହା ହେଉଛି ଏକ ବଡ଼ ଅବଦାନ । ଓଡ଼ିଶା ଓ ଭାରତ ପାଇଁ ଏହି ଦୁଇଟି କେନ୍ଦ୍ର ଓ ପ୍ରତିଷ୍ଠାନ କାମ କରିବ ବୋଲି ସେ ମଧ୍ୟ କହିଛନ୍ତି । ସେ କହିଛନ୍ତି ଯେ ଯୁଦ୍ଧାସ୍ତ୍ରଠାରୁ ଆମ ଅର୍ଥ ବ୍ୟବସ୍ଥା ଉପରେ ଆକ୍ରମଣ ଆହୁରି ଭୟଙ୍କର । ଅର୍ଥର ନିରାପତ୍ତା ଆଜି ଗୁରୁତ୍ୱପୂର୍ଣ୍ଣ । ସାଇବର ଅପରାଧୀମାନେ ଯେପରି ଉପଦ୍ରବ ଆରମ୍ଭ କରିଛନ୍ତି, ସେମାନଙ୍କ କବଳରୁ ଦେଶକୁ ଓ ଦେଶବାସୀଙ୍କୁ ସୁରକ୍ଷା ଦେବା ଅତି ଜରୁରୀ ହୋଇପଡ଼ିଛି । ସେ ଦୃଷ୍ଟିରୁ ଏପରି ଏକ ତାଲିମ କେନ୍ଦ୍ର ଆମକୁ ବେଶ ସହାୟକ ହୋଇପାରିବ ବୋଲି ମୋଦିଜୀ ଆଶା ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ଉଦ୍‌ଘାଟନ ଉତ୍ସବରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ବ୍ୟାଙ୍କ ଜାତୀୟକରଣ କରାଯାଇଥିଲା ସତୁରୀ ଦଶକରେ । ମାତ୍ର ମଧ୍ୟବିତ୍ତ ଓ ଗରିବ ଲୋକେ ବ୍ୟାଙ୍କ ମାଧ୍ୟମରେ ଉପକୃତ ହୋଇପାରୁ ନ ଥିଲେ । ଏବେ ରାସ୍ତାକଡ଼ର ଛୋଟ ଛୋଟ ଦୋକାନୀ ଓ ଛୋଟ ଛୋଟ କୌଳିକ ବୃତ୍ତିରେ ଥିବା କର୍ମକାରମାନେ ମଧ୍ୟ ବ୍ୟାଙ୍କରୁ ବିନା ଗ୍ୟାରେଣ୍ଟିରେ ଋଣ ପାଇପାରୁଛନ୍ତି । କେବଳ ବଡ଼ ବଡ଼ ସହରବାସୀ ସମସ୍ତ ସୁବିଧା ସୁଯୋଗ ବ୍ୟାଙ୍କରୁ ପାଇଆସୁଥିଲେ ସିନା, ଛୋଟ ସହର ଓ ଗ୍ରାମାଞ୍ଚଳରେ ରହୁଥିବା ନାଗରିକମାନେ ମଧ୍ୟ ବ୍ୟାଙ୍କ ଓ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧି କରିପାରିବେ ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୮୩୦୦ କୋଟି ଟଙ୍କାର ଏକ ମେଗା ପ୍ରକଳ୍ପ ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ପାଇଁ ଅନୁମୋଦନ କରିଛନ୍ତି ଯାହା କି ଯାତ୍ରା ସମୟର ଦୂରତା ହ୍ରାସ କରି ଉପକୂଳ ଯୋଗାଯୋଗର ଉନ୍ନତି ମଧ୍ୟ କରିପାରିବ । ସେହିପରି ପ୍ରାୟ ୮୩୦୮ କୋଟି ଟଙ୍କା ବିନିଯୋଗରେ ୬ ଟିକିଆ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନ ଫିଲ୍ଡ କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ (ଭୁବନେଶ୍ୱର ବାଇପାସ) ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଛି । ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରେ ଯାନବାହନର ଭିଡ଼ କମାଇବା ସଙ୍ଗେ ସଙ୍ଗେ ଲଜିଷ୍ଟିକ ଖର୍ଚ୍ଚ ହ୍ରାସ କରିବା ସହିତ ଏହା ସୁଗମ ସଂଯୋଜନ ଜରିଆରେ ଆମର ବାଣିଜ୍ୟକୁ ମଧ୍ୟ ସୁଦୃଢ଼ କରିପାରିବ ।

ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଆଧାରରେ ୨୦୬୬ କୋଟିରୁ ଅଧିକ ଅର୍ଥ ବିନିଯୋଗରେ ଓଡ଼ିଶାରେ ଦୁଇଟି ଅତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ଚାହିଁଛନ୍ତି । ଫଳରେ ସେମିକଣ୍ଡକ୍ଟର ଓ ଇଲୋକ୍ଟ୍ରୋନିକ୍ କେନ୍ଦ୍ର ଓ ରିଜର୍ଭ ବ୍ୟାଙ୍କର ଦ୍ୱିତୀୟ ଡାଟା କେନ୍ଦ୍ର ଓ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ତାଲିମ କେନ୍ଦ୍ର ପ୍ରଭୃତି ଓଡ଼ିଶାର ଭାଗ୍ୟ ପରିବର୍ତ୍ତନରେ ସହାୟକ ହୋଇପାରିବ । ଓଡ଼ିଶାପ୍ରତି ମୋଦିଜୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ତେଣୁ ପ୍ରଶଂସନୀୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଏଷ୍ଟିକ୍ ୨୦୨୬:

ବିକଶିତ ଭାରତର ଆକାଂକ୍ଷା ପୂରଣରେ ବିଜ୍ଞାନର ଭୂମିକା



ଡକ୍ଟର ଜିତେନ୍ଦ୍ର ସିଂହ

'ସାମାଜିକ ପରିବର୍ତ୍ତନର ପ୍ରମୁଖ ଆଧାର ମୂଳତଃ ବିଜ୍ଞାନ ଉତ୍ସରୁ ହିଁ ଜନ୍ମଲାଭ କରିବ ।' ୨୦୦୬ ମସିହା ଫେବୃଆରୀ ୨୮ ତାରିଖରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଦେଇଥିବା ନିଜର ଅଭିଭାଷଣରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏ. ପି. ଜେ. ଅବଦୁଲ କଲାମ ଏହି ମତ ପୋଷଣ କରିଥିଲେ । ପ୍ରାୟ ଦୁଇ ଦଶନ୍ଧି ପରେ, ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଶବ୍ଦ ଆଜି ଅକ୍ଷରେ ଅକ୍ଷରେ ଓ ଭାବାର୍ଥରେ ସତ୍ୟ ପ୍ରମାଣିତ ହେଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତିବିଦ୍ୟା ଆଧାରିତ ବିକାଶକୁ ଗୁରୁତ୍ୱ ଦେଇ ଭାରତକୁ 'ବିକଶିତ ଭାରତ' ଆଡ଼କୁ ଆଗେଇ ନେଉଛନ୍ତି । ଏହି ପ୍ରଯୁକ୍ତିଭିତ୍ତିକ ଅଗ୍ରଗତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ସ୍ୱୀକୃତି ମଧ୍ୟ ଲାଭ କରିଛି ।

ବିଜ୍ଞାନର ଗୁରୁତ୍ୱ କେବଳ ଆମେ କ'ଣ ଆବିଷ୍କାର କରୁଛୁ, ତାହା ମଧ୍ୟରେ ସୀମିତ ନୁହେଁ ବରଂ ସେହି ଆବିଷ୍କାର ଆମ ଲୋକଙ୍କ ପାଇଁ କ'ଣ ସମ୍ଭବ କରିପାରୁଛି, ତାହା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ବୈଜ୍ଞାନିକ ପ୍ରଗତିର ପ୍ରକୃତ ମୂଲ୍ୟ ଏହାର ଜୀବନକୁ ଉନ୍ନତ କରିବା, ସମସ୍ୟାର ସମାଧାନ କରିବା ଏବଂ ନୂତନ ସୁଯୋଗ ସୃଷ୍ଟି କରିବାର କ୍ଷମତାରେ ନିହିତ ରହିଛି ।

ଭାରତ ଦ୍ରୁତଗତିରେ ଆଗକୁ ପ୍ରଗତି ପଥରେ ଆଗେଇ ଚାଲିଥିବାବେଳେ ଏକ ବିକଶିତ ରାଷ୍ଟ୍ର ଗଠନର ଆକାଂକ୍ଷା କେବଳ ଆର୍ଥିକ ଅଭିବୃଦ୍ଧି ଓ ଆଧୁନିକ ଭିତ୍ତିଭୂମି ମଧ୍ୟରେ ସୀମିତ ନୁହେଁ । ଏହା ଉନ୍ନତ ସ୍ୱାସ୍ଥ୍ୟସେବା, ଅଧିକ ଉତ୍ପାଦନଶୀଳ କୃଷି, ସୁଦୃଢ଼ ଶିଳ୍ପ, ଯୁବପିଢ଼ି ପାଇଁ ଅଧିକ ସୁଯୋଗ ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ଉନ୍ନତ ଜୀବନଧାରଣର ଆକାଂକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଏହି ପ୍ରତ୍ୟେକ ଆକାଂକ୍ଷା ପୂରଣରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମର ଲକ୍ଷ୍ୟ ହେଉଛି, ଆମେ ସୃଷ୍ଟି କରୁଥିବା ଜ୍ଞାନକୁ ଅର୍ଥପୂର୍ଣ୍ଣ ପରିବର୍ତ୍ତନର ଏକ ଶକ୍ତିରେ ପରିଣତ କରିବା । ଏହା ହିଁ ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ସମ୍ମିଳନୀ ୨୦୨୬ର ବ୍ୟାପକ ଉଦ୍ଦେଶ୍ୟ । ଦ୍ୱିତୀୟ ସଂସ୍କରଣରେ ପଦାର୍ପଣ କରୁଥିବା ଏହି ସମ୍ମିଳନୀ ୨୦୨୫ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ଆଲୋଚନାକୁ ଆଗକୁ ନେବା ସହ ବୈଜ୍ଞାନିକ ଗବେଷଣା, ପ୍ରଯୁକ୍ତିଗତ ନବାଚାର ଓ ବ୍ୟାବହାରିକ ପ୍ରୟୋଗ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଏହା ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃତ୍ୱ, ଷ୍ଟାର୍ଟଅପ୍ ଉଦ୍ୟୋଗୀ ଓ ଯୁବ ଗବେଷକମାନଙ୍କୁ ଏକ ସାଧାରଣ ଜାତୀୟ ଲକ୍ଷ୍ୟକୁ ନେଇ ଏକତ୍ରିତ କରିବ ।

ଆମ ସମ୍ମୁଖରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟରୁ ଅନେକ ହେଉଛି ତତ୍କାଳ ସମାଧାନ ଆବଶ୍ୟକ କରୁଥିବା ପ୍ରଶ୍ନ । ବୈଜ୍ଞାନିକ ଅଗ୍ରଗତି କିପରି କୃଷକମାନଙ୍କୁ ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିପାରିବ? ଗବେଷଣା କିପରି ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ ଓ ଫଳପ୍ରଦ କରିପାରିବ? ଭାରତୀୟ ଶିଳ୍ପଗୁଡ଼ିକ କିପରି ଉନ୍ନତ ପ୍ରଯୁକ୍ତିବିଦ୍ୟା ବିକଶିତ କରି ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିପାରିବେ? ଗବେଷଣା, ନବସୃଜନ ଓ ଉଦ୍ୟୋଗିତା ମାଧ୍ୟମରେ ଆମେ ଯୁବପିଢ଼ିଙ୍କ ପାଇଁ କିପରି ନୂତନ ସୁଯୋଗ ସୃଷ୍ଟି କରିପାରିବା ।

ବିକଶିତ ଭାରତ ୨୦୪୭ ଆଡ଼କୁ ଆମର ଯାତ୍ରା କେବଳ ସରକାରଙ୍କ ପ୍ରୟାସରେ ଗଢ଼ି ଉଠିପାରିବ ନାହିଁ । ସେହିପରି, ବୈଜ୍ଞାନିକ ଗବେଷଣା ଏକାକୀ ମଧ୍ୟ ଏହି ଲକ୍ଷ୍ୟ ହାସଲ କରିପାରିବ ନାହିଁ । ଏଥିପାଇଁ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, ଶିଳ୍ପ ଜଗତ, ଉଦ୍ୟୋଗୀ ଏବଂ ଯୁବ ନବସୃଜନକାରୀଙ୍କ ମିଳିତ ପ୍ରୟାସ ଆବଶ୍ୟକ ।

ଏହି ପ୍ରଶ୍ନଗୁଡ଼ିକର ଉତ୍ତର କୌଣସି ଗୋଟିଏ ଅନୁଷ୍ଠାନ କିମ୍ବା ଗୋଟିଏ ପ୍ରସଙ୍ଗ କ୍ଷେତ୍ର କଦାପି ଏକାକୀ ଦେଇପାରିବ ନାହିଁ । ଏଥିପାଇଁ ବୈଜ୍ଞାନିକମାନଙ୍କୁ ଶିଳ୍ପ ଜଗତ ସହ ଯୋଡ଼ି ହେବାକୁ ପଡ଼ିବ, ଗବେଷକମାନଙ୍କୁ ବ୍ୟବହାରିକ ଆବଶ୍ୟକତା ବୁଝିବାକୁ ହେବ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ହେବ, ଯେଉଁଠାରେ ସମ୍ଭାବନାମୟ ଧାରଣାଗୁଡ଼ିକୁ ପରୀକ୍ଷା କରି ବିକଶିତ କରାଯାଇପାରିବ ।

ଏଷ୍ଟିକ୍ ୨୦୨୬ ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୨ଟି ବିଷୟଭିତ୍ତିକ କ୍ଷେତ୍ର ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ କରୁଛି । ଏହି କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଛି ଉନ୍ନତ ଉତ୍ପାଦନ ପ୍ରଯୁକ୍ତି, ଶକ୍ତି ପ୍ରଯୁକ୍ତି, ଜୈବ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ବିଜ୍ଞାନ ଓ ସାମୁଦ୍ରିକ ପ୍ରଯୁକ୍ତି, କ୍ୱାଣ୍ଟମ୍ ଯୋଗାଯୋଗ, ସେମିକଣ୍ଡକ୍ଟର, କୃଷି ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଉନ୍ନତ ସ୍ୱାସ୍ଥ୍ୟସେବା, ଇମର୍ସିଭ୍ ପ୍ରଯୁକ୍ତି ଏବଂ ମହାକାଶ ବିଜ୍ଞାନ ।

ଏହି ପ୍ରତ୍ୟେକ କ୍ଷେତ୍ରରେ ପରୀକ୍ଷାଗାରର ସୀମା ଅତିକ୍ରମ କରି ବ୍ୟାପକ ପରିବର୍ତ୍ତନ ଆଣିବାର ସମ୍ଭାବନା ରହିଛି । ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଗତି ଭାରତର ପ୍ରଯୁକ୍ତିଗତ କ୍ଷମତାକୁ ସୁଦୃଢ଼ କରିପାରିବ । ଜୈବପ୍ରଯୁକ୍ତିବିଦ୍ୟାରେ ଗବେଷଣା ସ୍ୱାସ୍ଥ୍ୟସେବା ଓ ଉତ୍ପାଦନ କ୍ଷେତ୍ରରେ ନୂତନ ସମ୍ଭାବନା ମଧ୍ୟ ଖୋଲିପାରିବ । କୃତ୍ରିମ ବୁଦ୍ଧିମତ୍ତା ଓ ରୋବୋଟିକ୍ସର ବିକାଶ ଶିଳ୍ପ ପ୍ରକ୍ରିୟାକୁ ପରିବର୍ତ୍ତନ କରିପାରିବ । ସେହିପରି କୃଷି ଓ ଶକ୍ତି କ୍ଷେତ୍ରରେ ବୈଜ୍ଞାନିକ ଗବେଷଣା ଅଧିକ ଦକ୍ଷ ଓ ସ୍ଥାୟୀ ପଦ୍ଧତି ଅବଲମ୍ବନରେ ସହାୟକ ହୋଇପାରିବ ।

ମୁଖ୍ୟ ଆହ୍ୱାନ ହେଉଛି ସମ୍ଭାବନାକୁ ବାସ୍ତବ ପ୍ରୟୋଗରେ ପରିଣତ କରିବା । ଏକ ବୈଜ୍ଞାନିକ ପକ୍ଷରେ ଅଭୂତପୂର୍ବ ଆବିଷ୍କାର ପାଇଁ ବର୍ଷ ବର୍ଷ ଧରି ଗବେଷଣା ଆବଶ୍ୟକ ହୋଇପାରେ । କିନ୍ତୁ ଏହାକୁ ଦୈନନ୍ଦିନ ଜୀବନରେ ଉପଯୋଗୀ କରିବା ପାଇଁ ଆହୁରି ପରୀକ୍ଷଣ, ପୁଞ୍ଜିନିବେଶ, ଯାନ୍ତ୍ରିକ ବିକାଶ ଓ ସହଯୋଗ ଆବଶ୍ୟକ । ପ୍ରଥମ ଗବେଷଣାମୂଳକ ପ୍ରଶ୍ନଠାରୁ ଆରମ୍ଭ କରି ଲୋକଙ୍କୁ ପ୍ରତ୍ୟକ୍ଷ ଲାଭ ପହଞ୍ଚାଉଥିବା ପ୍ରଯୁକ୍ତିର ବିକାଶ ପର୍ଯ୍ୟନ୍ତ ଏହି ସମଗ୍ର ପ୍ରକ୍ରିୟାକୁ ଆମକୁ ସୁଦୃଢ଼ କରିବାକୁ ହେବ ।

ଭାରତର ବୈଜ୍ଞାନିକ ଆକାଂକ୍ଷା ଶେଷ ପର୍ଯ୍ୟନ୍ତ ଆମ ଯୁବପିଢ଼ିର ପ୍ରତିଭା ଓ କଳ୍ପନାଶକ୍ତି ଉପରେ ନିର୍ଭର କରିବ । ଜଣେ ଯୁବ ଗବେଷକଙ୍କ ନିକଟରେ ଯଦି ଏକ ନୂତନ ଓ ସମ୍ଭାବନାମୟ ଧାରଣା ରହିଛି, ତେବେ ତାଙ୍କୁ ଏହା ଉପସ୍ଥାପନ କରିବା, ଅଭିଜ୍ଞ ବୈଜ୍ଞାନିକମାନଙ୍କଠାରୁ ଶିଖିବା ଏବଂ ସେହି ଧାରଣାକୁ ଉପଯୋଗୀ ରୂପ ଦେବାରେ ସହାୟତା କରିପାରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ସହ ଯୋଡ଼ି ହେବାର ସୁଯୋଗ ମିଳିବା ଆବଶ୍ୟକ ।

ଏଷ୍ଟିକ୍ ୨୦୨୬ 'ଫ୍ରଣ୍ଟିୟର୍ସ ଇନ୍ ଫୋକସ୍' ଅଧିବେଶନ ଏବଂ 'ୟଙ୍ଗ ରିସର୍ଚ୍ଚର୍ସ ଆଣ୍ଡ ଇନୋଭେଟର୍ସ ପିଚ୍ କର୍ଣ୍ଣର୍' ମାଧ୍ୟମରେ ଏହି ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛି । 'ନେକ୍ସଟ୍-ଜେନ୍ ଡିସକଭରି ଏକ୍ସପୋ' ଭାରତର ଗବେଷଣା କ୍ଷମତା ଓ ଉଦୀୟମାନ ଡିପ୍-ଟେକ୍ ପରିବେଶକୁ ପ୍ରଦର୍ଶିତ କରିବ । ସେହିପରି 'ଇନୋଭେସନ୍ ଏକ୍ସଚେଞ୍ଜ ହବ୍' ପ୍ରଯୁକ୍ତି ଓ ସମ୍ଭାବ୍ୟ ସହଯୋଗକୁ ନେଇ ଆଲୋଚନା ଓ ଭାବ ବିନିମୟର ସୁଯୋଗ ସୃଷ୍ଟି କରିବ ।

ବୈଜ୍ଞାନିକ ଗବେଷଣା ଓ ଉଦ୍ୟୋଗିତା ପରସ୍ପରର ପରିପୂରକ ହେବା ଆବଶ୍ୟକ । ବିଶେଷକରି ଡିପ୍-ଟେକ୍ ଉଦ୍ୟୋଗଗୁଡ଼ିକୁ ଏକ ପ୍ରଯୁକ୍ତିକୁ ବଜାରକୁ ଆଣିବା ପୂର୍ବରୁ ବିଶେଷଜ୍ଞ ଭିତ୍ତିଭୂମି, ଦୀର୍ଘମିଆଦୀ ନିବେଶ ଏବଂ ନିରନ୍ତର ସହଯୋଗର ଆବଶ୍ୟକତା ପଡ଼ିଥାଏ ।

ଗବେଷଣା ପ୍ରତିଷ୍ଠାନଗୁଡ଼ିକ ପାଖରେ ବୈଜ୍ଞାନିକ ଦକ୍ଷତା ରହିଛି ଷ୍ଟାର୍ଟଅପଗୁଡ଼ିକୁ ଉଦ୍ୟୋଗୀୟ ଉତ୍ସାହ ଓ ଶକ୍ତି ଆଣିଥାଆନ୍ତି । ଶିଳ୍ପ ଜଗତ ଉତ୍ପାଦନ ସମ୍ପର୍କିତ ଆବଶ୍ୟକତା ଓ ବଜାରର ଚାହିଦା ବୁଝିଥାଏ ଏବଂ ନିବେଶକମାନେ ଏହି ଯାତ୍ରାକୁ ଆର୍ଥିକ ସହାୟତା ଯୋଗାଇ ପାରନ୍ତି । ଏହି ସମସ୍ତ ଶକ୍ତି ଏକାଠି ହେଲେ ଗବେଷଣାକୁ ଉପଯୋଗୀ ଉତ୍ପାଦ ଓ ସେବାରେ ପରିଣତ କରିବାର ସମ୍ଭାବନା ବୃଦ୍ଧି ପାଏ ।

ଏଷ୍ଟିକ୍ ୨୦୨୬ ଏପରି ସହଭାଗିତାକୁ ପ୍ରୋତ୍ସାହିତ କରିବାର ଏକ ସୁଯୋଗ ପ୍ରଦାନ କରୁଛି । ଏହାର ବୈଷୟିକ ଅଧିବେଶନ ଓ ପ୍ରଦର୍ଶନୀଗୁଡ଼ିକ କେବଳ ସଫଳତାର ପ୍ରଦର୍ଶନ ପାଇଁ ନୁହେଁ ବରଂ ଏପରି ଭାବ ବିନିମୟକୁ ସୁଗମ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଭବିଷ୍ୟତରେ ସହଯୋଗର ନୂତନ ଦ୍ୱାର ଖୋଲିପାରିବ ।

ବିକଶିତ ଭାରତ ୨୦୪୭ ଆଡ଼କୁ ଆମର ଯାତ୍ରା କେବଳ ସରକାରଙ୍କ ପ୍ରୟାସରେ ଗଢ଼ି ଉଠିପାରିବ ନାହିଁ । ସେହିପରି, ବୈଜ୍ଞାନିକ ଗବେଷଣା ଏକାକୀ ମଧ୍ୟ ଏହି ଲକ୍ଷ୍ୟ ହାସଲ କରିପାରିବ ନାହିଁ । ଏଥିପାଇଁ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, ଶିଳ୍ପ ଜଗତ, ଉଦ୍ୟୋଗୀ ଏବଂ ଯୁବ ନବସୃଜନକାରୀଙ୍କ ମିଳିତ ପ୍ରୟାସ ଆବଶ୍ୟକ ।

ଡ. କଲାମଙ୍କ ସେହି ଉକ୍ତି ଆଜି ମଧ୍ୟ ଆମକୁ ସ୍ମରଣ କରାଇ ଦେଉଛି ଯେ ବିଜ୍ଞାନର ଶେଷ ଲକ୍ଷ୍ୟ ହେଉଛି ସମାଜର ସେବା କରିବା । ଏକ ବିକଶିତ ଭାରତ ଗଠନ ଦିଗରେ ଆମେ ଆଗକୁ ପ୍ରଗତି କରି ଚାଲିଥିବା ସମୟରେ ଆମର ସଫଳତା କେବଳ ଆମେ କେତେ ଆବିଷ୍କାର କରୁଛୁ, ତାହା ଉପରେ ନିର୍ଭର କରିବ ନାହିଁ ବରଂ ସେହି ଆବିଷ୍କାରଗୁଡ଼ିକ ଲୋକଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣୁଛି, ତାହା ଉପରେ ମଧ୍ୟ ନିର୍ଭର କରିବ ।

ଏହା ହିଁ ଏଷ୍ଟିକ୍ ୨୦୨୬ ପଛରେ ଥିବା ବୃହତ୍ତର ଆକାଂକ୍ଷା ଭାରତର ବୈଜ୍ଞାନିକ କ୍ଷମତାକୁ ଦେଶବାସୀଙ୍କ ଆବଶ୍ୟକତାର ଅଧିକ ନିକଟତର କରିବା ଏବଂ ନବସୃଜନର ସମ୍ଭାବନାକୁ ଦେଶର ପ୍ରଗତିରେ ପରିଣତ କରିବା ।

(ଲେଖକ କେନ୍ଦ୍ର ସରକାରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱପ୍ରାପ୍ତ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ପରମାଣୁ ଶକ୍ତି ବିଭାଗ, ମହାକାଶ ବିଭାଗ ଏବଂ କାର୍ମିକ, ଲୋକ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଅଛନ୍ତି)


ଯାହାଙ୍କ କ୍ୟାମେରା ଲେନ୍ସ ଥିଲା ତାଙ୍କର ଲାଇଫ ଲାଇନ୍...



ଇଂ ମାନସ ରଞ୍ଜନ ଷଡ଼ଙ୍ଗୀ

ଓଡ଼ିଆ ସିନେମା ରୁପେଲି ପରଦାରେ ଦେଖିବାକୁ ମିଳିଲେ ଅଭିମାନ, ଫୁଲ ଚନ୍ଦନ, ଧାରେ ଆଲୁଅ ଚଳଚ୍ଚିତ୍ରରେ । ସାରସ୍ୱତ ସାହିତ୍ୟ ଦୁନିଆରେ ପ୍ରବେଶ କରି ନିଜ କଲମ ମୁନରେ ବ୍ୟଙ୍ଗ କବିତା ଓ ଗଳ୍ପ ରଚନା କଲେ ଯାହା 'ଡଗର' ପତ୍ରିକାରେ ପ୍ରକାଶିତ ହୋଇଛି । ଗୁଇନ୍ଦା ପୁସ୍ତକ 'ସର୍ଦ୍ଦାର' ରଚିଲେ ୧୯୪୭ରେ । ବାଘ ଓ ଗୁମ୍ଫା ନାମକ ଦୁଇଟି ଏକାଙ୍କିକା ସୃଷ୍ଟି ଦର୍ଶକ ମହଲରେ ଚହଳ ପକାଇ ଥିଲା । 'ରାକା' ନାମକ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥାଇ ସର୍ବ ପୁରାତନ ବାରିପଦା ସାହିତ୍ୟ ସମାଜରେ ଜିଲ୍ଲା ସ୍ତରୀୟ କବି ସମ୍ମିଳନୀ ଆୟୋଜନ କରି ସାହିତ୍ୟ ଚର୍ଚ୍ଚାରେ ନିମଗ୍ନ ରହୁଥିଲେ । ବାସ୍ତୁ ଶାସ୍ତ୍ରରେ ବି ତାଙ୍କର ଅଗାଧ ଜ୍ଞାନ ଥିଲା । ନିଜ ବଂଶଗତ କୌଳିକ ବୃତ୍ତିର ପରମ୍ପରା ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟରେ ମଧ୍ୟ ସହାୟତା ପ୍ରଦାନ କରୁଥିଲେ, ମାର୍ଗ ଦର୍ଶନ ଦେଉ ଥିଲେ ରାଇରଙ୍ଗପୁର, ସାରସକଣା, ବାଲେଶ୍ୱର, ରାଞ୍ଚି ଆଦି ଜାଗାରେ । ବ୍ୟକ୍ତିଗତ ଜୀବନରେ ସୌଖୀନ୍ ଥିଲେ, ତାଙ୍କ ଶୈଳୀର ଚାହାଣୀ ଟିକେ ସ୍ୱତନ୍ତ୍ର ଥିଲା, ମୁଖମଣ୍ଡଳରେ ସର୍ବଦା ଫ୍ରେଞ୍ଚକଟ୍ ଦାଢ଼ି, ନିଶ କେବେ କଳା ତ କେବେ ଧଳା ରଙ୍ଗର ହୋଇଥାଏ । ଏକା ଡିଜାଇନ୍‌ର ଏକା ସାଇଜର ଚପଲ, କିନ୍ତୁ ଅଲଗା ରଙ୍ଗର, ବୋଧେ ଏଇଟା ତାଙ୍କର ନିଜର 'ପେଟେଣ୍ଟ' ଥିଲା ।

ବାସ୍ତବ ଜୀବନରେ ମେଳାପୀ, ବନ୍ଧୁପ୍ରିୟ, ହାସ୍ୟରସ ସୃଷ୍ଟିକାରୀ, ସ୍ନେହୀ ସ୍ୱଭାବର ବ୍ୟକ୍ତି ଓ ଆକର୍ଷଣୀୟ ବ୍ୟକ୍ତିତ୍ୱର ମଣିଷଟେ ଥିଲେ । କୌତୁକ ପୂର୍ଣ୍ଣ ରସବୋଧ ପ୍ରଖର ଥିଲା ଓ ତାଙ୍କ ମନ ଛୁଆଁ ଗୁଲି ଖଟିର ଆସର ପାଇଁ ବାରିପଦା ସହରରେ ସ୍ୱତନ୍ତ୍ର ଭାବେ ପରିଚିତ ଚେହେରା ହୋଇ ସଭିଙ୍କ ମନ ଜିଣି ପାରିଥିଲେ । ୨୦ ଜୁଲାଇ ୧୯୭୮ ମସିହାରେ ନବ ରସ ଭାବ, କିଶୋର ଚନ୍ଦ୍ର ନାନ ଚମ୍ପୁ, ସାହିତ୍ୟ ଭାବ ସମ୍ପର୍କରେ ଚର୍ଚ୍ଚା ଏକ ସ୍ମରଣୀୟ ଦିନ ଥିଲା ତାଙ୍କ ଷ୍ଟୁଡ଼ିଓରେ, ସମୟ ଥିଲା ରାତି ୧୦ଟା । ସାନ ଝିଅ ଶଶିପ୍ରଭାଙ୍କୁ ଚିରାଚରିତ ଢଙ୍ଗରେ କହିଲେ - 'ମୁଁ ମୁଖଭଙ୍ଗୀ ଦେବି, ତୁ ଚଟକିନା କ୍ଲିକ୍ କରିବୁ । ବାସ୍...





ହୋଇଗଲା ୧୪ ମିନିଟ୍‌ରେ ୨୮ ପ୍ରକାର ଭାବର ଫଟୋ ଚିତ୍ର ସବୁ, ଯାହା ରହି ଗଲା ଗୋଟିଏ ଫ୍ରେମ୍‌ରେ କାଳ କାଳକୁ ।

ତାଙ୍କ ପ୍ରତିଭାର ତୁଳନା ନ ଥିଲା । ନିଜେ ଜଣେ ସଙ୍ଗୀତପ୍ରେମୀ ଥିଲେ । ବଇଁଶୀ ଫୁଙ୍କିବା, ମାଉଥରଗନ୍, ହାର୍ମୋନିଅମ୍ ସ୍ୱରରେ ବଜେଇବା ତାଙ୍କର ସୌକ ଥିଲା । ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ସଙ୍ଗୀତକାର ଗୀତିକାର ରାଧାକୃଷ୍ଣ ଭଞ୍ଜ, ଗୁରୁ କୃଷ୍ଣ ଗୋସ୍ୱାମୀ, ଜୀବନ ପାଣି, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ ସିଂଦେଓ, ଜୀତେନ୍ ପଟ୍ଟନାୟକ ନିମାଇଁ ମହାନ୍ତି ଓ ଦେବାଶିଷ ମହାପାତ୍ର ପ୍ରମୁଖଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ରଖି ସଙ୍ଗୀତ ଚର୍ଚ୍ଚାରେ ମଜ୍ଜି ରହୁଥିଲେ ଓ ଆହୁରି ଜୀବନ୍ତ ରସ ରସିଆ ପଲ୍ଲୀ ସ୍ୱର ସଂଯୋଜନା କରିବା ପାଇଁ ଟିପ୍ସ ଦେଉ ଥିଲେ । ତାଙ୍କ ବୁଦ୍ଧିମତ୍ତା, ରସବୋଧ, ଗୁଣାବଳୀ ଆଦିର ସମ୍ପୂର୍ଣ୍ଣ ଭାବେ ଆକଳନ କରିବା ଏତେ ସହଜ ନୁହେଁ । ପୁଅମାନଙ୍କ ନାଁରେ ଶ୍ରୀ, ଝିଅ ମାନଙ୍କ ନାଁରେ ସେ ପ୍ରଭା ଯୋଡ଼ି ଥିଲେ । ଡାକ ନାଁ ବି ଏମିତି ଅତି ଅଜବ ଢ଼ଙ୍ଗରେ ଦେଇଥିଲେ, ଯାହା କେହି କେବେ କଳ୍ପନା କରି କରିପାରିବେନି କି ଶୁଣି ନଥିବେ । ଡାକ ନାଁ ସବୁ ଏମିତି ଥିଲା । ବଡ଼ ପୁଅ ବିଧୁଶ୍ରୀଙ୍କ 'ଠୁଙ୍ଗ' ଯେହେତୁ ସେ ଟିକେ ଗୁଲ୍ ଗୁଲିଆ ଥିଲେ ଜନ୍ମ ବେଳେ । ବଡ଼ ଝିଅ ହିମପ୍ରଭା ଗୁଣ୍ଡିଚା ଯାତ୍ରା ସମୟରେ ଜନ୍ମ, ତେଣୁ ନାଁ ରହେ 'ଗୁଣ୍ଡିଚା' । ସାନ ଝିଅ ଶଶିପ୍ରଭାଙ୍କ ପାଟି ଟିକେ ଲାଗୁଥିଲା, ଖନି ମାରୁଥିଲା ପ୍ରାୟ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଲ୍ୟାଣ୍ଡ ଲାଇନ୍ ଫୋନ ଆସିଲେ ଉଠାଇ କହୁ ଥିଲେ ୨ , ୨ (ଟୁ ଟୁ) -ଯଦିଓ ତାଙ୍କ ଫୋନ୍ ନମ୍ବର ଥିଲା ୩୧) ତେଣୁ ନାଁ ରହେ 'ଟୁଟୁ' । ମଝିଆ ପୁଅ ସୋମଶ୍ରୀ ଯେ ହେତୁ ଦୁଇ ଝିଅଙ୍କ ପରେ ଜନ୍ମ ନେଇ ଥିଲେ, ତେଣୁ ନାଁ ରହେ 'ଅଣ୍ଡିଆ', ପରେ ଅବଶ୍ୟ ନାଁ ଟି ବଦଳେ । ସାନ ପୁଅ ଅଜ୍ ଜନ୍ମ ବେଳେ ପ୍ରାୟ ପାଞ୍ଚ କେଜି ଓଜନ ଥିଲେ, ତେଣୁ ନାଁ ରହେ 'ଭୀମ' । ହସ ମିଜାଜ୍‌ର ଲୋକ ସିଏ । ପରିଣତ ବୟସରେ କେହି ଭେଟିବାକୁ ଆସିଲେ ଗପୁ ଥିଲେ, ହାସାଉ ଥିଲେ । ଜୀବନ ସାଥୀର ସଂଜ୍ଞା ବୁଝାଇ କହନ୍ତି ନିଜ ସ୍ୱଭାବ ସୁଲଭ ଢ଼ଙ୍ଗରେ ବାରିପଦିଆ ଭାଷାରେ - ମୋର୍ ତ ଚାର୍ ଟା ଲାଇଫ ପାର୍ଟନର ମୋ ଜୀବନରେ - କ୍ୟାମେରା, ବାଇକ୍, କ୍ଷୀରୋଦା, ଆଉ ପରେ ଆସିଲେ ଲକ୍ଷ୍ମୀ । ଏମିତି କହିକି ନିଜେ ଠୋ ଠୋ ହସି ପକାନ୍ତି । ଆରେ ବାବୁ, ତୁମର କେତେଟା ? ଉତ୍ତର ଆସେ, ଆଜ୍ଞା, ସାରା ବାରିପଦା ବାସୀ ତ ଆପଣଙ୍କ ଲାଇଫ ପାର୍ଟନର । ସେ କହନ୍ତି- କି କହିଲ ହୋ । ପୁଣି ହସି ହସି ବେଦମ୍ ହୋଇ ଯାଆନ୍ତି ।

ତାଙ୍କ ଜୀବନରେ ପାଞ୍ଚ ଛଅଟି ସ୍ମରଣୀୟ ଘଟଣା ଘଟିଛି । ଯାହା ସେ ଭାବ ପ୍ରବଣ ହୋଇ କେବେ କେବେ କହନ୍ତି । କିଛି ଖଟା, କିଛି ମିଠା ସ୍ୱାଦର, ପୁଣି ଦୁଃଖ ସୁଖର ମୁହୂର୍ତ୍ତ । ୧୯୬୨ରେ ପତ୍ନୀ କ୍ଷୀରୋଦାଙ୍କ ମହାମାରୀ କଲେରାରେ ଦେହାନ୍ତ ହୁଏ, ୧୯୬୪ରେ ନୂଆ ଜୀବନସାଥୀ ଲକ୍ଷ୍ମୀ ଦେବୀଙ୍କ ଆବିର୍ଭାବ, ୧୯୭୬ରେ ବିଧୁଶ୍ରୀଙ୍କ ପୁନେ ଫିଲ୍ମ ଟିଭି ରେ ଆଡମିଶନ୍, ୧୯୮୪ରେ ବିଧୁଶ୍ରୀଙ୍କୁ ନୀରବ ଝଡ଼ ଚଳଚ୍ଚିତ୍ରରେ ଜାତୀୟ ସିନେ ଫଟୋଗ୍ରାଫର ଭାବେ ଶ୍ରେଷ୍ଠ ମାନ୍ୟତା ଓ ପୁରସ୍କାର । ସେହି ବର୍ଷରେ କଳା ଧଳା ଓଡ଼ିଆ ଚଳଚ୍ଚିତ୍ର 'ଧାରେ ଆଲୁଅ'ରେ ବାପା ନିଜେ ଭିନ୍ନ ସ୍ୱାଦର ସହ ଅଭିନେତା, ପୁଣି ସେଠି ପୁଅ ନିଜେ ସିନେ ଫଟୋଗ୍ରାଫର । ୨୦୧୫ରେ ସାନ ଝିଅ ଶଶିପ୍ରଭା ଓଡ଼ିଶାରେ ପ୍ରଥମ ମହିଳା ଭାବେ ସାମ୍ବିଧାନିକ ପଦ ପଦବୀ ପାଇ ରାଜ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇବା ଆଦି । ଅନ୍ୟ ଏକ ବିଶେଷ ସ୍ମରଣୀୟ ଦିନ ଥିଲା ତାଙ୍କ ପାଇଁ, ଯେବେ ସେ ନିଜ ହାତ ଲେଖା ନିମନ୍ତ୍ରଣ ପତ୍ରଟେ ଦସ୍ତଖତ କରି ପ୍ରିୟ ବାରିପଦା ବାସୀଙ୍କୁ ନମ୍ରତାର ସହ ଦେଇଥିଲେ । ଆଜ୍ଞା ନମସ୍କାର, ମୁଁ ଶହେ ବର୍ଷରେ ପଦାର୍ପଣ କରିବା ପାଇଁ ଯାଉଥିବାରୁ ପିଲାମାନେ ଗୋଟେ ମେଳିର ଆୟୋଜନ କରୁଛନ୍ତି । ଆପଣଙ୍କୁ ନିମନ୍ତ୍ରଣ ରହିଲା, ନିଶ୍ଚୟ ଆସିବେ ସନ୍ଧ୍ୟା ପାଞ୍ଚଟା ବେଳେ- ଅପେକ୍ଷାରେ । ସତରେ ମଣିଷ ଭଳି ମଣିଷଟେ ଥିଲେ ସେ ।

ଏମିତି ଥିଲା ଶତାୟୁ ପୁରୁଷଙ୍କ ସଫଳ କାହାଣୀର ସ୍ୱର୍ଣ୍ଣିମ ଇତିହାସ । ଏମିତି ପ୍ରତିଭାର ପ୍ରଜ୍ଞା ପୁରୁଷ ଥିଲେ । ଫଟୋ କ୍ଲିକ୍ କରୁଥିଲେ, ହସୁଥିଲେ, ହସାଉଥିଲେ, ଗୁଲି ଖଟିର ଆସର ଜମାଉ ଥିଲେ । ୨୦୨୪ ଜାନୁଆରୀ ୧୪, ପୂଣ୍ୟ ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟୋଦୟ ଦେଖିଲେ, ଫଟୋଗ୍ରାଫି ଦୁନିଆର ସୌଦାଗର ହସି ହସି ଚିର ନିଦ୍ରାରେ ଶୋଇଗଲେ । ଛାଡ଼ି ଦେଇ ଗଲେ ସ୍ମୃତି ବିଜଡ଼ିତ ଫଟୋ ଆଲବମ୍‌କୁ ଆଗାମୀ ପିଢ଼ି ପାଇଁ । ସେ ଦିନ ବାରିପଦା ସ୍ତବ୍ଧ ହେଲା, ଲୁଚି ଲୁଚି କାନ୍ଦିଲା, ଦେଉଳ ସାହିସ୍ଥିତ ବଡ଼ ଦାଣ୍ଡ ଲୁହରେ ଭିଜିଲା, ପାର୍ଥିବ ଶରୀରର ଶେଷ ଦର୍ଶନ ପାଇଁ ଭିଡ଼ ବଢ଼ିଲା । କୋହଭରା କଣ୍ଠରେ ଲୋକେ କହୁ ଥିଲେ- କିଏ ଆଉ ଆମ ଫଟୋ କ୍ଲିକ୍ କରିବ, ହସ ଖୁସି ମଜାଳିଆ କଥା କହିବ ? ସେ ଥିଲେ ସର୍ବୋତ୍ତମ, ପୂର୍ଣ୍ଣ ପୁରୁଷ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ । ସେ ପୂର୍ଣ୍ଣ ବିନ୍ଧାଣୀ ଭାବେ ପରିଚିତ ବ୍ୟକ୍ତିତ୍ୱ ସାରା ରାଜ୍ୟରେ ।

ବାରିପଦା
ମୋ: ୮୪୫୭୦୬୨୯୮୨

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜି...

ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର ଆଉ କିଛି ଜିଲ୍ଲାରେ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୮ ତାରିଖରେ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାରେ ଭୀଷଣ ବର୍ଷା ଲାଗି ରେଡ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଅବିଶ୍ରାନ୍ତ ବର୍ଷା ଜାରି ରହିପାରେ। ସେହିପରି ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ପବନ ଘଣ୍ଟା ପ୍ରତି ୪୦ରୁ ୫୦ କିମି ଝଟକା ୬୦ କିମି ରହିବ। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଭ୍ରମାତ୍ମକ...

ସହ ପ୍ରସ୍ତୁତି କରିଛନ୍ତି । ଏଭଳି ଭ୍ରମାତ୍ମକ ସୂଚନା ପାଇଁ ମଧ୍ୟ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କୁହାଯାଇଛି । ନାଗରିକ ଗଣମାଧ୍ୟମ ସଂସ୍ଥା ଓ ଡିଜିଟାଲ ପ୍ଲାଟ୍‌ଫର୍ମକୁ ମାର୍ଗଦର୍ଶିକା ଜାରି କରାଯାଇଛି । ଲୋକାମାନଙ୍କ ସୁରକ୍ଷା ଓ ସଠିକ୍ ଭାବେ ବିପର୍ଯ୍ୟୟ ପରିଚାଳନା ଲାଗି ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ମାର୍ଗଦର୍ଶିକା ଜାରି କରାଯାଇଛି । ସାଧାରଣ ନାଗରିକମାନେ ଜିଲ୍ଲା ପ୍ରଶାସନ ବା ଅନ୍ୟ ସ୍ୱୀକୃତିପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସୂଚନାକୁ ଭରଷା କରନ୍ତୁ । ମୁଦ୍ରିତ, ବୈଦ୍ୟୁତିକ ଓ ଡିଜିଟାଲ ମିଡ଼ିଆର କର୍ତ୍ତୃପକ୍ଷମାନେ ସୂଚନା ପ୍ରଦାନ ସମୟରେ ପ୍ରକୃତ ଉତ୍ସ ଏବଂ ଆଗୁଆ ସତର୍କତାର ସଠିକ୍ ସୂଚନା ପ୍ରଦାନ କରନ୍ତୁ । ସୋସିଆଲ ମିଡ଼ିଆ ବ୍ୟବହାରକାରୀମାନେ ମଧ୍ୟ ଭ୍ରମିତ ସୂଚନା ଦିଅନ୍ତୁ ନାହିଁ । ଜିଲ୍ଲା ପ୍ରଶାସନଗୁଡ଼ିକ ନିୟମିତ ଭାବେ ସୂଚନା ପ୍ରଦାନ କରନ୍ତୁ । ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ଖାଉଟିମାନଙ୍କ ସୁବିଧା ଅତ୍ୟାବଶ୍ୟକ ଯୋଗାଣ ଶୃଙ୍ଖଳାକୁ ଅବ୍ୟାହତ ରଖିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । କଳାବଜାରୀ ତଥା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କ୍ଷେତ୍ର ଅଧିକାରୀଙ୍କୁ କୁହାଯାଇଛି । ସେହିଭଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାତ୍ୟା ମୁକାବିଲା ଲାଗି ବିଭାଗୀୟ ଶାସନ ସଚିବ ତଥା କମିଶନର ଅଶ୍ୱତୀ ଏସ୍ ସମୀକ୍ଷା କରିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀ, ହାଲୋଜେନ୍ ବଟିକା ଓ ବ୍ଲିଚିଂ ପାଉଡର ପର୍ଯ୍ୟାପ୍ତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପୋଲିସ...

ସୁରକ୍ଷା ଦେଉଥିବା ଅଭିଯୋଗ କରିଥିଲେ । ପାଇଛି ।ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଥାନା ଘେରାଉ କରି ହରିୟାଣା ପୁଲିସକୁ ଗିରଫ କରିବା ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଏପରିକି ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ-୩୨୬ ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି ।ଖବର ଲେଖାଯିବା ସୁଦ୍ଧା ଉତ୍ତେଜନା ଜାରି ରହିଥିବା ବେଳେ ଘଟଣାର ସମାଧାନ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

ସମସ୍ତ...

ନିର୍ବାଚନ କମିଶନର ଆଇନର ଧାରା ୧୮ ଅନୁଯାୟୀ, ଫାଇଲ୍ ପ୍ରକ୍ରିୟାକରଣ ସମୟରେ କୌଣସି ସଦସ୍ୟ ଦେଇଥିବା ପରାମର୍ଶ, ମତାମତ କିମ୍ବା ପ୍ରଶ୍ନକୁ କମିଶନଙ୍କ ଆନୁଷ୍ଠାନିକ ନିଷ୍ପତ୍ତି ବୋଲି ଧରାଯାଇପାରିବ ନାହିଁ। କୌଣସି ଆଭ୍ୟନ୍ତରୀଣ ଟିପ୍ପଣୀ କିମ୍ବା ଫାଇଲ୍ ଗଣମାଧ୍ୟମକୁ ପ୍ରଦାନ କରାଯାଇନାହିଁ କିମ୍ବା ଏହାର ପ୍ରକାଶନକୁ ଅନୁମତି ଦିଆଯାଇନାହିଁ ବୋଲି ମଧ୍ୟ କମିଶନ ସ୍ପଷ୍ଟ କରିଛି।

ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬କୁ ନେଇ ଉଠିଥିବା ବିବାଦ ଉପରେ କମିଶନ କହିଛି ଯେ, ମୂଳ ଫର୍ମରେ କୌଣସି ସଂଶୋଧନ କରାଯାଇନାହିଁ। ନିର୍ଦ୍ଧାରିତ ଫର୍ମରେ ସଂଶୋଧନ କରିବାର ଅଧିକାର କେବଳ କେନ୍ଦ୍ର ସରକାରଙ୍କର ରହିଛି। ଏସ୍‌ଆଇଆର୍ ପ୍ରକ୍ରିୟା ପାଇଁ ଆବଶ୍ୟକ ଘୋଷଣାପତ୍ର ଏକ ପୃଥକ ଦସ୍ତାବିଜ ବୋଲି କମିଶନ କହିଛି।

ତେବେ ଅନଲାଇନ୍ ଆବେଦନର ଉପସ୍ଥାପନାକୁ ଦେଖିଲେ ଫର୍ମରେ ପରିବର୍ତ୍ତନ ହୋଇଥିବା ଭଳି ମନେ ହୋଇପାରେ ବୋଲି କମିଶନ ସ୍ୱୀକାର କରିଛି। ତେଣୁ ଅକ୍ଟୋବର ୨୧ରୁ ଅନଲାଇନ୍ ଆବେଦନକୁ ଦୁଇଟି ଭାଗରେ ବିଭକ୍ତ କରାଯିବ। ଗୋଟିଏ ହେଉଛି ଫର୍ମ-୬ ଏବଂ ଅନ୍ୟଟି ପୃଥକ ଘୋଷଣାପତ୍ର। ଏହା ଦ୍ୱାରା ଅନଲାଇନ୍ ପ୍ରକ୍ରିୟା ଓ କାଗଜ ଫର୍ମର ପ୍ରକ୍ରିୟା ମଧ୍ୟରେ ସମାନତା ରହିବ।

ଏସ୍‌ଆଇଆର୍ ସମୟରେ ଯେଉଁ ଭୋଟରଙ୍କ ତଥ୍ୟ ମ୍ୟାପିଂ ହୋଇପାରିନାହିଁ, ସେମାନଙ୍କୁ ସାଧାରଣତଃ ଶୁଣାଣି ପାଇଁ ଡକାଯିବ ନାହିଁ ବୋଲି କମିଶନ କହିଛି। ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ସେମାନଙ୍କ ଘରକୁ ଯାଇ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିବେ। କେବଳ ବ୍ୟତିକ୍ରମ ପରିସ୍ଥିତିରେ ଶୁଣାଣି ହେବ ଏବଂ ସମ୍ଭବ ହେଲେ ଅନଲାଇନ୍‌ରେ ଏହା କରାଯିବ।

ଇସିଆଇନେଟ୍ ବ୍ୟବସ୍ଥାକୁ ନେଇ ଉଠିଥିବା ପ୍ରଶ୍ନର ଉତ୍ତରରେ କମିଶନ କହିଛି ଯେ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ଆଦେଶ ବିନା କୌଣସି ଭୋଟରଙ୍କ ନାମ ତାଲିକାରେ ଯୋଡ଼ାଯାଇପାରିବ ନାହିଁ କିମ୍ବା କାଟି ଦିଆଯାଇପାରିବ ନାହିଁ। ଏହି ବ୍ୟବସ୍ଥାରେ ନିର୍ଦ୍ଧାରିତ ସୁରକ୍ଷା ନିୟମ ପାଳନ ହେଉଛି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଏବଂ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏସ୍‌ସି)ର ବିଶେଷଜ୍ଞଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଗୋଆର ୯୭ ଜଣ ଭୋଟରଙ୍କ ନାମ ପ୍ରଥମେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ନେଇ ଉଠିଥିବା ବିବାଦ ଉପରେ କମିଶନ କହିଛି ଯେ, ସେମାନଙ୍କ ମଧ୍ୟରୁ ୮୮ ଜଣଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇସାରିଛି। ଅନ୍ୟ ୬ ଜଣ ବିଦେଶରେ ଥିବାବେଳେ ୩ ଜଣଙ୍କ ପାଖରେ ପର୍ତ୍ତୁଗୀଜ୍ ପାସପୋର୍ଟ ରହିଛି। ଜୁଲାଇ ୨୮ ରେ କମିଶନରେ ଡେପୁଟେସନ୍‌ରେ ଥିବା ଜଣେ ଅତିରିକ୍ତ ସଚିବ ଜାରି କରିଥିବା କାର୍ଯ୍ୟ ବଣ୍ଟନ ଆଦେଶ ସମ୍ପର୍କରେ ମଧ୍ୟ ସତ୍ୟପାଠରେ ସ୍ପଷ୍ଟୀକରଣ ଦିଆଯାଇଛି।

କମିଶନ କହିଛି ଯେ, ଉଭୟ ନିର୍ବାଚନ କମିଶନର ପରଦିନ କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖିଥିଲେ। ଏହାପରେ ଜୁଲାଇ ୩୦ରେ ଦୁଇ କମିଶନରଙ୍କ ମିଳିତ ନିର୍ଦ୍ଦେଶ ଜାରି ହେବାରୁ ଉକ୍ତ ଆଦେଶ କାର୍ଯ୍ୟକାରୀ ହୋଇନଥିଲା।

ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ନାମ ସାମିଲ କରିବା ବିରୋଧରେ ଦାଖଲ ହୋଇଥିବା ଆବେଦନ ସମ୍ପର୍କରେ କମିଶନ କହିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଏହି ଆବେଦନ ଦାଖଲ କରିଥିଲେ। ଏହି ମାମଲାଗୁଡ଼ିକ କମିଶନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇନଥିଲା। ନିଜର ନିର୍ଦ୍ଧାରିତ କ୍ଷମତା ବାହାରେ କୌଣସି ଅଧିକାରୀ ଆଦେଶ ଜାରି କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ କମିଶନ ସ୍ପଷ୍ଟ କରିଛି। ମୁଖ୍ୟ ନିର୍ବାଚନ କମିଶନରଙ୍କୁ ତାଙ୍କ କାର୍ଯ୍ୟ ସମ୍ପାଦନରୁ ରୋକିବା ପାଇଁ ଦାଖଲ ହୋଇଥିବା ଆବେଦନ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ନିର୍ବାଚନ କମିଶନ ଯୁକ୍ତି ଦର୍ଶାଇଛି। ସିଇସିଙ୍କୁ କେବଳ ସୁପ୍ରିମକୋର୍ଟର ବିଚାରପତିଙ୍କୁ ପଦରୁ ହଟାଇବା ପାଇଁ ଥିବା ପ୍ରକ୍ରିୟା ଅନୁସାରେ ହିଁ ହଟାଯାଇପାରିବ ବୋଲି ଏଥିରେ କୁହାଯାଇଛି। ଇଭିଏମ୍‌କୁ ନେଇ ବାରମ୍ବାର ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟ ପୂର୍ବରୁ ଖାରଜ କରିଥିବା ରାୟଗୁଡ଼ିକର ମଧ୍ୟ ଉଲ୍ଲେଖ କରିଛି କମିଶନ। ଦଶହରା ଛୁଟି ଯୋଗୁଁ ତତ୍କାଳ ଏକ ସଂକ୍ଷିପ୍ତ ଜବାବ ଦାଖଲ କରାଯାଇଛି ବୋଲି କମିଶନ କହିବା ସହ ଆବେଦନଗୁଡ଼ିକର ପ୍ରତ୍ୟେକ ପ୍ରସଙ୍ଗରେ ବିସ୍ତୃତ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛି।

ଇଥାନଲରେ...

ବଜାର ପ୍ରବେଶ ପାଇଁ ଗାଡ଼ି ନିର୍ମାତା କମ୍ପାନିଗୁଡ଼ିକୁ ଆଇନଗତ ସୁଯୋଗ ମିଳିବ। ଏହା ଫଳରେ ଅଶୋଧିତ ତୈଳ ଆମଦାନି ଉପରେ ଭାରତର ନିର୍ଭରଶୀଳତା କମାଇବାରେ ସହାୟତା ମିଳିପାରେ।

ତେବେ ଇ-୧୦୦ ବ୍ୟବହାର ପାଇଁ ଗାଡ଼ିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆବଶ୍ୟକ। ଇଥାନଲ୍‌ର କ୍ଷୟକାରୀ ପ୍ରଭାବକୁ ସହ୍ୟ କରିବା ପାଇଁ ଇନ୍ଧନ ପାଇପ୍, ସିଲ୍ ଓ ଇଞ୍ଜେକ୍ଟର୍ ଭଳି ଅଂଶକୁ ଉନ୍ନତ କରିବାକୁ ପଡ଼ିବ। ଏହା ସହ ଇଥାନଲ୍‌ର ଭିନ୍ନ ଦହନ ପ୍ରକ୍ରିୟା ଅନୁଯାୟୀ ଇଞ୍ଜିନ୍ ପରିଚାଳନା ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଦରକାର। ପେଟ୍ରୋଲ୍ ତୁଳନାରେ ଇଥାନଲ୍‌ର ପ୍ରତି ଲିଟରରେ ପ୍ରାୟ ଏକ-ତୃତୀୟାଂଶ କମ୍ ଶକ୍ତି ମିଳୁଥିବାରୁ ଏଭଳି ଯାନରେ ଅଧିକ କ୍ଷମତାର ଇନ୍ଧନ ଟାଙ୍କି କିମ୍ବା ବାରମ୍ବାର ଇନ୍ଧନ ଭରିବାର ଆବଶ୍ୟକତା ପଡ଼ିପାରେ।

ନିର୍ବାଚନ...

ଭୋଟରଙ୍କ ନାମ 'ତାର୍କିକ ଅସଙ୍ଗତି' ଦର୍ଶାଇ କଟାଯାଇଛି।

ନାମ କଟିଥିବା ଭୋଟରମାନଙ୍କୁ ପୁନର୍ବାର ଭୋଟର ଭାବେ ପଞ୍ଜୀକରଣ କରିବା ପାଇଁ ନିର୍ବାଚନ କମିଶନ ଫର୍ମ-୬ ଦାଖଲ କରିବାକୁ କହୁଛନ୍ତି ବୋଲି ଦତ୍ତାର ଯୁକ୍ତି ଦର୍ଶାଇଥିଲେ। ତାଙ୍କ କହିବା ଅନୁଯାୟୀ, ଫର୍ମ-୬ ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ଭୋଟ ଦେଇଥିବା ଭୋଟରଙ୍କୁ ଏହି ଫର୍ମ ପୂରଣ କରିବାକୁ କହିବା ଉଚିତ ନୁହେଁ।

ଦତ୍ତାର ଆହୁରି କହିଥିଲେ ଯେ, ନଭେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ସ୍ଥିର ହୋଇଛି। ମହାରାଷ୍ଟ୍ରରେ ତୁରନ୍ତ କୌଣସି ନିର୍ବାଚନ ନଥିବାରୁ ତାଲିକା ଚୂଡ଼ାନ୍ତ କରିବାର ସମୟସୀମା ବୃଦ୍ଧି କରାଯାଉ। ବାଦ୍ ପଡ଼ିଥିବା ୩ କୋଟି ଭୋଟରଙ୍କ ନାମ ପୁନଃ ସାମିଲ କରିବାକୁ ସମୟ ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଥିଲେ। ପୁଣେ ଓ ମୁମ୍ବାଇରେ ପ୍ରାୟ ୪୦ ପ୍ରତିଶତ ଭୋଟରଙ୍କ ନାମ ତାଲିକାରେ ନାହିଁ ବୋଲି ଦତ୍ତାର ଅଦାଲତଙ୍କୁ ଜଣାଇଥିଲେ। ସହରରେ ପୁନଃବିକାଶ ପ୍ରକଳ୍ପ ଯୋଗୁଁ ଅନେକ ଭୋଟର ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ ମଧ୍ୟ 'ବ୍ୟକ୍ତି ମିଳିଲେ ନାହିଁ' ଦର୍ଶାଇ ସେମାନଙ୍କ ନାମ କାଟି ଦିଆଯାଇଥିବା ସେ ଅଭିଯୋଗ କରିଥିଲେ।

ଫର୍ମ-୬ରେ ଆବେଦନକାରୀଙ୍କୁ ପୂର୍ବରୁ ଭୋଟ ଦେଇନଥିବା ସମ୍ପର୍କରେ ଘୋଷଣା କରିବାକୁ ପଡ଼ିଥାଏ। ତେଣୁ ପୂର୍ବରୁ ଭୋଟ ଦେଇଥିବା କିନ୍ତୁ ଏସ୍‌ଆଇଆର୍‌ରେ ନାମ କଟିଯାଇଥିବା ବ୍ୟକ୍ତି ଏହି ଫର୍ମ ପୂରଣ କଲେ ମିଥ୍ୟା ଘୋଷଣା କରିବାର ଆଶଙ୍କା ରହିଛି ବୋଲି ସେ ଦର୍ଶାଇଥିଲେ। ଏଭଳି ଭୋଟରଙ୍କ ପାଇଁ ଏକ ସ୍ୱତନ୍ତ୍ର ଫର୍ମ ପ୍ରଚଳନ କରିବାକୁ ସେ ଦାବି କରିଥିଲେ।

ଏହାର ଉତ୍ତରରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ ଯେ, କାହା ବିରୋଧରେ ଅଭିଯୋଗ ଚାଲିବ ନାହିଁ। ଦିଲ୍ଲୀ ହାଇକୋର୍ଟ ମଧ୍ୟ ଫର୍ମ-୬ ଦାଖଲ କରୁଥିବା ନାମ କଟିଥିବା ଭୋଟରଙ୍କ ବିରୋଧରେ ମାମଲା ଚାଲିବ ନାହିଁ ବୋଲି କହିଥିବା ଦତ୍ତାର ଉଲ୍ଲେଖ କରିଥିଲେ। କିନ୍ତୁ ଏହା ସମସ୍ୟାର ସମାଧାନ ନୁହେଁ ବୋଲି ସେ ମତ ଦେଇଥିଲେ।

ଦାବି ଓ ଆପତ୍ତି ଦାଖଲର ଶେଷ ଦିନ ସୋମବାର ଥିବାରୁ ସମୟସୀମା ବୃଦ୍ଧି ପାଇଁ ମଧ୍ୟ ଆବେଦନ କରାଯାଇଥିଲା। ତେବେ ନିର୍ବାଚନ କମିଶନଙ୍କ ପକ୍ଷ ନଶୁଣି ଏଭଳି ନିର୍ଦ୍ଦେଶ ଦେବାକୁ ଖଣ୍ଡପୀଠ ଅନିଚ୍ଛା ପ୍ରକାଶ କରିଥିଲେ। ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ସମୟରେ ସୁପ୍ରିମକୋର୍ଟ ସମୟସୀମା ବୃଦ୍ଧି କରିଥିବା କଥା ମଧ୍ୟ ପ୍ରଧାନ ବିଚାରପତି ଉଲ୍ଲେଖ କରିଥିଲେ।

ମୋଦୀଙ୍କୁ...

୧ରେ ରାମଲୀଳା ମୈଦାନରେ ହେବାକୁ ଥିବା ଇଣ୍ଡିଆ ମେଣ୍ଟର ରାଲିକୁ ନଭେମ୍ବର ୧୦ ପରେ କରିବାକୁ ଅନୁରୋଧ କରିଛି।

ପାର୍ବଣ ସମୟରେ ଟ୍ରାଫିକ୍ କଟକଣା, ରାସ୍ତା ପରିବର୍ତ୍ତନ ଏବଂ ପରିବହନ ବ୍ୟବସ୍ଥାରେ ପ୍ରତିବନ୍ଧକ ଯୋଗୁଁ ବ୍ୟବସାୟ ପ୍ରଭାବିତ ହେବା ନେଇ ସଂଗଠନ ଚିନ୍ତା ପ୍ରକାଶ କରିଛି। ଏହା ସହ କନ୍ନଟ୍ ପ୍ଲେସ୍ ଓ କେନ୍ଦ୍ରୀୟ ଦିଲ୍ଲୀର ଅନ୍ୟାନ୍ୟ ଅଞ୍ଚଳରେ ପୂର୍ବରୁ ହୋଇଥିବା ରାଲି, ପଦଯାତ୍ରା ଓ ରାସ୍ତା ବନ୍ଦ ଯୋଗୁଁ ବ୍ୟବସାୟୀମାନେ କ୍ଷତି ସହିଥିବା ଏହା ଉଲ୍ଲେଖ କରିଛି।

ଭୋଟର ତାଲିକାରେ କଥିତ ଅନିୟମିତତାର ପ୍ରତିବାଦ ଏବଂ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ଇଣ୍ଡିଆ ମେଣ୍ଟ ଏହି ରାଲି ଆୟୋଜନ କରୁଛି। ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପର୍କରେ ଉଠୁଥିବା ଅଭିଯୋଗର ସମାଧାନ କରିବାରେ ନିର୍ବାଚନ କମିଶନ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିସହ ନିର୍ବାଚନ କମିଶନରଙ୍କ ନିଯୁକ୍ତି ଓ ସୁରକ୍ଷା ସମ୍ପର୍କିତ ଆଇନଗତ ବ୍ୟବସ୍ଥାରେ ପରିବର୍ତ୍ତନ ଦାବି କରିଛି।

ଅନ୍ୟପକ୍ଷରେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ସୋମବାର ନରେନ୍ଦ୍ର ମୋଦୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଭୋଟ ଚୋରି ସମ୍ପର୍କରେ ଅନେକ ତଥ୍ୟ ସାମ୍ନାକୁ ଆସିବା ସତ୍ତ୍ୱେ ସରକାର ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। ସେ ସିଇସିଙ୍କ ଇସ୍ତଫା ଦାବିକୁ ମଧ୍ୟ ଦୋହରାଇଛନ୍ତି। ଖଡ଼ଗେ ଅଭିଯୋଗ କରିଛନ୍ତି ଯେ, ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟବହୃତ ସଫ୍ଟୱେର୍ ସମ୍ପର୍କିତ ତଥ୍ୟ ମାଗିବାରୁ ନିର୍ବାଚନ କମିଶନ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅନୁଯାୟୀ 'ବାଣିଜ୍ୟିକ ଗୋପନୀୟତା'ର ଆଳ ଦେଖାଇ ତଥ୍ୟ ଦେବାକୁ ମନା କରିଛନ୍ତି।

ନଭେମ୍ବର ୧ରେ ରାମଲୀଳା ମୈଦାନରେ ହେବାକୁ ଥିବା ଇଣ୍ଡିଆ ମେଣ୍ଟର 'ଦିଲ୍ଲୀ ଚଲୋ' ପଦଯାତ୍ରା ଓ ରାଲିରେ ଯୋଗଦେବାକୁ ଖଡ଼ଗେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହାକୁ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଏକ ଆନ୍ଦୋଳନ ବୋଲି ସେ ବର୍ଣ୍ଣନା କରିଛନ୍ତି। ଉତ୍ତରପ୍ରଦେଶର ଭୋଟର ତାଲିକା ସମ୍ପର୍କରେ ମଧ୍ୟ ଖଡ଼ଗେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଦାବି ଅନୁଯାୟୀ, ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ହୋଇଥିବା ୧୬.୧୮ ଲକ୍ଷ ଆବେଦନର ବିବରଣୀ ସାର୍ବଜନୀନ କରାଯାଇନାହିଁ। ଏହା ସହ ପିଲିଭିତ୍‌ରେ ୧୦,୪୭୦ ଭୋଟରଙ୍କ ସମ୍ପର୍କିତ ଅସଙ୍ଗତି ଉଠାଇ ସେ କହିଛନ୍ତି ଯେ, ଏହି ଘଟଣା ପରେ ଉତ୍ତରପ୍ରଦେଶରେ ଫର୍ମ-୬, ଫର୍ମ-୭ ଓ ଫର୍ମ-୮ର ଯାଞ୍ଚ ପାଇଁ କର୍ତ୍ତୃପକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମୃତ...

ଆମ୍ବୁଲାନ୍ସକୁ ଫୋନ କରିଥିଲେ । କିନ୍ତୁ ମାଳିପଦର ଗାଁକୁ ରାସ୍ତା ନ ଥିବାରୁ ଆଲିଗୁନା ଗ୍ରାମ ନିକଟରେ ଆମ୍ବୁଲାନ୍ସ ଅଟକି ରହିଥିଲା ।ପରିବାର ଲୋକେ ଗର୍ଭବତୀଙ୍କୁ ଭାରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ପରେ ତାଙ୍କୁ ନିକଟସ୍ଥ ସୁଙ୍ଗେର ପିଏଚ୍‌ସିକୁ ଅଣାଯାଇଥିଲା । ସେଠାରେ ଡାକ୍ତର ନ ଥିବାରୁ କାଶୀପୁର ସିଏଚସିକୁ ନିଆଯାଇ ଥିଲା । ହେଲେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବାରୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ରାୟଗଡ଼ା ଡାକ୍ତର ଖାନାରେ ମହିଳା ଜଣକ ମୃତ ସନ୍ତାନକୁ ଜନ୍ମ ଦେଇଥିଲେ ।ସୂଚନାଯୋଗ୍ୟ, ଗତ ବୁଧବାର କାଶୀପୁର ବ୍ଲକର ସରମ୍ବାଇ ଗ୍ରାମର ଗୌଡ ସାହିର ସୁନାଧର ଗୌଡଙ୍କ ସ୍ତ୍ରୀ ବିମଳା ଗୌଡଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିନ୍ତୁ ରାସ୍ତା ନ ଥିବାରୁ ଗାଁଠାରୁ ଏକ କିଲୋମିଟର ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା । ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚର ଧରି ବିମଳା ମାଝୀଙ୍କ ଘରେ ପହଞ୍ଚିବା ପୂର୍ବରୁ ଘରେ ପ୍ରସବ ହୋଇ ସାରିଥିଲା ।

ଦୋଷମୁକ୍ତ...

୪୯୯ ଓ ୫୦୦ ଅନୁଯାୟୀ ରାହୁଲଙ୍କ ବିରୋଧରେ ଅପରାଧିକ ମାନହାନି ମାମଲା ରୁଜୁ କରିଥିଲେ।

୨୦୨୩ ନଭେମ୍ବର ୨୮ରେ ଅଦାଲତ ରାହୁଲଙ୍କୁ ସମନ ଜାରି କରିବା ପରେ ବିଜୟ ମିଶ୍ର କହିଥିଲେ ଯେ, ଏହି ଘଟଣାରେ ସେ ମର୍ମାହତ ହୋଇଥିଲେ। ଦଳର ଜଣେ ୩୩ ବର୍ଷର କର୍ମୀ ଭାବେ ସେ ତାଙ୍କ ଓକିଲଙ୍କ ମାଧ୍ୟମରେ ଅଭିଯୋଗ ଦାଖଲ କରିଥିଲେ। ଏହି ମାମଲା ପ୍ରାୟ ପାଞ୍ଚ ବର୍ଷ ଧରି ଚାଲିଥିଲା।

୨୦୨୩ରେ ରାହୁଲ ଅଦାଲତରେ ହାଜର ହୋଇ ଜାମିନ ପାଇଥିଲେ। ପୂର୍ବରୁ ଅକ୍ଟୋବର ୧୩ରେ ରାୟ ପ୍ରକାଶ ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ପରେ ଏହାକୁ ଅକ୍ଟୋବର ୨୬କୁ ଘୁଞ୍ଚାଯାଇଥିଲା। ଏହି ମାମଲାରେ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆର୍.ଏସ୍. ଚୀମାଙ୍କ ସହ କାଶୀ ଶୁକ୍ଲା, ତରନ୍ନୁମ୍ ଚୀମା, ପ୍ରସନ୍ନ ଏସ୍. ଓ ଆକାଶ ସିଂହ ଯୁକ୍ତି ଉପସ୍ଥାପନ କରିଥିଲେ। ରାୟ ପ୍ରକାଶ ପୂର୍ବରୁ ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଆରାଧନା ମିଶ୍ର 'ମୋନା' କହିଥିଲେ ଯେ, ଦଳର ନ୍ୟାୟପାଳିକା ଉପରେ ପୂର୍ଣ୍ଣ ଭରସା ରହିଛି। ଏହି ମାମଲାରେ ହାଜର ହେବା ପାଇଁ ହିଁ ରାହୁଲ ଗାନ୍ଧୀ ସୁଲତାନପୁର ଯାଉଛନ୍ତି।

AFFIDAVIT

By virtue of an affidavit sworn before Executive Magistrate, Nayagada Odisha on dated 21.10.2026 I,Nelha Jena S/o - Daya Jena Resident of At-Sikharpur P.O- Sikharpur P.S-Sarankul Dist-Nayagada,PIN-752080 declare that I have changed my name from Nehla Jena to Nelha Jena Henceforth, I shall be known as Nelha Jena for all purposes.

Sd/- Nelha Jena

ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ, ଚକ୍ରଧରପୁରର ବରିଷ୍ଠ ଡିଭିଜନାଲ୍ ସିଗନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର) ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ୧୩.୧୧.୨୦୨୬ ତାରିଖ ଅପରାହ୍ନ ୩:୦୦ (୧୫.୦୦ ଘଣ୍ଟା) ସମୟରେ ଖୋଲାଯିବ। ଏହି ଟେଣ୍ଡରଗୁଡ଼ିକ ପାଇଁ କୌଣସି ପ୍ରକାରର ମାନୁଆଲ୍ (କାଗଜପତ୍ର ଆଧାରିତ) ପ୍ରସ୍ତାବ ଗ୍ରହଣୀୟ ନୁହେଁ ଏବଂ ଯଦି କୌଣସି ମାନୁଆଲ୍ ପ୍ରସ୍ତାବ ପ୍ରାପ୍ତ ହୁଏ, ତେବେ ତାହାକୁ ବିଚାରକୁ ନିଆଯିବ ନାହିଁ। କ୍ରମିକ ସଂଖ୍ୟା ଓ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା। କାର୍ଯ୍ୟର ନାମ ଟେଣ୍ଡର ମୂଲ୍ୟ ଅର୍ନେଷ୍ଟ ମନି (ଅଗ୍ରୀମ ଜମା ରାଶି): (୧) ଏସ୍‌ଡି-ସିକେପି-ଓଟି-୨୬-୨୭-୧୧୯, ତାରିଖ ୨୨.୧୦.୨୦୨୬ ଏସ୍‌ଏସ୍‌ଇ/ଟାଟାନଗରର ଅଧୀନରେ ଥିବା ବିଭାଗରେ ବିଭିନ୍ନ ଟେଲିକମ୍ କାର୍ଯ୍ୟ ୬୯,୫୪,୫୨୨.୯୦ ୧,୩୯,୧୦୦/- । (୨) ଏସ୍‌ଡି-ସିକେପି-ଓଟି-୨୬-୨୭-୧୨୦, ତାରିଖ ୨୨.୧୦.୨୦୨୬ ବଡ଼ାମପାହାଡ଼ ଠାରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ୍ ନିର୍ମାଣ ପାଇଁ ଏସ୍ଏଣ୍ଡଟି (ସିଗନାଲ୍ ଓ ଟେଲିକମ୍) କାର୍ଯ୍ୟ ୨,୬୮,୧୩,୧୦୫/- ୫,୮୬,୩୦୦/- । (୩) ଏସ୍‌ଡି-ସିକେପି-ଓଟି-୨୬-୨୭-୧୨୧, ତାରିଖ ୨୨.୧୦.୨୦୨୬ ଝାରସୁଗୁଡ଼ା ଷ୍ଟେସନରେ ଭିପିଓଏନ୍ ପ୍ରଯୁକ୍ତିବିଦ୍ୟା ସହିତ ରେଲନେଟ୍ ସଂଯୋଗ ଏବଂ ୱାଇ-ଫାଇ ବ୍ୟବସ୍ଥା ୬୧,୪୫,୫୪୨.୬୨ ୧,୪୨,୯୦୦/- । (୪) ଏସ୍‌ଡି-ସିକେପି-ଓଟି-୨୬-୨୭-୧୨୨, ତାରିଖ ୨୨.୧୦.୨୦୨୬ ବାଂସବାହାଲ ଠାରେ ତୃତୀୟ ଲାଇନ୍ ପାଇଁ ଲୁପ୍ ଲାଇନ୍ ନିର୍ମାଣ ଏବଂ ୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ 'ସିକ୍ ସାଇଡିଂ' ନିର୍ମାଣ ସମ୍ବନ୍ଧୀୟ ଏସ୍ଏଣ୍ଡଟି କାର୍ଯ୍ୟ ୩,୪୧,୯୮,୩୯୯.୪୮ ୬,୮୪,୦୦୦/- । (୫) ଏସ୍‌ଡି-ସିକେପି-ଓଟି-୨୬-୨୭-୧୨୩, ତାରିଖ ୨୨.୧୦.୨୦୨୬ [illegible] ଠାରେ ଏକ ଦୀର୍ଘ ଲୁପ୍ ଲାଇନ୍ ଏବଂ ବାରାବାମ୍ବୁ ଷ୍ଟେସନ୍ ୟାର୍ଡରେ ଉପଯୁକ୍ତ ଚଳାଚଳ ପଥ (କ୍ରସଓଭର) ନିର୍ମାଣ ସହ ଜଡ଼ିତ ଏସ୍ଏଣ୍ଡଟି କାର୍ଯ୍ୟ ଟ. ୨,୬୯,୧୯,୬୩୭.୧୯ ଟ. ୫,୪୮,୪୦୦/- – ଇ କାର୍ଯ୍ୟ ସମାପ୍ତି ଅବଧି: କ୍ରମିକ ସଂଖ୍ୟା ୧ ପାଇଁ ୧୨ (ବାର) ମାସ କ୍ରମିକ ସଂଖ୍ୟା ୨, ୪ ଓ ୫ ପାଇଁ ୧୫ (ପନ୍ଦର) ମାସ ଏବଂ କ୍ରମିକ ସଂଖ୍ୟା ୩ ପାଇଁ ୦୬ (ଛଅ) ମାସ। ଟେଣ୍ଡର ସମ୍ବନ୍ଧୀୟ ବିବରଣୀ http://www.ireps.gov.in ୱେବସାଇଟରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ଶ୍ରେଣୀ-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ ରହିବ ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ମାଗଣାରେ ଉପଲବ୍ଧ କରାଯିବ । (PR-937)

OFFICE OF THE CHIEF DISTRICT AGRICULTURE OFFICER: GANJAM

No. 5110 Agril.//Dated- 22.10.2026

1001/192/2627

EXPRESSION OF INTEREST(EOI)

Short listing of Firms for Documentary Film.

Expression of Interest(EOI's) are invited by Chief District Agriculture Officer , Ganjam from intending bidders/reputed agencies for production of documentary/short video film under Different Agricultural programmes 2026-27.The interested firms may offer their sealed EOI latest by dt.30.10.2026 upto 5.00PM which will be opened by the committee on dt.31.10.2026 at 3.00 PM. Emphasis shall be given to the agencies basing on their experience in the same field in this district.The bidder may remain present or send their authorized representatives while opening of quotations. The EOI in sealed cover are to be dropped in the drop box placed in the office of the CDAO,Ganjam during office hours on working days only.The authority reserves the right to cancel any or all the quotations in part or whole without assigning any reason thereof.

List of Documents to be submitted.

1. Self certificate stating that the agency has not been blacklisted in the past
2. Valid GST and PAN
3. Empanellment of I & PR.Govt.of Odisha.
4. Experience in Agriculture field.

Sd/- Chief District Agriculture Officer Ganjam

OIPR : 1001/1521/1/26-27/0002

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

10001/656/2627

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARAGADA

e-mail- dpmsundargarh@yahoo.com

RFP Ref No. - 4578 Dated. 16.10.2026

The CDM & PHO, Sundaragada, invites proposals from eligible agencies/firms for "Supply, transportation, unloading, placement, installation, testing and commissioning of furniture, conference/audio visual equipment and associated work at District Training Unit. DHH, Sundaragada".The detailed Request for Proposal (RFP) has been uploaded on the official district website of Sundaragada, i.e., www.sundaragada.odisha.gov.in. Interested firms/agencies may submit their proposals in offline mode through Speed Post/Courier only, the last date for receipt of bids is 07-11-2026 up to 5:00 P.M.

For detailed information, terms and conditions, and the RFP document, interested agencies/firms may visit the official district website of Sundaragada: **www.sundaragada.odisha.gov.in.**

The undersigned reserves the right to cancel the bid process at any stage without assigning any reason and without prior notice.

Sd/- CDM & PHO, Sundaragada

OIPR : 10001/10100/1/26-27/0013

Email ID - eeliangul@gmail.com

ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

OFFICE OF THE EXECUTIVE ENGINEER, L.I. DIVISION, ANUGOLA

32001/1135/2627

e- Tender Notice

Bid Identification No E.E. ANUGOLA (OLIC) 02/2026-27 Date 14.10.2026

The Executive Engineer, Lift Irrigation Division, Anugola, Odisha, invites tender on behalf of the Managing Director, OLIC Ltd., Bhubaneswar through e-procurement in shape of percentage rate bids in online mode only for the work "Revival & Reinforcement of following L.I. Projects under Anugola, Athamallik, Banarpal, Chhendipada, Kaniha & Kishorenagar blocks in Anugola district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license. Validity of both the licenses should be valid at the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected.

1. Name of Works : Revival and Reinforcement of River Lift Projects with supply of all materials on Turnkey basis.
2. Total Nos. of Packages : 16 Nos
3. Approximate Estimated Cost : **Rs. 14.998 Lakh** to **Rs. 39.355 Lakh**
4. Class of Contractor : **"D", "C" & "B"** Valid Civil Class with H.T. Valid Licence.
5. Period of completion : 90 Days from the date of issue of work order.
6. Other details as follows.

Procurement Officer	Bid Identification No	Availability of tender On-line for bidding		Last date & time of seeking tender clarification	Date & Time of Opening of tender in the office of the Executive Engineer, L.I. Division, Anugola
		From	To		
1	2	3	4	5	6
Executive Engineer, L.I. Division, Anugola	02/2026-27	28.10.2026 10.00 AM	06.11.2026 Up to 5.00 PM	04.11.2026	07.11.2026 11.00 AM

- Details can be seen from the Website **www.tendersorissa.gov.in**
- Any Corrigendum/ Addendum will be displayed in the above website only.

Sd/- Executive Engineer, L.I. Division, Anugola

OIPR : 32001/32327/1/26-27/0002

UTKAL BALASHRAM, JHARSUGUDA

No :-3983 / Dated : 26.10.2026

24001/520/2627

ADVERTISEMENT

Applications are invited from eligible candidate for the different post for Govt, run Child Care Institution "UTKAL BALASHRAM" JHARSUGUDA. as per the Mission Vatsalya guideline & following the process of engagement as laid down in the Resolution No:-10102/ WCD-CW-MISC-0023/2020 dt-15.09.2020 issued by the Department of W&CD. Govt, of Odisha.

The Post are purely temporary and contractual in nature and remuneration will be paid as per the norms of Mission Vataslya Scheme under the W & CD Department. Govt, of India. For more details kindly visit the Jharsuguda district website **https:// Jharsuguda.odisha.gov.in.**

Collector & DM cum President UTKAL BALASHRAM, Jharsuguda

OIPR : 24001/24022/1/26-27/0012

GOVERNMENT OF ODISHA

DEPARTMENT OF WATER RESOURCES,

O/O THE SUPERINTENDING ENGINEER, ANUGOLA IRRIGATION DIVISION, ANUGOLA.

32001/1114/2627

e-Mail Id - eeangulirrigation@gmail.com

'e'-Procurement Notice No. SE-AID-8/2026-27

The Superintending Engineer, Anugola Irrigation Division, Anugola on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

1	Total No. of Works	:	4 (Four) Nos. Civil work
2	Cost of work put to tender	:	Approximately Rs.6.55 Lakh to Rs.33.87 Lakh
3	Tender Paper Cost	:	Rs.4,000/- / Rs.6,000/- (Non Refundable)
4	Class of Contractor	:	'D' & 'C and 'C & 'B' equivalent Grade
5	Period of Completion	:	90/60 Days
6	Availability of Bid Documents and receipt of bid through online	:	From 11.00 A.M of 29.10.2026 to 5.00 P.M of 07.11.2026 in the website (www.tendersodisha.gov.in)
7	Date, time & place for opening of online tenders	:	09.11.2026 at 11.00 A.M and onwards in the o/o the SE, Anugola Irrigation Division, Anugola.
8	Date, time & Place for finalization of tender through transparent lottery system (if required)	:	12.11.2026 at 11.00 A.M in the o/o the SE, Anugola Irrigation Division, Anugola.
9	Digital Signature Certificate	:	The bidders must possess compatible Digital Signature Certificate (DSC) of Class-II or Class-III
10	Name and Address of Officer Inviting Tender (OIT)	:	Superintending Engineer, Anugola Irrigation Division, Anugola, At/PO:- Hakimpada, Dist:- Anugola, Odisha. e-mail Id- eeangulirrigation@gmail.com

Further details can be seen from the e-procurement portal of Government of Odisha at www.tendersodisha.gov.in)

Sd/- Superintending Engineer Anugola Irrigation Division Anugola

OIPR : 32001/32049/1/26-27/0008

GOVERNMENT OF ODISHA

PANCHAYATIRAJ & D.W. DEPARTMENT

OFFICE OF THE PANCHAYAT SAMITI, JAGATSINGHPUR

19001/305/2627 'e' mail ID:

'E' Procurement Notice No.BDO-JSPUR-PS-02 of 2026-27

1	Number of the work	:	09 (nine) Nos.
2	Tender Amount (Approx.)	:	Rs. 15.30 Lakh to Rs.19.40Lakh
3	EMD (online)	:	Rs.15,400.00 to Rs.19.500.00
4	Tender Paper Cost (online) (Non-Refundable)	:	Rs.6,000/-
5	Class of Contractor	:	"D"&"C" Class Contractor
6	Period of Completion	:	04 (Four) Calendar Months
7	Availability of Tender	:	29.10.2026 at 10.00 Hours to 10.11.2026 at 5.30 Hours
8	Date & Time of opening of Tender	:	11.11.2026 at 11.00 Hours
9	Place of opening of the tender	:	O/o the Panchayat Samiti, Jagatsinghpur

Further details can be seen from the Govt web site "https:// tendersodisha.gov.in

All corrigendum / cancellation of tender if any, will only be uploaded in the above web site

Sdl- BLOCK DEVELOPMENT OFFICER, JAGATSINGHPUR

OIPR : 19001/19025/1/26-27/0002

Email ID : eephdsbp@gmail.com

GOVERNMENT OF ODISHA

OFFICE OF THE SUPERINTENDING ENGINEER, P.H. DIVISION, SAMBALPUR.

13001/2235/2627

NOTICE INVITING TENDERS

NATIONAL COMPETITIVE BIDDING THROUGH e-Procurement

Bid Identification No. SEPHSBP-09/2026-27 Dt. 22.10.2026

1. Name of the Work : 2 nos Work.
2. Type of Bid. : Single Bid System
3. Estimated Cost : Rs. 8.41 lakhs to Rs. 12.61 lakhs
4. Period of Completion : 3 (Three) Months
5. Date & Time of availability of bid document in the portal : From 11.00 AM of dt. 29.10.2026 to 5.00 PM of 09.11.2026
6. Last date / time of receipt of bids in the portal : 5.00 PM of 09.11.2026.
7. Date & Time of opening of technical bids : At 11.30 AM of 10.11.2026.
8. Name and Address of the Officer Inviting Bid : Superintending Engineer, P.H. Division, Sambalpur, Near V.S.S Stadium, Brooks Hill Dist- Sambalpur-768 001.

Further details can be seen from the website **http:tenders.ori.nic.in or www.tendersorissa.gov.in**

Sd/- Superintending Engineer P.H. Division, Sambalpur

OIPR : 13001/13026/1/26-27/0011

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।



ଆସନ୍ତା ବଡଦିନ ପାଇଁ ହୋଟେଲ ଲାଇଫ୍‌ରେ କେକ୍ ମିକ୍ସିଙ୍ଗ କାର୍ଯ୍ୟକ୍ରମ

ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ

ପୂର୍ବତଟ ରେଳପଥ କର୍ମଚାରୀଙ୍କ ସତ୍ୟନିଷ୍ଠାର ଶପଥ ଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ରେଳବାଇ କାର୍ଯ୍ୟକଳାପରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇ ପୂର୍ବ ତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ କରାଯାଉଛି। ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ ସମୃଦ୍ଧି ପାଇଁ ସତ୍ୟନିଷ୍ଠା ବିଷୟବସ୍ତୁକୁ ନେଇ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତିରେ ଯୋଗଦାନ



କରିବା ଦିଗରେ ସତ୍ୟନିଷ୍ଠା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।

ଶପଥ ଗ୍ରହଣ ସମାରୋହରେ ରେଳ ଅଧିକାରୀ ଓ କର୍ମଚାରୀମାନେ ନିଜର ବୃତ୍ତିଗତ କାର୍ଯ୍ୟକଳାପରେ ସର୍ବୋଚ୍ଚ ସ୍ତରର ସତ୍ୟନିଷ୍ଠା ଓ ନୈତିକତା ବଜାୟ ରଖିବା, ସଚ୍ଚୋଟତା ଓ ନିରପେକ୍ଷତାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ବୃହତ୍ତର ଜନସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ ପୁନଃ ସଂକଳ୍ପ ନେଇଥିଲେ। ଏହି ଶପଥରେ ପ୍ରଶାସନର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା, ଦୁର୍ନୀତି ନିବାରଣ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସତର୍କତା ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ହେଉଛି ଦୁର୍ନୀତି ନିବାରଣ କ୍ଷେତ୍ରରେ ନୈତିକ ଆଚରଣ ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ସମ୍ପର୍କରେ ରେଳ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଏହା ପୂର୍ବ ତଟ ରେଳପଥର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା, ନିରପେକ୍ଷତା ଓ ସତ୍ୟନିଷ୍ଠା ବଜାୟ ରଖିବା ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରୁଛି।

ଏହି ଶପଥ ଗ୍ରହଣ ସମାରୋହରେ ପୂର୍ବ ତଟ ରେଳପଥର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଅରୁଣ କୁମାର ଚତୁର୍ବେଦୀଙ୍କ ସମେତ ବିଭାଗୀୟ ପ୍ରମୁଖ ଅଧିକାରୀ, ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସତର୍କତା ସଚେତନତା ସପ୍ତାହ ପାଳନ ମାଧ୍ୟମରେ ପୂର୍ବ ତଟ ରେଳପଥ ଯାତ୍ରୀ ଓ ଦେଶର ସେବାରେ ସତ୍ୟନିଷ୍ଠା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପୂଜା କମିଟିକୁ ସତର୍କ କରାଇଲେ ଆଦର୍ଶ ଥାନା ଅଧିକାରୀ

ଖୋର୍ଦ୍ଧା (ସବ୍ୟୁ): ରବିବାର କାଲିଠାରୁ ଖୋର୍ଦ୍ଧା ସହର ଏବଂ ଆଖପାଖ ଅଞ୍ଚଳରେ ମା ଗଜଲକ୍ଷ୍ମୀଙ୍କ ପୂଜା ପୁରା ଧୂମ ଧାମରେ ପାଳିତ ହେଉଛି। ମୋଟ ୩୭ ଟି ମଣ୍ଡପରେ ମାଙ୍କୁ ବିଭିନ୍ନ କମିଟିର କର୍ମକର୍ତା ମାନେ ପୂଜା କରୁଛନ୍ତି। ବିଭିନ୍ନ ତୋରଣ ସାଙ୍ଗକୁ, ଆଲୋକ ସଜା, ମିନା ବଜାର ସମେତ ଅନେକ ସ୍ଥାନରେ ଫୁଡ଼ ଷ୍ଟଲ ମଧ୍ୟ ଖୋଲା ଯାଇଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆଦର୍ଶ ଥାନା ପକ୍ଷରୁ ବିଭିନ୍ନ କମିଟିର କର୍ମକର୍ତାଙ୍କୁ ନେଇ ଏକ ସଚେତନତା ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା। ବିଶେଷ କରି ଟେଣ୍ଟ ଦ୍ୱାରା ବନ୍ଧା ଯାଇଥିବା ତୋରଣ ଏବଂ ଷ୍ଟଲକୁ ମଜବୁତ ରଖିବା, ବିଦ୍ୟୁତ ସଂଯୋକ ହୋଇଥିବା ତାରକୁ ଭଲ ଭାବରେ ବାନ୍ଧିବା ସହିତ କୌଣସି ଜାଗାରେ ଲିକେଜ ଥିଲେ ସେ ଗୁଡ଼ିକୁ ବଦଳାଇବା , ତାର ଓହଳି ଥିଲେ ସେ ଗୁଡ଼ିକୁ ଭିଡି ରଖିବା ,ଲାଇଟ ତୋରଣରେ ଭଲ ଭାବେ ମୋଟା ଏବଂ ମଜବୁତ ଷ୍ଟେ ଲଗାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ଦର୍ଶନ କରିବାକୁ ଆସୁଥିବା ଭକ୍ତଙ୍କ ପାଇଁ ଧାଡି ଦର୍ଶନ ସହିତ



ମହିଳା ଏବଂ ପୁରୁଷଙ୍କ ପାଇଁ ଅଲଗା ଧାଡିର ବ୍ୟବସ୍ଥା କରିବା, ପାନୀୟ ଜଳର ବ୍ୟବସ୍ଥା , ଫାୟାର ଶେପଟି ବ୍ୟବସ୍ଥା ରଖିବା ପାଇଁ ମଧ୍ୟ କମିଟି ଗୁଡ଼ିକୁ କୁହାଯାଇଥିଲା। ଯଦି ମଣ୍ଡପ ନିକଟରେ କିଛି ଦୁର୍ବଳ ଗଛ କିମ୍ବା ଗଛ ଡାଳ ଝୁଲିବା ଅବସ୍ଥାରେ ଥାଏ ସେଗୁଡ଼ିକୁ କାଟିଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଯଦି ପ୍ରବଳ ବର୍ଷା କିମ୍ବା ପବନ ହୁଏ ସେ ସମୟରେ ମଣ୍ଡପ ନିକଟରେ ଭିଡ଼ ନ ଜମାଇବାକୁ କମିଟି ପକ୍ଷରୁ ଭକ୍ତ ମାନଙ୍କୁ ପୂର୍ବରୁ ସୂଚନା ଦେବାକୁ ସବୁ କମିଟିକୁ ଅନୁରୋଧ କରା ଯାଇଥିଲା। ଆଦର୍ଶ ଥାନା ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ରେ ଥାନା ଅଧିକାରୀ ରମେଶ କୁମାର ଦେବତା, ଏସ ଆଇ ଦିନେଶ ପିଙ୍ଗୁଆ ,ବିକାଶ କୁମାର ସାହୁଙ୍କ ସମେତ , ୩୫ ଗୋଟି ପୂଜା କମିଟିର ସଦସ୍ୟ ଯୋଗ ଦେଇଥିଲେ।

ସିରିଜ ଦୁର୍ଘଟଣା :୨ ଗୁରୁତର

ବାଲିପାଟଣା ,(ସବ୍ୟୁ):ରାଜଧାନୀ ଉପକଣ୍ଠ ବାଲିପାଟଣାରେ ଏକ ନାଲି ରଙ୍ଗର ଦ୍ରୁତଗାମୀ ବ୍ରିଜା କାର୍ ଏକାଧିକ ବାଇକ ଓ ସ୍କୁଟିକୁ ଧକ୍କା ଦେଇ ସିରିଜ ଦୁର୍ଘଟଣା ଘଟାଇଛି। ଏଥିରେ ଦୁଇରୁ ଅଧିକ ବାଇକ ଚାଳକ ପ୍ରଭାବିତ ହୋଇଥିବାବେଳେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଧକ୍କା ଦେବା ପରେ ସ୍କୁଟି ଚାଳକଙ୍କୁ କାର୍ଟି ପ୍ରାୟ ୩୦ ଫୁଟରୁ ଅଧିକ ବାଟ ଘୋଷା ନେଇଥିବା ଜଣାପ ଘଟଣା ପରେ କାର୍ ଚାଳକ ଗାଡି ନେଇ ଫେରାର୍ ହୋଇଯାଇଛନ୍ତି ।ରବିବାର ରାତି ପ୍ରାୟ ୧୧ଟା ସମୟରେ ସରଦେଇପୁର-ନିମାପଡା ରାସ୍ତାର ବାଲିପାଟଣା ଛକସ୍ଥିତ ଜୟଶ୍ରୀ ହୋଟେଲ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା । । କାର୍ ଧକ୍କା ରେ ସ୍କୁଟି ଚାଳକ ମାନସ ରାଉତରାୟ ଗୁରୁତର ହୋଇପଡିଛନ୍ତି ।ତାଙ୍କ ଘର ବାଲିପାଟଣା ଥାନା ଅନ୍ତର୍ଗତ ନୂଆପ ଗ୍ରାମରେ ବୋଲି ଜଣାପଡିଛି । ସେହିପରି ମଧୁବନ ଛକ ନିକଟରେ ବାଲିପାଟଣା ଥାନାର ଡ୍ରାଇଭର ସନ୍ତୋଷ କୁମାର ମୁଦୁଲୀଙ୍କ ବାଜାଜ ପଲସର ଧକ୍କା ଦେବା ସହିତ ବାଳକାଟି ବଜାରରେ ମଧ୍ୟ ଜଣେ ଗାଡି ଚାଳକକୁ ଧକ୍କା ଦେଇ ଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି । କାର୍ ଚାଳକ ଜଣକ ବନମାଳୀପୁର ଅଞ୍ଚଳର ବୋଲି ପ୍ରାଥମିକ ସୂଚନା ମିଳିଛି ।

ପୁରୀରେ ହବିଷିଆଳି ମା'ମାନଙ୍କ ଭକ୍ତିଭାବନାକୁ କୁଠାରାଘାତ କରୁଛି ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ରାଧାଦାମୋଦର ବ୍ରତ ପାଳନ ପାଇଁ ଆସିଥିବା ହଜାର ହଜାର ହବିଷ୍ୟାଳୀ ମା'ମାନଙ୍କ ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅବ୍ୟବସ୍ଥାକୁ ପଦାରେ ପକାଇଛି । ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଚିକିତ୍ସା ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାରେ ବିଜେପି ସରକାର କ୍ରମାଗତ ଭାବେ ବିଫଳ ହୋଇଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ । ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଗତ ୩ ବର୍ଷ ଧରି ହବିଷ୍ୟାଳୀ ମା'ମାନଙ୍କ ପାଇଁ ସୁବ୍ୟବସ୍ଥା ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହା କେବଳ ଏକ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ବରଂ ଓଡ଼ିଆଙ୍କ ଧାର୍ମିକ ଭାବନା, ପରମ୍ପରା ଓ ମହାନ ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା । ହବିଷ୍ୟାଳୀ ମା'ମାନଙ୍କ ଆସ୍ଥା ଓ ଭାବାବେଗକୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ଅସୁବିଧାରେ ପକାଇବା ଅତ୍ୟନ୍ତ ଦୁଃଖଦାୟକ । ନବୀନ ସରକାର ସମୟରେ ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥିତ ଆୟୋଜନ କରାଯାଉଥିଲା । ଦୂରଦୂରାନ୍ତରୁ ଆସୁଥିବା ବୟସ୍କା ମହିଳାମାନେ ନିରାପଦରେ ରହି ବିନା ବାଧାରେ ନିଜର ବ୍ରତ ପାଳନ କରିପାରୁଥିଲେ । କିନ୍ତୁ ଆଜି ଅନେକ ହବିଷ୍ୟାଳୀ ମା' ମାନେ ରହିବା ପାଇଁ ସ୍ଥାନ ନପାଇ ରାସ୍ତାକଡ଼ରେ ଓ ଖୋଲା ଆକାଶ ତଳେ ରାତି କାଟିବାକୁ ବାଧ୍ୟ ହେଉଛନ୍ତି । ପଞ୍ଜୀକରଣ ହୋଇନଥିବା ଅନେକ ହବିଷ୍ୟାଳୀଙ୍କୁ ଆଶ୍ରୟ ନଦେବା ଏବଂ ସୀମିତ ବ୍ୟବସ୍ଥା କରି ଅନ୍ୟମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ ।

ଡ଼ ମହାନ୍ତି ଆହୁରି କହିଥିଲେ ଯେ, ହବିଷ୍ୟାଳୀ ମା'ମାନେ କେବଳ ଯୋଜନାର ହିତାଧିକାରୀ ନୁହନ୍ତି; ସେମାନେ ଆମ ରାଜ୍ୟର ଧାର୍ମିକ ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ବାହକ । ସେମାନଙ୍କ ବୟସ, ଶାରୀରିକ ଅସୁବିଧା ଓ ଭକ୍ତିଭାବନାକୁ ବିଚାରକୁ ନନେବା ସରକାରଙ୍କ ଅସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି । ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କଥା କହୁଥିବା ବିଜେପି ସରକାରଙ୍କ ଏଭଳି କାର୍ଯ୍ୟ ଓ ଆଚରଣ ମଧ୍ୟରେ ସ୍ପଷ୍ଟ ବିରୋଧାଭାସ ରହିଛି । ହବିଷ୍ୟାଳୀ ମା'ମାନଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ରହଣି ବ୍ୟବସ୍ଥା, ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟସେବା, ନିରାପଦ ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଉ । ଦୂରଦୂରାନ୍ତରୁ ଆସିଥିବା କୌଣସି ହବିଷ୍ୟାଳୀ ମା'ମାନଙ୍କୁ କେବଳ ପଞ୍ଜୀକରଣ ନଥିବା କାରଣରୁ ଅସହାୟ ଅବସ୍ଥାରେ ଛାଡ଼ି ଦିଆନଯାଉ । ଆବଶ୍ୟକ ସ୍ଥଳେ ଅତିରିକ୍ତ ଅସ୍ଥାୟୀ ଶିବିର ଖୋଲି ସମସ୍ତଙ୍କ ପାଇଁ ମାନବିକ ଓ ସମ୍ମାନଜନକ ବ୍ୟବସ୍ଥା କରାଯାଉ । ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ଆରାଧ୍ୟ ଦେବତା । ତାଙ୍କ ଦର୍ଶନ ଓ ବ୍ରତ ପାଳନ ପାଇଁ ଆସିଥିବା ମା'ମାନଙ୍କ ପ୍ରତି ଅବହେଳା କେବଳ ପ୍ରଶାସନିକ ଦାୟିତ୍ୱରେ ଅବହେଳା ନୁହେଁ, ଏହା ଏକ ଗୁରୁତର ମାନବିକ ଓ ଧାର୍ମିକ ପ୍ରସଙ୍ଗ । ବିଜୁ ଜନତା ଦଳ ହବିଷ୍ୟାଳୀ ମା'ମାନଙ୍କ ସହିତ ଦୃଢ଼ ଭାବେ ଠିଆ ହୋଇଛି ଏବଂ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଉଛି । ରାଜ୍ୟ ସରକାର ବିଳମ୍ବ ନକରି ହବିଷ୍ୟାଳୀ ମା'ମାନଙ୍କ ସମ୍ମାନ, ସୁରକ୍ଷା ଓ ଭକ୍ତିଭାବନାର ମର୍ଯ୍ୟାଦା ରକ୍ଷା କରନ୍ତୁ ।

ଧଳାକୋଟ୍ ରୋଗୀଙ୍କ ବିଶ୍ୱାସ ଓ ସେମାନଙ୍କ ପ୍ରତି ଦାୟିତ୍ୱର ପ୍ରତୀକ

ଭୁବନେଶ୍ୱର, (ସବ୍ୟୁ): ରୋଗୀଙ୍କ ଦାନ୍ତର ଚିକିତ୍ସା ପାଇଁ ଦକ୍ଷତା ଆବଶ୍ୟକ। କିନ୍ତୁ ରୋଗୀଙ୍କ ବିଶ୍ୱାସ ଜିତିବା ପାଇଁ ସମ୍ବେଦନଶୀଳତା ଓ କରୁଣା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଓ ଏମ୍‌ଡିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶନିବାର ଆୟୋଜିତ ଓରିଏଂଟେସନ୍ ଓ ହ୍ୱାଇଟ କୋଟ ସେରିମୋନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି କରିବା ଆବଶ୍ୟକ ବୋଲି ଶ୍ରୀମତି ଦାସ କହିଥିଲେ। କାର୍ଯ୍ୟକ୍ରମରେ ଆଇଡିଏସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର କାର୍ଯ୍ୟଧାରା



କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ। ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନସେସ୍ (ଆଇଡିଏସ୍)ର ୨୦୨୬ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ନବାଗତ ବିଡିଏସ୍ ଦାସ କହିଥିଲେ ଯେ ଧଳା କୋଟ୍ କେବଳ ଏକ ପୋଷାକ ନୁହେଁ, ଏହା ଜ୍ଞାନ, ଚିକିତ୍ସାଗତ ଦକ୍ଷତା, ସଚ୍ଚୋଟତା ଓ ମାନବିକତାର ପ୍ରତୀକ। ତେଣୁ ଛାତ୍ରଛାତ୍ରୀମାନେ ଏହି ଚିକିତ୍ସା ବୃତ୍ତିର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ରୋଗୀଙ୍କ ପ୍ରତି ଥିବା ଦାୟିତ୍ୱକୁ ନିଷ୍ଠାର ସହ ପାଳନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଇଡିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ଅଭିଜିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ଗାଥା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ହିପୋକ୍ରାଟିକ୍ ଶପଥ କରାଇଥିଲେ।

ସୋନୋମାମ୍ମୋଗ୍ରାଫି ଉପରେ ଉଷା ଡାଏଗ୍ନୋଷ୍ଟିକ ସେଣ୍ଟରରେ ଫ୍ଲାଟ୍ ୧୫% ରିହାତି

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଟଙ୍କପାଣି ରୋଡରେ କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ କୋଠା ଚଳିତ ଅକ୍ଟୋବରରେ ସ୍ତନ କର୍କଟ ସଚେତନତା ମାସ ପାଳନ କରିବାକୁ ଗୋଲାପି ରଙ୍ଗରେ ଶୋଭାପାଉଛି । ଆଦ୍ୟ ରୋଗ ନିରୂପଣ ଜୀବନ ବଞ୍ଚାଇଥାଏ ବୋଲି ଭୁବନେଶ୍ୱର ଜନସାଧାରଣଙ୍କୁ ସ୍ମରଣ କରାଇଦେବାକୁ ଏହି ଆଲୋକୀକରଣ ଏକ ଦୃଶ୍ୟମାନ ସ୍ମାରକ ହୋଇଛି । ଏହି ଅଭିଯାନ ସହିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ସୋନୋମାମ୍ମୋଗ୍ରାଫି ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରୁଛି, ଯାହା ସମଗ୍ର ସହରରେ ମହିଳାମାନଙ୍କ ନିମନ୍ତେ ସ୍ତନ କର୍କଟ ଯାଞ୍ଚକୁ ଅଧିକ ସୁଲଭ୍ୟ କରୁଛି । ଭାରତରେ ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ସବୁଠାରୁ ସାଧାରଣ ଅଟେ ଏବଂ ଅନେକ କ୍ଷେତ୍ରରେ ଏହା ବିଳମ୍ବିତ ପର୍ଯ୍ୟାୟରେ ନିରୂପଣ କରାଯାଇଥାଏ । ଆଦ୍ୟ ଅବସ୍ଥାରେ ଚିହ୍ନଟ କରାଗଲେ ଏହା ଯଥେଷ୍ଟ ଅଧିକ ଚିକିତ୍ସାଯୋଗ୍ୟ ଏବଂ ବଞ୍ଚିବା ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଥାଏ । ଅକ୍ଟୋବର ମାସ ବିଶ୍ୱବ୍ୟାପୀ ସ୍ତନ କର୍କଟ ସଚେତନତା ମାସ ଭାବରେ ପାଳନ କରାଯାଉଛି, ଏବଂ ଏହାର ପ୍ରତୀକ ଗୋଲାପୀ ରଙ୍ଗର ଫିତା ହୋଇଛି । କୋଠାକୁ ଗୋଲାପୀ ରଙ୍ଗର ଆଲୋକରେ ସଜାଇ କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ଜନସାଧାରଣଙ୍କ ଘର ଓ କାର୍ଯ୍ୟସ୍ଥଳ ଗୁଡ଼ିକରେ ଆତ୍ମ-ପରୀକ୍ଷଣ, ନିୟମିତ ଯାଞ୍ଚ ଏବଂ ସମୟୋଚିତ ଡାକ୍ତରୀ ପରାମର୍ଶ ସମ୍ପର୍କରେ ଆଲୋଚନା ଆରମ୍ଭ କରିବାକୁ ଆଶା ରଖିଛି ।

ଲଣ୍ଡନରେ ଦୁର୍ଗାପୂଜା : ଜସ୍ମିନଙ୍କ ଓଡିଶୀ ନୃତ୍ୟରେ ଦର୍ଶକ ଭାବମୋହିତ

ଭୁବନେଶ୍ୱର (ସବ୍ୟୁ): ବ୍ରିଟେନରେ ବସବାସ କରୁଥିବା ବଙ୍ଗାଳି ଭାଷାଭାସି ଓ ଭାରତୀୟ ସମୁଦାୟ ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ଉତ୍ସବରେ ଓଡିଶୀ ନୃତ୍ୟଶିଳ୍ପୀ ଶ୍ରୀମତୀ ଜସ୍ମିନ ଜେନା 'ଶିବ ତାଣ୍ଡବ' ନୃତ୍ୟ ପରିବେଷଣ କରି ଶତାଧିକ ଭାରତୀୟ ଓ ଲଣ୍ଡନ ବାସୀଙ୍କୁ ଆମୋହିତ କରିଛନ୍ତି । ଲଣ୍ଡନର ସାଉଥ୍ ରୁଇସ୍ଲିପ୍‌ସ୍ଥିତ ଗ୍ରାଣ୍ଟ ଭ୍ୟୁ ବାଙ୍କ୍ୱେଟିଂ ହଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରୀମତୀ ଜସ୍ମିନ ଜେନାଙ୍କ 'ଶିବ ତାଣ୍ଡବ' ନୃତ୍ୟ ପରିବେଷଣ ଭାରତୀୟ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ଏକ ସୁନ୍ଦର ଉପସ୍ଥାପନା ଥିଲା।



ଏହି ପରିବେଷଣ ମାଧ୍ୟମରେ ସେ ଓଡିଶୀ ନୃତ୍ୟକଳା ଓ ଆଧ୍ୟାତ୍ମିକ ଭାବଧାରାକୁ ପ୍ରତିଫଳିତ କରିଥିଲେ। ବିଦେଶ ମାଟିରେ ଦୁର୍ଗାପୂଜା ଭଳି ପର୍ବର ଆୟୋଜନ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ନିଜ ଦେଶର କଳା, ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଶ୍ରମତୀ ଜସ୍ମିନଙ୍କ ନୃତ୍ୟ ଜୀବନ ପାଇଁ ମାଆ ରଶ୍ମି ଜେନା ଓ ସ୍ୱାମୀ ଇଞ୍ଜିନିୟର ସତ୍ୟଜିତ ଦାସ ଓ ଓଡିଶୀ ନୃତ୍ୟଗୁରୁ ତଥା ଓଡ଼ିଆ ଅଧ୍ୟାପକ ଡ଼କ୍ଟର ଚିତ୍ତ ରଞ୍ଜନ ସାହାଣୀଙ୍କ ପ୍ରେରଣା ଓ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି ବୋଲି କୁହନ୍ତି।

ଆଇଏନ୍‌ଏସ୍ ମାଙ୍ଗରୋଲ ଦ୍ୱାରା ଭାରତୀୟ ନୌସେନାର

ସାମୁଦ୍ରିକ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରୁଛି ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସ୍ୱତନ୍ତ୍ର ଇସ୍ପାତ

ଭୁବନେଶ୍ୱର, (ସବ୍ୟୁ): ଭାରତ ଏହାର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରୁଥିବାବେଳେ, ଭାରତୀୟ ନୌସେନାର ତୃତୀୟ ମାହେ-ଶ୍ରେଣୀ ଆଣ୍ଟି-ସବମେରିନ୍ ୱାରଫେୟାର ଶ୍ୟାଲୋ ୱାଟର କ୍ରାଫ୍ଟ (ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି) ଆଇଏନ୍‌ଏସ୍ ମାଙ୍ଗରୋଲ କାର୍ଯ୍ୟକ୍ଷମ ହେବା ସହିତ ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଦେଶର ନୌସେନା ଆଧୁନିକୀକରଣ ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସ୍ୱତନ୍ତ୍ର ଇସ୍ପାତରେ ସମ୍ପୂର୍ଣ୍ଣ ଭାବେ ନିର୍ମିତ, ଆଇଏନ୍‌ଏସ୍ ମାଙ୍ଗରୋଲ କୁ ୧୨ ଅକ୍ଟୋବର ୨୦୨୬ ରେ ମୁମ୍ବାଇର ନୌସେନା ଡକୟାର୍ଡରେ ସେବାରେ ସାମିଲ କରାଯାଇଛି। ଏହି ସଫଳତା ଦେଶର ପ୍ରତିରକ୍ଷା ଉତ୍ପାଦନ ପ୍ରଣାଳୀ ଏବଂ ସାମୁଦ୍ରିକ ସୁରକ୍ଷା ଉଦ୍ଦେଶ୍ୟ ପାଇଁ ଆଧୁନିକ ଭାରତୀୟ ଇସ୍ପାତ ନିର୍ମାଣର ବର୍ଦ୍ଧିତ ଅବଦାନକୁ ଉଲ୍ଲେଖ କରୁଛି ।

ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି: "ଆଇଏନ୍‌ଏସ୍ ମାଙ୍ଗରୋଲର କାର୍ଯ୍ୟକ୍ଷମ ଭାରତର ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଆଧୁନିକ ନୌସେନା ପ୍ଲାଟଫର୍ମ ପାଇଁ ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତାର ସର୍ବୋଚ୍ଚ ମାନଦଣ୍ଡ ବିଶିଷ୍ଟ ସ୍ୱତନ୍ତ୍ର ଇସ୍ପାତର ଆବଶ୍ୟକତା ରହିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଇସ୍ପାତ, ଭାରତର ଉତ୍ପାଦନ କ୍ଷମତାର ଶକ୍ତି ପ୍ରଦର୍ଶନ କରିବା ସହିତ ଭାରତୀୟ ନୌସେନାର ଆଧୁନିକୀକରଣକୁ ସହାୟତା ଯୋଗଉଥିବାରୁ ଆମେ ଗର୍ବିତ। ଆଇଏନ୍‌ଏସ୍ ମାଙ୍ଗରୋଲ ହେଉଛି ତୃତୀୟ ମାହେ-କ୍ଲାସ୍ ଆଣ୍ଟି-ସବମେରିନ୍ ୱାରଫେୟାର ଶ୍ୟାଲୋ ୱାଟର କ୍ରାଫ୍ଟ (ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି) ଯାହାକୁ ଭାରତୀୟ ନୌସେନାରେ ନିୟୋଜିତ କରାଯାଇଛି। କୋଚିନ୍ ସିପୟାର୍ଡ ଲିମିଟେଡ୍‌ରେ ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ସହିତ ନିର୍ମିତ, ଏହି ଜାହାଜ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହିତ ଯୁଦ୍ଧଜାହାଜ ଡିଜାଇନ୍, ନିର୍ମାଣ ଏବଂ ପ୍ରଣାଳୀ ସମନ୍ୱୟରେ ଦେଶର ବର୍ଦ୍ଧିତ କ୍ଷମତାକୁ ପ୍ରଦର୍ଶିତ କରୁଛି। ଉପକୂଳ ଏବଂ କମ ଗଭୀର ଜଳରେ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଆଇଏନ୍‌ଏସ୍ ମାଙ୍ଗରୋଲ ଆଣ୍ଟି-ସବମେରିନ୍ ଯୁଦ୍ଧ, ପାଣି ତଳେ ନିରୀକ୍ଷଣ ଏବଂ କମ୍ ତୀବ୍ରତା ବିଶିଷ୍ଟ ସାମୁଦ୍ରିକ ଅଭିଯାନ, ଏବଂ ଖଣି ଯୁଦ୍ଧ ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ ସୁସଜ୍ଜିତ। ଜାହାଜର ଉନ୍ନତ ସେନ୍ସର, ସୋନାର ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଏହାର ପାଣି ତଳେ ବିପଦକୁ ଚିହ୍ନଟ, ନିରୀକ୍ଷଣ ଏବଂ ମୁକାବିଲା କରିବାର କ୍ଷମତାକୁ ବୃଦ୍ଧି କରିଥାଏ, ଯାହା ଭାରତୀୟ ନୌସେନାର ଉପକୂଳ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା କ୍ଷମତାକୁ ସୁଦୃଢ଼ କରୁଛି। ଭାରତୀୟ ନୌସେନା ପାଇଁ ନିର୍ମିତ ଆଠଟି ଏ ଏ ସ ଡ ବ୍ଲ୍ୟୁ- ଏ ସ ଡ ବ୍ଲ୍ୟୁ ସି ର ଫ୍ଲିଟ୍ ପାଇଁ ଆବଶ୍ୟକୀୟ ସ୍ୱତନ୍ତ୍ର ଇସ୍ପାତର ଶତ ପ୍ରତିଶତ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଯୋଗାଣ କରୁଛି। ଏହି କାର୍ଯ୍ୟକ୍ରମ ବ୍ୟତୀତ, କମ୍ପାନୀ ଆଇଏନ୍‌ଏସ୍ ବିଶାଖାପଟନମ୍, ଆଇଏନ୍‌ଏସ୍ ସୁରତ ଏବଂ ଆଇଏନ୍‌ଏସ୍ ମାଲଭାନ ଭଳି ପ୍ରମୁଖ ନୌସେନା ପ୍ଲାଟଫର୍ମ ପାଇଁ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ କରିଛି।

ସଂକଳ୍ପ ଖୋଲୁଛି ସୁଯୋଗର ଦ୍ୱାର, ସାହସ ଦେଉଛି ପରିବର୍ତ୍ତନକୁ ଗତି

ଓଡ଼ିଶାର ମହିଳାଙ୍କ ହାତରେ ନୂଆ ଭବିଷ୍ୟତର ଷ୍ଟିଅରିଂ

ଭୁବନେଶ୍ୱର, (ସବ୍ୟୁ): ମହିଳାଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲୁଥିବା ଜଣେ ପ୍ରଶାସକ ଏବଂ ସେହି ସୁଯୋଗକୁ ଆପଣାଇ ଆଗକୁ ବଢ଼ିବାର ସାହସ ଦେଖାଇଥିବା ଜଣେ ମହିଳା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ କେନ୍ଦୁଝରର ଜିଲ୍ଲାର ସୁଭଲକ୍ଷ୍ମୀ ମହାନନ୍ଦଙ୍କ ମଧ୍ୟରେ ସାକ୍ଷାତ କେବଳ ଏକ ଫଟୋଚିତ୍ରରେ ସୀମିତ ନୁହେଁ; ଏହା ଓଡ଼ିଶାର ପରିବହନ କ୍ଷେତ୍ରରେ ମହିଳା ସଶକ୍ତୀକରଣ ଓ ପରିବର୍ତ୍ତନର ଏକ ପ୍ରେରଣାଦାୟକ ଚିତ୍ର। ଓଡ଼ିଶାର ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳିକା ଭାବେ ପରିଚିତ ସୁଭଲକ୍ଷ୍ମୀଙ୍କ ଯାତ୍ରା ପ୍ରତିଷ୍ଠାନଗତ ସଂକଳ୍ପ ଓ ବ୍ୟକ୍ତିଗତ ସାହସର ଏକ ଉତ୍କୃଷ୍ଟ ଉଦାହରଣ । ଉପଯୁକ୍ତ ନୀତି, ପ୍ରଶିକ୍ଷଣ ଓ ନିରନ୍ତର ସହଯୋଗ ମାଧ୍ୟମରେ ମହିଳାମାନେ କିପରି ପାରମ୍ପରିକ ଧାରଣାକୁ ଅତିକ୍ରମ କରି ନୂଆ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରନ୍ତି, ତାହା ତାଙ୍କ ଅଭିଜ୍ଞତାରୁ ସ୍ପଷ୍ଟ ହୁଏ । ଭୁବନେଶ୍ୱରରେ ଆୟୋଜିତ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ ଏବଂ



ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀର ପରିପ୍ରେକ୍ଷୀରେ ଏହି ସାକ୍ଷାତର ବିଶେଷ ଗୁରୁତ୍ୱ ରହିଛି। ପୂର୍ବ ଭାରତରେ ପ୍ରଥମ ଥର ପାଇଁ ୟୁଏମ୍‌ଆଇ ଆୟୋଜନ କରି ଓଡ଼ିଶା ସୁଗମ ପରିବହନ, ସମାବେଶୀ ବିକାଶ ଓ ବାସଯୋଗ୍ୟ ସହର ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିଛି ।

କେନ୍ଦୁଝରରୁ ଆସି 'ଆମ ବସ୍'ର ଚାଳକ ଆସନରେ ବସିବା ପର୍ଯ୍ୟନ୍ତ ସୁଭଲକ୍ଷ୍ମୀଙ୍କ ଯାତ୍ରା ଅନେକ ଯୁବତୀଙ୍କ ପାଇଁ ପ୍ରେରଣା । ଯେଉଁ ବୃତ୍ତି ଏକଦା ମହିଳାଙ୍କ ପାଇଁ ଅସାଧାରଣ ବୋଲି ବିବେଚିତ ହେଉଥିଲା, ଆଜି ତାହା ଏକ ସମ୍ଭାବ୍ୟ କ୍ୟାରିୟର ଭାବେ ଉଭା ହେଉଛି । ତାଙ୍କର ପ୍ରତ୍ୟେକ ଯାତ୍ରା ଏହି ବାର୍ତ୍ତା ଦେଉଛି ଯେ ମହିଳାମାନେ ସାର୍ବଜନୀନ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ମଧ୍ୟ ନେତୃତ୍ୱ ନେବା ସହ ନିଜର ଦକ୍ଷତା ପ୍ରମାଣ କରିପାରିବେ । ପରିବହନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ କ୍ରୁଟ୍ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଭାରୀ ମୋଟର ଯାନ ଚାଳନା ଲାଇସେନ୍ସ ଥିବା ୨୦ ଜଣ ମହିଳାଙ୍କୁ ଉନ୍ନତ ଇଲେକ୍ଟ୍ରିକ୍ ବସ୍ ଚାଳନା ପ୍ରଶିକ୍ଷଣ ପ୍ରଦାନ ଏହାର ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହି ଲକ୍ଷ୍ୟକୁ ଆହୁରି ବ୍ୟାପକ କରିବା ପାଇଁ 'ଆତ୍ମନିର୍ଭର ମହିଳା ସୁବାହକ' ଯୋଜନାର ପରିକଳ୍ପନା କରାଯାଇଛି । ଶ୍ରୀମତୀ ଉଷା ପାଢ଼ୀ ଓ ସୁଭଲକ୍ଷ୍ମୀ ମହାନନ୍ଦଙ୍କ ଏହି ସାକ୍ଷାତ ଏହି ଦୃଷ୍ଟିକୋଣକୁ ଜୀବନ୍ତ ରୂପ ଦେଇଛି । ଜଣେ ମହିଳା ଯେତେବେଳେ ବସ୍‌ର ଚାଳକ ଆସନରେ ବସନ୍ତି, ସେତେବେଳେ ତାଙ୍କ ପଛରେ ରହିଥାଏ ଏକ ସ୍ପଷ୍ଟ ସୁଯୋଗ, ଅର୍ଜିତ ଦକ୍ଷତା, ପ୍ରତିଷ୍ଠାନଗତ ସହଯୋଗ ଓ ପ୍ରଥମ ପଦକ୍ଷେପ ନେବାର ସାହସ। ସୁଭଲକ୍ଷ୍ମୀଙ୍କ ଯାତ୍ରା ଆଗାମୀ ଦିନରେ ଆହୁରି ଅନେକ ମହିଳାଙ୍କୁ ନିଜ ସ୍ୱପ୍ନ ପୂରଣ କରିବା ଏବଂ ନୂଆ କ୍ଷେତ୍ରରେ ଆଗେଇ ଆସିବାକୁ ପ୍ରେରଣା ଦେବ ।

୧୨ତମ ବ୍ରିକ୍ସ ସଂସଦୀୟ ଫୋରମ ଉଦ୍‌ଘାଟିତ

ଜନକୈନ୍ଦ୍ରିକ ବିକାଶ ପାଇଁ ସଂସଦକୁ ସଶକ୍ତ କରିବା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, : ଲୋକସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ନୂଆଦିଲ୍ଲୀସ୍ଥିତ ସଂସଦ ଭବନ ପରିସରର ଐତିହାସିକ ସମ୍ବିଧାନ ସଦନରେ ୧୨ତମ ବ୍ରିକ୍ସ ସଂସଦୀୟ ଫୋରମ୍-୨୦୨୬ର ଉଦ୍ଘାଟନ କରିଛନ୍ତି। ଜନକୈନ୍ଦ୍ରିକ ବିକାଶ, ବିଶ୍ୱ ଶାନ୍ତି, ସ୍ଥିରତା ଓ ଅନ୍ତର୍ଜାତୀୟ ସହଯୋଗ ପାଇଁ ସାମୂହିକ ପ୍ରୟାସକୁ ସୁଦୃଢ଼ କରିବାକୁ ସେ ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ସଂସଦକୁ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ସର୍ବସମ୍ମତିକ୍ରମେ ମିଳିତ ଘୋଷଣାନାମା ଗୃହୀତ



ହେବାକୁ ସେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଅଭିହିତ କରିଛନ୍ତି। ଏହି ଘୋଷଣାନାମାର ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବ କାର୍ଯ୍ୟରେ ପରିଣତ କରିବାରେ ସଂସଦଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି।'ଜନକୈନ୍ଦ୍ରିକ ବିକାଶ ପାଇଁ ସଂସଦକୁ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଆଧାରିତ ଏହି ଦୁଇଦିନିଆ ଫୋରମରେ ସ୍ଥିରତା, ନବସୃଜନ, ସହଯୋଗ ଓ ନିରନ୍ତର ବିକାଶ ଭଳି ଚାରିଟି ପ୍ରମୁଖ ବିଷୟ ଉପରେ ଆଲୋଚନା ହେବ।ବିଶ୍ୱର ବିଭିନ୍ନ ସଂଘର୍ଷ, ଆର୍ଥିକ ଅସ୍ଥିରତା, ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନ ଭଳି ଆହ୍ୱାନର ମୁକାବିଲା ପାଇଁ ସଂସଦୀୟ କୂଟନୀତି, ପାରସ୍ପରିକ ବିଶ୍ୱାସ ଓ ସହଯୋଗ ଜରୁରୀ ବୋଲି ଶ୍ରୀ ବିର୍ଲା ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଯୁବପିଢ଼ିଙ୍କ ଆକାଂକ୍ଷା ପୂରଣ, ପରିବେଶ ସୁରକ୍ଷା ସହ ବିକାଶ ଏବଂ ବିଶ୍ୱ ଦକ୍ଷିଣର ସ୍ୱରକୁ ଅଧିକ ଗୁରୁତ୍ୱ ଦେବା ଉପରେ ସେ ଜୋର୍ ଦେଇଛନ୍ତି।ଏହି ଅବସରରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ମଧ୍ୟ ଉଦ୍ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇଥିଲେ।

କଣ୍ଟେନର ଜାହାଜକୁ ଧକ୍କା ଦେଲା କ୍ରୁଜ୍

ଅଳ୍ପକେ ବର୍ତ୍ତିଲା ୩,୩୫୦ ଯାତ୍ରୀ

ବର୍ଲିନ୍ : ଜର୍ମାନର ବ୍ରେମରହାଫେନ୍ ବନ୍ଦରରୁ ସ୍ପାନିସ୍ କାନାରି ଦ୍ୱୀପପୁଞ୍ଜକୁ ୨୦ ଦିନିଆ ଯାତ୍ରା କରୁଥିବା ବିଳାସପୂର୍ଣ୍ଣ କ୍ରୁଜ୍ ଜାହାଜ ମେନ୍ ସ୍କିଫ୍-୩ ଯାତ୍ରା ଆରମ୍ଭ କରିବାର ପ୍ରାୟ ୨୦ ମିନିଟ୍ ପରେ ଲଙ୍ଗର ପକାଇଥିବା କଣ୍ଟେନର ଜାହାଜ ଏମଏସସି ଭିକ୍ଟୋରିନ୍ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣା ସମୟରେ କ୍ରୁଜ୍ ଜାହାଜରେ ମୋଟ ୩,୩୫୦ ଜଣ ଲୋକ ଥିଲେ। ସେମାନଙ୍କ ମଧ୍ୟରେ ୨,୪୨୮ ଯାତ୍ରୀ ଏବଂ ୯୨୨ ଜଣ କ୍ରୁ ସଦସ୍ୟ। କ୍ରୁଜ୍ ଜାହାଜକୁ ବନ୍ଦରକୁ ଫେରାଇ ଅଣାଯାଇଥିଲା। ପ୍ରବଳ ପବନ ଏବଂ ପ୍ରତିକୂଳ ପାଗ ମଧ୍ୟରେ ଯାତ୍ରା କରୁଥିବା ଏକ ବିଳାସପୂର୍ଣ୍ଣ କ୍ରୁଜ୍ ଜାହାଜ ଏକ କଣ୍ଟେନର ଜାହାଜ ସହିତ ଧକ୍କା ହୋଇଥିଲା। ଧକ୍କା



ଏତେ ଭୟଙ୍କର ଥିଲା ଯେ କ୍ରୁଜ୍ ଜାହାଜର ଅନେକ ଲାଇଫବୋଟ୍ କ୍ଷତିଗ୍ରସ୍ତ ହୋଇଥିଲା। ରିପୋର୍ଟ ଅନୁଯାୟୀ କଣ୍ଟେନର ଜାହାଜର ହୁଲ୍ର ବହୁ କ୍ଷତି ହୋଇଛି। ଆଶ୍ୱସ୍ତିର ବିଷୟ ଯେ ଏଥିରେ ଥିବା କେହି ଆହତ ହୋଇ ନାହାନ୍ତି। ଜାହାଜଟି ଟାଇଟାନିକ୍ ପରି ବୁଡ଼ିବାରୁ ରକ୍ଷା ପାଇଯାଇଛି। ଟାଇଟାନିକ୍ ମଧ୍ୟ ଯାତ୍ରା ସମୟରେ ଏକ ବରଫଖଣ୍ଡ ସହିତ ଧକ୍କା ହୋଇଥିଲା।

ରାହୁଲଙ୍କ ସୁରକ୍ଷା ଗାଡ଼ି ଦୁର୍ଘଟଣା ଗ୍ରସ୍ତ

ତଦନ୍ତ କରିବ ଏସ୍ଆଇଟି

ଲକ୍ଷ୍ନୌ : ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ରାହୁଲ ଗାନ୍ଧୀଙ୍କ ସୁରକ୍ଷା ଦଳ ଗାଡି ଦୁର୍ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶରେ ଉତ୍ତର ପ୍ରଦେଶ ପୁଲିସ କରାଯାଇଛି। ଅତିରିକ୍ତ ପୁଲିସ ଅଧିକ୍ଷକ ବ୍ରଜ ନାରାୟଣ ସିଂହ ଏବଂ ସିଓ ଟ୍ରାଫିକ୍ ରାମ କୃଷ୍ଣ ଚତୁର୍ବେଦୀ ଏସଆଇଟି ତଦନ୍ତ ଦଳର ସଦସ୍ୟ ରହିଛନ୍ତି। ଦୁର୍ଘଟଣାର କାରଣ, ପରିସ୍ଥିତି ଏବଂ ସମ୍ଭାବ୍ୟ ଅବହେଳା ସମ୍ପର୍କରେ ଏସଆଇଟି ଦଳ ବିସ୍ତୃତ



ମୁଖ୍ୟାଳୟ ଏହି ନିଷ୍ପତ୍ତି ନେଇଛି। ରାହୁଲ ଗାନ୍ଧୀଙ୍କ ସୁଲତାନପୁର ଗସ୍ତ ସମୟରେ ତାଙ୍କ ସୁରକ୍ଷା ଦଳ ଗାଡି ପଛରେ ଥିବା ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାର ତଦନ୍ତ ପାଇଁ ଲକ୍ଷ୍ନୌ ରେଞ୍ଜ ଆଇଜି କିରଣ ଏସ.ଙ୍କୁ ସ୍ୱତନ୍ତ୍ର ତଦନ୍ତ ଦଳର ମୁଖ୍ୟ ନିଯୁକ୍ତ ତଦନ୍ତ କରିବ। ତଦନ୍ତରେ ସୁରକ୍ଷା, ଏସ୍କର୍ଟ ବ୍ୟବସ୍ଥା ଏବଂ ଟ୍ରାଫିକ୍ ପରିଚାଳନାରେ କୌଣସି ତ୍ରୁଟି ରହିଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯିବ। ଏସଆଇଟିକୁ ଯଥାଶୀଘ୍ର ପୁଲିସ ମୁଖ୍ୟାଳୟକୁ ଏକ ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଖଡଗେଙ୍କ ବିବାଦୀୟ ମନ୍ତବ୍ୟ ବିରୋଧରେ ବିଜେପିର ପ୍ରତିବାଦ ସମାବେଶ

ନୂଆଦିଲ୍ଲୀ : କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବିବାଦୀୟ ମନ୍ତବ୍ୟ ବିରୋଧରେ କ୍ଷମାପ୍ରାର୍ଥନା ଦାବିରେ ଭାରତୀୟ ଜନତା ପାର୍ଟି (ବିଜେପି)ର କର୍ମୀ ସୋମବାର ଦେଶର ବିଭିନ୍ନ ସ୍ଥାନରେ ପ୍ରତିବାଦ କରିଛନ୍ତି। ଦିଲ୍ଲୀ, ବିହାର, ଲକ୍ଷ୍ନୌ, ଜମ୍ମୁ ଓ ବେଙ୍ଗାଲୁରୁରେ ପ୍ରତିବାଦ କରିବା ସହିତ ଖଡ଼ଗେଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବିହାରର ରାଜଧାନୀ ପାଟନାଠାରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଷଣ ଦେବା ସମୟରେ ଖଡ଼ଗେ ହଠାତ୍ ରାଗିଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ମୋଦୀ ଶାସନ ଗାଦିରୁ କୁଆଡ଼େ ଯିବେ ନାହିଁ ବୋଲି ସଭାରେ ଉପସ୍ଥିତ ଜଣେ ବ୍ୟକ୍ତି କହିବାରୁ ଖଡ଼ଗେ କହିଥିଲେ, 'ମୋଦୀଙ୍କ ବାପା ବି ଯିବେ'। ଏହି ପ୍ରସଙ୍ଗରେ ବେଙ୍ଗାଲୁରୁର ଫ୍ରିଡମ ପାର୍କରେ ବିଜେପି ନେତା ଓ କର୍ମୀ ପ୍ରତିବାଦ କରିବା ସହିତ ଖଡ଼ଗେଙ୍କଠାରୁ ନିସର୍ତ୍ତ କ୍ଷମା ଦାବି କରିଥିଲେ। ବିକ୍ଷୋଭ ସମୟରେ ପୁଲିସ କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ନେତା ଆର୍.ଅଶୋକ ଓ ପୂର୍ବତନ ମନ୍ତ୍ରୀ ସିଏନ୍ ଅଶ୍ୱଥ ନାରାୟଣଙ୍କ ସମେତ ଅନେକ ବିଜେପି ନେତାଙ୍କୁ ଅଟକ ରଖିଛି।



ପାଟନାରେ ବିହାର ବିଜେପି ସଭାପତି ସଞ୍ଜୟ ସରାଓଗୀଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ 'ଜନ ଆକ୍ରୋଶ ମାର୍ଚ୍ଚ' ବାହାର କରିଥିଲେ। ପ୍ରତିବାଦକାରୀମାନେ ଖଡ଼ଗେଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜମ୍ମୁରେ ବିଜେପି ଖଡ଼ଗେ ଓ କଂଗ୍ରେସ ବିରୋଧରେ ସ୍ଲୋଗାନ ଦେବା ସହିତ ଡୋଗ୍ରା ଚୌକଠାରେ ପ୍ରତିବାଦ କରିଛି। ବିଜେପି ବିଧାୟକ ଶଗୁନ ପରିହାର ଓ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଜମ୍ମୁ-କାଶ୍ମୀର ସଭାପତି ଅରୁଣ ପ୍ରଭାତଙ୍କ ନେତୃତ୍ୱରେ, ପ୍ରଦର୍ଶନକାରୀମାନେ ଖଡ଼ଗେ ଓ ରାହୁଲ ଗାନ୍ଧୀଙ୍କ ପୋଷ୍ଟର ପୋଡ଼ିବା ସହିତ ରାସ୍ତାରେ ଧାରଣା ଦେଇଥିଲେ। ସାମ୍ବା, କଠୁଆ, ପୁଞ୍ଚ, ଉଧମପୁର, ରାଜୌରୀ, ଡୋଡା, କିସ୍ତୱାଡ଼ ଓ ରିଆସି ଜିଲ୍ଲାରେ ମଧ୍ୟ ପ୍ରତିବାଦ କରିଛନ୍ତି। ଖଡ଼ଗେଙ୍କ ମନ୍ତବ୍ୟ ବିରୋଧରେ ବିଜେପି ଦିଲ୍ଲୀ ଓ ଲକ୍ଷ୍ନୌରେ ପ୍ରଦର୍ଶନ କରିଥିଲା। ବିଜେପିର ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ କଂଗ୍ରେସ ନେତୃତ୍ୱ ଉପରେ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ବିରୋଧୀ ଦଳ ସମ୍ପୂର୍ଣ୍ଣ ଭାବରେ ଦେବାଳିଆ ମାନସିକତାରେ କାର୍ଯ୍ୟ କରୁଛି, ଯେଉଁଠାରେ ଅସମ୍ମାନଜନକ ଭାଷା ବ୍ୟବହାର ଏକ ରାଜନୈତିକ ପରମ୍ପରା ପାଲଟିଛି। ଦିଲ୍ଲୀରେ ବିଜେପି ନେତା ଓ କର୍ମୀ ଖଡ଼ଗେଙ୍କ ବାସଭବନ ବାହାରେ ପ୍ରତିବାଦ କରିବାକୁ ସହିତ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ପ୍ରତିବାଦ କରିବା ସମୟରେ ଦିଲ୍ଲୀ ବିଜେପି ସଭାପତି ହର୍ଷ ମାଲହୋତ୍ରା ଓ ଅନ୍ୟ ନେତାଙ୍କୁ ପୁଲିସ ଅଟକ ରଖିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେ ଗୌଡା ଏହି ପ୍ରସଙ୍ଗରେ କୌଣସି ମନ୍ତବ୍ୟ ରଖିବାକୁ ମନା କରିଦେଇଛନ୍ତି। ତେବେ କଂଗ୍ରେସ ଏହାର ସଭାପତିଙ୍କ ସମର୍ଥନରେ ବାହାରିଛି। କଂଗ୍ରେସ ନେତା ପବନ ଖେଡ଼ା କହିଛନ୍ତି ଯେ, ଖଡ଼ଗେ ଆର୍ଏସ୍ଏସକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଦର୍ଶଗତ ପିତା ବୋଲି କହୁଛନ୍ତି। ଆର୍ଜେଡି ନେତା ଭାଇ ବୀରେନ୍ଦ୍ର ମଧ୍ୟ ଖଡ଼ଗେଙ୍କ ସପକ୍ଷରେ କହିଛନ୍ତି। ଖଡ଼ଗେଙ୍କ ମନ୍ତବ୍ୟକୁ ଏମିତି ପାଟିରୁ ବାହାରି ଯାଇଥିଲା ବୋଲି ବର୍ଣ୍ଣନା କରିଛନ୍ତି ଓ କହିଛନ୍ତି ଯେ ତାଙ୍କୁ କ୍ଷମା ମାଗିବାର ଆବଶ୍ୟକତା ନାହିଁ। କଂଗ୍ରେସ ସାଂସଦ ଶଶି ଥରୁର୍ କହିଛନ୍ତି, ମୁଁ ଭାବୁଛି ଆମ ଦେଶର ଲୋକମାନେ ସବୁ କଥାକୁ ଅତିରଞ୍ଜିତ କରିବାର ଅଭ୍ୟାସ ରଖିଛନ୍ତି। ଖଡ଼ଗେ କାହାକୁ ଅପମାନ କରିବାକୁ ନୁହେଁ, ଏମିତି ଏକ ସାଧାରଣ ପରିପ୍ରକାଶ କରିଥିଲେ, ଯାହାକୁ ନେଇ ଏତେ ପ୍ରତିକ୍ରିୟାଶୀଳ ହେବାର କୌଣସି ଆବଶ୍ୟକତା ନାହିଁ।

ଅଯୋଧ୍ୟାରେ ବଦଳିଯିବ ରାମଲଲାଙ୍କ ଦର୍ଶନ ସମୟ

ଲକ୍ଷ୍ନୌ:ଉତ୍ତର ଭାରତରେ ଶୀତର ଆଗମନ ଏବଂ ପାଣିପାଗରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ରାମଲଲାଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ, ପୂଜାପଦ୍ଧତି, ଭୋଗ ଏବଂ ଦର୍ଶନ ସମୟରେ ବଡ଼ ପରିବର୍ତ୍ତନ କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଅନୁଯାୟୀ, ୨୦୨୬ ନଭେମ୍ବର ୧ ତାରିଖରୁ ନୂଆ ବ୍ୟବସ୍ଥା ଲାଗୁ ହେବ। ନୂଆ ସମୟସୂଚୀ ଅନୁସାରେ, ମନ୍ଦିରର ଦ୍ୱାର ସକାଳ ୪ଟାରେ ଖୋଲିବ ଏବଂ ରାତି ୧୦ଟାରେ ଶୟନ ଆଳତି ପରେ ବନ୍ଦ ହେବ। ଏହା ସହିତ ମଙ୍ଗଳା ଆଳତି, ଶୃଙ୍ଗାର ଆଳତି ଓ ଶୟନ ଆଳତିର ସମୟ ମଧ୍ୟ ବଦଳିବ।ଟ୍ରଷ୍ଟର ସମାଚାର ପ୍ରବନ୍ଧକ ସୁଭାଷ ଚନ୍ଦ୍ର ସିଂହ ଏବଂ ଅର୍ଚ୍ଚକ ପ୍ରମୁଖ ଆଚାର୍ଯ୍ୟ କେଶବଙ୍କ ଅନୁସାରେ, ଶୀତ ଋତୁକୁ ଦୃଷ୍ଟିରେ ରଖି ରାମଲଲାଙ୍କ ଶୟନ ଅର୍ଥାତ୍ ବିଶ୍ରାମ ସମୟ ପ୍ରାୟ ଏକ ଘଣ୍ଟା ବଢ଼ାଯାଇଛି। ଏବେ ରାତି ୧୦ଟାରେ ମନ୍ଦିରର ଦ୍ୱାର ବନ୍ଦ ହେବ ଏବଂ ସାଧାରଣ ଭକ୍ତଙ୍କ ପାଇଁ ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ।

ନର୍ଥ ବ୍ଲକରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ : ଦିଲ୍ଲୀର ରାଷ୍ଟ୍ରପତି ଭବନର ଠିକ୍ ସମ୍ମୁଖରେ ଥିବା ଏକ ପ୍ରମୁଖ ସରକାରୀ କୋଠା ନର୍ଥ ବ୍ଲକରେ ଅଗ୍ନିକାଣ୍ଡ ଘଟିଛି। ଦିଲ୍ଲୀ ଅଗ୍ନିଶମ ସେବା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ସମୟରେ ଫୋନ୍ ଆସିଥିଲା, ତା'ପରେ ଛଅଟି ଦମକଳ ଗାଡି ପଠାଯାଇଥିଲା। ଅଧିକାରୀଙ୍କ ଅନୁସାରେ, କୋଠାରେ ସାମାନ୍ୟ ମରାମତି କାର୍ଯ୍ୟ ସମୟରେ ଏକ ଛୋଟ ଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ସେବା ସଂସ୍ଥା କହିଛି ଯେ, ନିଆଁ ଲିଭାଇ ଦିଆଯାଇଛି। ନର୍ଥ ବ୍ଲକ ହେଉଛି ନୂଆଦିଲ୍ଲୀର ଦୁଇଟି ଐତିହାସିକ ପ୍ରଶାସନିକ କୋଠା ମଧ୍ୟରୁ ଗୋଟିଏ ଯାହା ରାଇସିନା ହିଲ୍ରେ ସଚିବାଳୟ କୋଠା ଗଠନ କରିଥାଏ।ଶିବସେନା ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରା ସୋସିଆଲ ମିଡିଆ ଏକ୍ସରେ ଅଗ୍ନିକାଣ୍ଡର ଏକ ଫଟୋ ସେୟାର କରିଛନ୍ତି। ସେ ଲେଖିଛନ୍ତି,ସଂସଦକୁ ଯିବା ବାଟରେ ମୁଁ ନର୍ଥ ବ୍ଲକରୁ ଧୂଆଁ ଉଠୁଥିବାର ଦେଖିଲି। ଲାଗୁଛି ସେଠାରେ ନିଆଁ ଲାଗିଛି। ମୁଁ ଆଶା କରୁଛି ସମସ୍ତେ ସୁରକ୍ଷିତ ଥିବେ।

ଲୁଲା ପୁଣି ବ୍ରାଜିଲ ରାଷ୍ଟ୍ରପତି

ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ

ବ୍ରାସିଲିଆ/ନୂଆଦିଲ୍ଲୀ : ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋର ବିରୋଧୀ ବ୍ରାଜିଲ ନିର୍ବାଚନରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ବ୍ରାଜିଲର ନିର୍ବାଚନ କର୍ତ୍ତୃପକ୍ଷ ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କୁ ରାଷ୍ଟ୍ରପତି ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟର ବିଜୟୀ ଘୋଷଣା କରିଛନ୍ତି। ଏହି ବିଜୟ ସହିତ ଲୁଲା ସେନେଟର ଫ୍ଲାଭିଓ ବୋଲସୋନାରୋଙ୍କୁ ପରାସ୍ତ କରି ଦେଶରେ ଚତୁର୍ଥ ଥର ପାଇଁ କ୍ଷମତା ଗ୍ରହଣ କରିବାକୁ ଯାଉଛନ୍ତି। ବ୍ରାଜିଲର ନିର୍ବାଚନ କର୍ତ୍ତୃପକ୍ଷ ଫଳାଫଳକୁ ନିଶ୍ଚିତ କରିଛନ୍ତି। ଏହି ବିଜୟ ଐତିହାସିକ ବୋଲି କହିଛନ୍ତି। କାରଣ ୧୯୮୫ରେ ସାମରିକ ଏକଛତ୍ରବାଦର ଅନ୍ତ ପରେ ପ୍ରଥମ ଥର ପାଇଁ ଜଣେ ପ୍ରାର୍ଥୀ ପ୍ରଥମ ପର୍ଯ୍ୟାୟରେ ପଛରେ ପଡ଼ିବା ସତ୍ତ୍ୱେ ରାଷ୍ଟ୍ରପତି ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ସଫଳତାର ସହ ବିଜୟୀ ହୋଇଛନ୍ତି। ଏହି ଫଳାଫଳ ଲାଟିନ୍ ଆମେରିକାର ସର୍ବବୃହତ



ଅର୍ଥନୀତିରେ ବାମପନ୍ଥୀ ନେତୃତ୍ୱ ଅକ୍ଷୁର୍ଣ୍ଣ ରହିବ ବୋଲି ନିଶ୍ଚିତ କରିବ। ଅକ୍ଟୋବର ୪ ତାରିଖରେ ପ୍ରଥମ ପର୍ଯ୍ୟାୟ ଗଣନାରେ ଲୁଲା ଫ୍ଲାଭିଓଙ୍କଠାରୁ ପ୍ରାୟ ୨.୨ ନିୟୁତ ଭୋଟରେ ପଛରେ ଥିଲେ। ଏହା ପରେ ସେ ତାଙ୍କ ପ୍ରଚାରକୁ ପୁନର୍ଗଠିତ କଲେ ଏବଂ ଯୁବପିଢ଼ି ସମେତ ଅନିଶ୍ଚିତ ଭୋଟରଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କଲେ। ସେ ବାରମ୍ବାର ରାଲି କରିଥିଲେ, ବହୁ ଜନସମାବେଶକୁ ଆକର୍ଷିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲର ରାଷ୍ଟ୍ରପତି ଲୁଲା ଡା ସିଲଭାଙ୍କୁ ତାଙ୍କର ବିପୁଳ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ମୋର ପ୍ରିୟ ବନ୍ଧୁ ରାଷ୍ଟ୍ରପତି ଲୁଲାଙ୍କୁ ତାଙ୍କର ପୁଣି ଥରେ ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ। ଭାରତ-ବ୍ରାଜିଲ ବହୁମୁଖୀ ରଣନୈତିକ ସହଭାଗୀତାକୁ ଆହୁରି ଗଭୀର ଏବଂ ବିସ୍ତାର କରିବା ପାଇଁ ମୁଁ ତାଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ଅପେକ୍ଷା କରିଛି।

ପିକ୍‌ଅପ୍ ଭ୍ୟାନରୁ ମିଳିଲା ନଗଦ ୪ କୋଟି

ରାୟପୁର : ପିକ୍ଅପ୍ ଭ୍ୟାନରୁ ମିଳିଛି ପୁଳାପୁଳା ଟଙ୍କା। ସିକ୍ରେଟ ଚ୍ୟାମ୍ବରରେ ଚାଲାଣ ହେଉଥିଲା ନଗଦ ଟଙ୍କା। ହେଲେ ଛତିଶଗଡ଼ର ଦୁର୍ଗ ଅନ୍ତର୍ଗତ ଖୁରସିପର ଅଞ୍ଚଳରେ ଚାଲିଥିବା ଯାଞ୍ଚ ବେଳେ ପୁଲିସ୍ ସବୁ ଖେଳରେ ପାଣି ପକାଇ ଦେଇଛି। ଭ୍ୟାନରେ ଅତ୍ୟନ୍ତ ଗୁପ୍ତ ଭାବେ ଚାଲାଣ ହେଉଥିବା ନଗଦ ୪ କୋଟି ଟଙ୍କାକୁ ପୁଲିସ୍ ଜବତ କରିଛି। ଗୋଟିଏ ଧଳା ପିକଅପ୍ ଭ୍ୟାନରେ ବିପୁଳ ପରିମାଣର ଟଙ୍କା ଚାଲାଣ ହେଉଥିବା ପୁଲିସକୁ ମିଳିଥିଲା ଖବର। ଏହି ଖବର ପରେ ଖୁରସିପର ଅଞ୍ଚଳରେ ପୁଲିସ୍ ଆରମ୍ଭ କରିଥିଲା ଯାଞ୍ଚ। ଏହି ସମୟରେ ପୁଲିସର ନଜର ଗୋଟିଏ ଧଳା ପିକଅପ ଭ୍ୟାନ ଉପରେ ପଡ଼ିଥିଲା।ଏହି ଗାଡ଼ିରେ କେବଳ ଜଣେ ଡ୍ରାଇଭର ଓ ଆଉ ଜଣେ ବ୍ୟକ୍ତି ରହିଥିଲେ। ଗାଡ଼ିଟି ସଂପୂର୍ଣ୍ଣ ଖାଲିଥିବା ପୁଲିସ୍ ପ୍ରଥମେ ଦେଖିବାକୁ ପାଇଥିଲା। ହେଲେ ଭଲ ଭାବେ ଯାଞ୍ଚ କରିବାରୁ ଗାଡ଼ିର ପଛ ପଟରେ ଦେଖିବାକୁ ମିଳିଥିଲା ଗୋଟିଏ ସ୍ୱତନ୍ତ୍ର ଚ୍ୟାମ୍ବର।ପୁଲିସ୍ ଏହି ଚ୍ୟାମ୍ବରକୁ ଖୋଲିବା ମାତ୍ରେ ପୂରା ହତବାକ ହୋଇ ଯାଇଥିଲା। କାରଣ ଜରି ଭିତରେ ରହିଥିଲା ବଣ୍ଡଲ ବଣ୍ଡଲ ଟଙ୍କା। ପ୍ରାୟ ୪ କୋଟି ନଗଦ ଟଙ୍କାକୁ ଚ୍ୟାମ୍ବର ମଧ୍ୟ ଚାଲାଣ କରାଯାଇଥିବା ଜଣାପଡ଼ିବା ପରେ ପୁଲିସ୍ ସେଗୁଡ଼ିକୁ ଜବତ କରିଛି।

ରୁଷରେ ଉପରେ ୟୁକ୍ରେନର ଡ୍ରୋନ୍ ହମଲା

୨ ମୃତ, ୧୭ ଆହତ, ଟ୍ରେନ୍ ସେବା ପ୍ରଭାବିତ

ମସ୍କୋ : ରୁଷର ଭୋରୋନେଜ୍ ଅଞ୍ଚଳରେ ୟୁକ୍ରେନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଶିଶୁ ସମେତ ୧୭ ଜଣ ଆହତ ହୋଇଛନ୍ତି। କାମ କରୁଛନ୍ତି। ରୁଷ ରେଳବାଇ ଅନୁଯାୟୀ, କ୍ରାସନୋଡାର ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସହର ଆନାପାରୁ ରାଜଧାନୀ ମସ୍କୋ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍



ଭୋରୋନେଜ୍ ରାଜ୍ୟପାଳ ଆଲେକଜାଣ୍ଡାର ଗୁସେଭ୍ ଆକ୍ରମଣକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଅଞ୍ଚଳରେ ୧୧୩ଟି ୟୁକ୍ରେନ ଡ୍ରୋନ୍ ଖସାଇ ଦେଇଛି।ଗୁସେଭ ଏକ ମେସେଜିଂ ଆପ୍ରେ ସୂଚନା ସେୟାର କରି କହିଛନ୍ତି ଯେ, ରାତିସାରା ଆକ୍ରମଣ ସମୟରେ ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା। ଡ୍ରୋନର ଭଗ୍ନାବଶେଷ ପଡ଼ିବା ଯୋଗୁଁ ନେକ ଶିଳ୍ପ ଅଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ଏବଂ ଜରୁରୀକାଳୀନ ଦଳ ମଧ୍ୟ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଟ୍ରେନ କ୍ଷତିଗ୍ରସ୍ତ ହୋଇଛି ଏବଂ ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଭୋରୋନେଜ୍ ଦେଇ ଯାଉଥିବା ସମସ୍ତ ରେଳ ନେଟୱାର୍କରେ ଯାତ୍ରୀବାହୀ ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ରୁଷ-ୟୁକ୍ରେନ ସୀମା ନିକଟରେ ଅବସ୍ଥିତ ଭୋରୋନେଜ୍ ଏକ ରଣନୈତିକ ଏବଂ ପରିବହନ କେନ୍ଦ୍ର, ଯେଉଁଠାରେ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ପକ୍ଷରୁ ଭିତ୍ତିଭୂମି ଏବଂ ଶିଳ୍ପ ଗୁଡ଼ିକୁ ଟାର୍ଗେଟ କରି ଅନେକ ଆକ୍ରମଣ କରାଯାଇଛି।'

ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ଆରପିଏମ୍‌ର ପ୍ରସ୍ତୁତି

ନୂଆଦିଲ୍ଲୀ : ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଆନୁଷ୍ଠାନିକ ସ୍ୱୀକୃତି ଦେବା ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିରେ ନଭେମ୍ବର ୨୬ରେ ପ୍ରତିବାଦ ପ୍ରଦର୍ଶନ ଆୟୋଜନ କରିବାକୁ ରାଷ୍ଟ୍ରୀୟ ପତ୍ରକାର ମହାସଂଘ (ଆରପିଏମ୍) ପ୍ରସ୍ତୁତି ଆରମ୍ଭ କରିଛି। ଏନେଇ ରବିବାର ଅନୁଷ୍ଠିତ ସଂଗଠନର ମାସିକ ବୈଠକରେ ଆଲୋଚନା ହୋଇଥିଲା।ନଭେମ୍ବର ୧୬ରେ ବିଭିନ୍ନ ରାଜ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ନୂଆଦିଲ୍ଲୀର ଯନ୍ତରମନ୍ତରରେ ପ୍ରଦର୍ଶନ ଉପରେ କଟକଣା ଥିବା ସୂଚନା ମିଳିବା ପରେ ଅନ୍ୟ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ସଦସ୍ୟମାନେ ସହମତ ହୋଇଛନ୍ତି। ସ୍ଥାନ ଚୟନ ଓ ଅନ୍ୟାନ୍ୟ ପ୍ରସ୍ତୁତି ଚୂଡ଼ାନ୍ତ କରିବାକୁ ଆସନ୍ତା ରବିବାର ପୁନର୍ବାର ବୈଠକ ବସିବ।

ମଧ୍ୟପ୍ରଦେଶରେ ୪ ସାଙ୍ଗ ଏକାଠି ଜଳିଗଲେ

ଭୋପାଳ: ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଏକ ଅଭାବନୀୟ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କର ଏକସଙ୍ଗେ ମୃତ୍ୟୁ ହୋଇଛି। ସମସ୍ତେ ଗାଡ଼ି ଭିତରେ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ସେମାନେ ଯାଉଥିବା ଗାଡ଼ିଟି ଏକ ଡିଭାଇଡର୍ରେ ପିଟି ହୋଇ ପୋଲ ତଳକୁ ଖସିପଡ଼ିବା ପରେ ନିଆଁ ଲାଗିଯିବାରୁ ଏହି ଦୁଃଖଦ ଘଟଣା ଘଟିଛି। ସଦଲପୁର ଓ ଖେରୋଡ଼ ମଧ୍ୟରେ ବଡ଼ନୱରର ଏକ ଢାବା ନିକଟରେ ଥିବା ଚାରିଥାକିଆ ରାଜପଥରେ ରବିବାର ରାତିରେ ଏହି ଦୁର୍ଘଟଣା ଘଟିଥିଲା। ୫ ଜଣ ସାଙ୍ଗ ସନୱରିୟା ସେଠ୍ ମନ୍ଦିରରୁ ଫେରୁଥିବାବେଳେ ସେମାନଙ୍କ ଗାଡ଼ି ଏକ ପୋଲ ଉପରେ ଡିଭାଇଡର୍ରେ ପିଟି ହୋଇଥିଲା। ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ ଗାଡ଼ିଟି ପୋଲ ଉପରୁ ତଳକୁ ଖସିପଡ଼ିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଗାଡ଼ିଟି ତଳକୁ ଖସିବା ସମୟରେ ଜଣେ ବ୍ୟକ୍ତି ଗାଡ଼ିରୁ ବାହାରକୁ ଛିଟିକି ପଡ଼ିଥିଲେ। କିନ୍ତୁ ନିଆଁ ଚାରିଆଡ଼କୁ ବ୍ୟାପିଯିବାରୁ ଅନ୍ୟମାନେ ଗାଡ଼ିରୁ ବାହାରି ପାରି ନ ଥିଲେ। ଖବର ପାଇ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକମାନେ ହେଲେ ଅଙ୍କୁଶ ଚୌଧୁରୀ (୨୦), ଚେତନ ଚୌଧୁରୀ (୨୦), ଆଦିତ୍ୟ ତିୱାରି (୧୯) ଓ ଅଭିଷେକ ସୋଲାଙ୍କି।

୧୦୦ କୋଟି ଲାଞ୍ଚ ମାମଲାରେ ପୂର୍ବତନ ଶିକ୍ଷା ମନ୍ତ୍ରୀ ଗିରଫ

ଚେନ୍ନାଇ : ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ଅନବିଲ ମହେଶ ଗିରଫ। ୧୦୦ କୋଟିର ଲାଞ୍ଚ କାରବାର ମାମଲାରେ ଆଜି ମହେଶଙ୍କୁ ଗିରଫ କରି ଚେନ୍ନାଇ ପୁଲିସର କେନ୍ଦ୍ରୀୟ କ୍ରାଇମବ୍ରାଞ୍ଚ ବା ସିସିବି।ବିଭିନ୍ନ ବେସରକାରୀ ସ୍କୁଲକୁ ଲାଇସେନ୍ସ ଓ ଅନ୍ୟ ସବୁ ପ୍ରକାରର ଅନୁମତି ଦେବାକୁ ମହେଶ ଶିକ୍ଷାମନ୍ତ୍ରୀ ଥିବା ବେଳେ ୧୦୦ କୋଟିର ଲାଞ୍ଚ ନେଇଥିଲେ। ଏବେ ଡିଏମକେ କ୍ଷମତାରୁ ଯିବା ପରେ ପୁଲିସ୍ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସରକାରୀ ଅନୁମୋଦନ ପାଇଁ ଘରୋଇ ସ୍କୁଲ ଗୁଡ଼ିକ ପ୍ରବଳ ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ସିସିବି ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ବେଳେ ୧୭୭ ଘରୋଇ ସ୍କୁଲ ସ୍କାନରକୁ ଆସିଥିଲେ। ଆଉ ଏହାପରେ ପୁଲିସ୍ ଆଜି ଲାଞ୍ଚ କାରବାର ମାମଲାରେ ମହେଶଙ୍କୁ ବାନ୍ଧିଛି। ମହେଶ ହେଉଛନ୍ତି ଡିଏମକେର ଜଣେ ବରିଷ୍ଠ ନେତା। ସେ ଦୁର୍ନୀତିରେ ସିଧାସଳଖ ଲିପ୍ତ ରହିବା ସହ ନିଜ ମନ୍ତ୍ରୀ ପଦବୁ ଦୁରୁପଯୋଗ କରିଥିବା ସିସିବି ଯାଞ୍ଚ ବେଳେ ଜାଣିବାକୁ ପାଇଥିଲା। ବିଭିନ୍ନ ସାକ୍ଷୀଙ୍କ ବୟାନ ଓ ଡିଜିଟାଲ ପ୍ରମାଣ ଆଧାରରେ ପ୍ରଥମେ ମହେଶଙ୍କୁ ପୂରା ଲାଞ୍ଚ କାରବାରର ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା।ତାଙ୍କ ବିରୋଧରେ ଦୁର୍ନୀତି ନିରୋଧ ଆଇନ ଅନୁସାରେ ମାମଲା ମଧ୍ୟ ହୋଇଥିଲା। ଏହାପରେ ଗିରଫଦାରୀ ହୋଇଥିବା ପୁଲିସ କହିଛି। ତେବେ ମହେଶ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଡିଏମକେ ପକ୍ଷରୁ ବର୍ତ୍ତମାନ ତାମିଲନାଡୁରେ କ୍ଷମତାରେ ଥିବା ବିଜୟଙ୍କ ଟିଭିକେକୁ ଦାୟୀ କରାଯାଇଛି। ମୁଖ୍ୟମନ୍ତ୍ରୀ ବିଜୟ ଓ ଟିଭିକେ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ସୁରକ୍ଷା ଏଜେନ୍ସିକୁ ବ୍ୟବହାର କରୁଥିବା ଦଳ କହିଛି।

ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରବେଶ କରିପାରିବ ନାହିଁ ୧୦ ଲକ୍ଷରୁ ଅଧିକ ଗାଡ଼ି

ନୂଆଦିଲ୍ଲୀ : ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ନଭେମ୍ବର ୧, ୨୦୨୬ ରୁ ଜାନୁଆରି ୩୧, ୨୦୨୭ ପର୍ଯ୍ୟନ୍ତ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ଥିବା ଯାନବାହନର ପ୍ରବେଶ ନିଷିଦ୍ଧ କରାଯାଇଛି। ପରିବହନ ବିଭାଗର ଆକଳନ ଅନୁଯାୟୀ, ଏହି ନିୟମ ଯୋଗୁ ଦିଲ୍ଲୀରେ ଉପରୋକ୍ତ ସମୟ ମଧ୍ୟରେ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ଥିବା ଏନସିଆର



ଅଞ୍ଚଳ ଗୁଡ଼ଗାଓଁ, ଫରିଦାବାଦ, ନୋଏଡା, ଗ୍ରେଟର ନୋଏଡା ଓ ଗାଜିଆବାଦରୁ ୧୦ ଲକ୍ଷରୁ ଅଧିକ ଯାନ ପ୍ରଭାବିତ ହୋଇପାରେ। ଗୁଡ଼ଗାଓଁ ଓ ଫରିଦାବାଦରେ ପ୍ରାୟ ୨ ଲକ୍ଷ ଯାନ ବିଏସ୍୬ ମାନଦଣ୍ଡ ପୂରଣ କରୁନାହିଁ, ଯେଉଁଥିରୁ ପ୍ରାୟ ୭୦ % ହେଉଛି ବିଏସ୍୩ ଓ ବିଏସ୍୪ ଯାନ। ପରିବହନ ବିଭାଗର ଏକ ଆକଳନ ଅନୁଯାୟୀ, ହରିୟାଣାର ଦୁଇଟି ଜିଲ୍ଲାରେ ପ୍ରାୟ ୫୦,୦୦୦ ବାଣିଜ୍ୟିକ ଯାନ ମଧ୍ୟ ବିଏସ୍୫ ମାନଦଣ୍ଡ ତଳେ ରହିଛି। ନୋଏଡା ଓ ଗ୍ରେଟର ନୋଏଡାରେ ୪ ଲକ୍ଷରୁ ଅଧିକ ଯାନବାହନ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ରହିଛି, ଯାହା ମଧ୍ୟରୁ ବିଏସ୍୪ ଯାନ ମୋଟର ଅଧାରୁ ଅଧିକ। ଏଗୁଡ଼ିକ ମୁଖ୍ୟତଃ ପେଟ୍ରୋଲ କାର। ଗାଜିଆବାଦରେ ପ୍ରାୟ ୪ ଲକ୍ଷ ଯାନବାହନ ଅଛି ଯାହା ବିଏସ୍୬ ମାନଦଣ୍ଡ ପୂରଣ କରୁନାହିଁ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏସବୁ ଯାନ ନଭେମ୍ବର ପହିଲାରୁ ଦିଲ୍ଲୀରେ ପ୍ରବେଶ କରିପାରିବେ ନାହିଁ।

ନ୍ୟୁଜିଲାଣ୍ଡ ବିପକ୍ଷ ଟି -୨୦ ସିରିଜର ତୃତୀୟ ମୁକାବିଲା ଆଜି

ଶୃଙ୍ଖଳା କବଜା ଲକ୍ଷ୍ୟରେ ଭାରତ

ୱେଲିଂଟନ୍, ୨୬।୧୦(ଏଜେନ୍ସି) : ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ତୃତୀୟ ମୁକାବିଲା ମଙ୍ଗଳବାର ସ୍ଥାନୀୟ ହେନରି ଷ୍ଟାଡିୟମରେ ଖେଳାଯିବ। ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯାଇଥିବା ପ୍ରଥମ ଦୁଇ ମ୍ୟାଚକୁ ଭ୍ରମଣକାରୀ ଭାରତ ଜିତି ଶୃଙ୍ଖଳାରେ ୨-୦ରେ ଆଗରେ ରହିଛି। ଏବେ ଶ୍ରେୟସ ଆୟରଙ୍କ ଦଳ ମଙ୍ଗଳବାର ମ୍ୟାଚ୍ ଜିତି ଆଗୁଆ ଶୃଙ୍ଖଳା କବଜା କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚରେ ୨୨୬ ରନର ଲକ୍ଷ୍ୟକୁ ହାସଲ କରି ଭାରତ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ପଶ୍ଚାତଧାବନରେ ବଡ଼ ବିଜୟ ପାଇଥିଲା। ଦ୍ୱିତୀୟରେ ପରାଜୟର ଦ୍ୱାରରେ ଥିଲେ ମଧ୍ୟ ତିଳକ ବର୍ମା ଓ ନୀତୀଶ କୁମାର ରେଡ୍ଡୀ ଚମତ୍କାର ଖେଳି ଭ୍ରମଣକାରୀ ଦଳକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲେ। ଦୁଇ ମ୍ୟାଚରେ କଡ଼ା ଟକ୍କର ଦେଇ ପରାଜୟ ବରଣ କରିଥିବା ଘରୋଇ ଦଳ ଶୃଙ୍ଖଳା ବଞ୍ଚାଇ ରଖିବାକୁ ଚେଷ୍ଟା କରିବ। ପ୍ରଥମ ଦୁଇ ଟ୍ୱେଣ୍ଟି-୨୦ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯାଇଥିଲା ବେଳେ ଏହି ମ୍ୟାଚ



ନୂଆ ପରିବେଶ ୱେଲିଟନରେ ଖେଳାଯିବ। ହେନରି ଷ୍ଟାଡିୟମରେ ଅଧିକ ପବନ ବହିବାର ସମ୍ଭାବନା ଥିଲା ବେଳେ ଏହାର ସ୍କୋୟାର ବାଉଣ୍ଡରି ଛୋଟ (ପ୍ରାୟ ୬୦ ମିଟର)। ତେଣୁ ସଂପ୍ରତି ଶୃଙ୍ଖଳାରେ ଆଗରେ ଥିବା ଭାରତକୁ ଏଠାରେ ନୂଆ ରଣନୀତି ଆପଣେଇବାକୁ ପଡ଼ିବ। ଈଶାନ କିଶନ ସୁସ୍ଥ ହୋଇ ନଥିବାରୁ ତୃତୀୟ ଟ୍ୱେଣ୍ଟି-୨୦ରେ ଖେଳିବେନି ବୋଲି ବିସିସିଆଇ ସୂଚନା ଦେଇଛି। ତେଣୁ ତାଙ୍କ ସ୍ଥାନରେ ପୁଣି ଥରେ ୧୫ ବର୍ଷୀୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିବ। ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ସେ ତୃତୀୟ ସ୍ଥାନରେ ବିଫଳ ହୋଇଥିବାରୁ ଏହି ମ୍ୟାଚରେ ଅଭିଷେକ ଶର୍ମାଙ୍କ ସହ ଓପନ୍ କରିପାରନ୍ତି। ଏଠାରେ ନିଜର ପରାକ୍ରମ ଦେଖାଇ ଚୟନକର୍ତ୍ତାଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରିବେ। ତୃତୀୟ ସ୍ଥାନରେ ସଞ୍ଜୁ ସାମସନ୍ ଖେଳିବେ ବୋଲି ସୂଚନା ମିଳିଛି। ବ୍ୟାଟିଂ କ୍ରମ ଅଦଳବଦଳ ଛଡ଼ା ଚୂଡ଼ାନ୍ତ ଏକାଦଶରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ହେନରି ଓ ଫର୍ଗୁସନ୍ ବିନା ନ୍ୟୁଜିଲାଣ୍ଡ ଅନ୍ୟପକ୍ଷରେ ମ୍ୟାଟ୍ ହେନରି ଓ ଲୋକି ଫର୍ଗୁସନଙ୍କୁ ରିଲିଜ୍ କରିଥିବାରୁ ନ୍ୟୁଜିଲାଣ୍ଡ ସେମାନଙ୍କ ବିନା ପଡ଼ିଆକୁ ଓହ୍ଲାଇବ। ତେବେ ଦଳରେ ଆଦାମ ମିନଲେ ଓ ବ୍ଲେୟର ଟିକ୍ନର ସ୍ଥାନ ପାଇଛନ୍ତି। ଗତ ଦୁଇ ମ୍ୟାଚରେ ନ୍ୟୁଜିଲାଣ୍ଡର ଦୁଇ ସ୍ପିନର ମିଚେଲ ସାଣ୍ଟନର ଓ ମାଇକେଲ ବ୍ରେସବେଲ ମିଳିତ ଭାବେ ୧୬ ଓଭର ବୋଲିଂ କରି ୧୩୨ ରନରେ ୮ ୱିକେଟ୍ ନେଇଛନ୍ତି। ତେବେ ଭାରତ ଖେଳାଇଥିବା ଏକମାତ୍ର ଅଭିଜ୍ଞ ସ୍ପିନର ଅକ୍ଷର ପଟେଲ ୧୦ରୁ ଅଧିକ ଇକୋନୋମିରେ ରନ୍ ବ୍ୟୟ କରିଛନ୍ତି। ଅନ୍ୟପକ୍ଷରେ ଶୃଙ୍ଖଳା ବଞ୍ଚାଇ ରଖିବାକୁ ହେଲେ ନ୍ୟୁଜିଲାଣ୍ଡ ପାଇଁ ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ୧୦ ମ୍ୟାଚରୁ ୯ଟି ଭାରତ ଜିତିଥିବାରୁ ୱେଲିଂଟନରେ ପଲା ଭାରି ରହିବାର ସମ୍ଭାବନା ରହିଛି।

ଭାରତ (ସମ୍ଭାବ୍ୟ ଏକାଦଶ): ଅଭିଷେକ ଶର୍ମା, ସଞ୍ଜୁ ସାମସନ୍ (ୱିକେଟରକ୍ଷକ), ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ନମନ ଧୀର, ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଫିନ୍ ଆଲେନ, ଟିମ୍ ସେଫର୍ଟ (ୱିକେଟକିପର), ଡେଭନ ଜାକବ୍ସ/ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ ମିଚେଲ, ମାଇକେଲ ବ୍ରେସ୍ୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ୍, କାଇଲ ଜାମିସନ, ଆଦମ ମିଲ୍ନେ, ଜାକବ ଡଫି।

ପ୍ରସାରଣ : ସୋନି ସ୍ପୋର୍ଟ୍ସ
ସମୟ : ଅପରାହ୍ଣ ୧୨.୩୦

ଅଣ୍ଡର ୧୫ ଫିଫା ବିଶ୍ୱକପ୍

ଗ୍ରେନାଡା ସହ ପଏଣ୍ଟ ବାଣ୍ଟିଲା ଭାରତ

ବକୁ, ୨୬।୧୦ : ପ୍ରଥମ ଥର ଆୟୋଜିତ ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପରେ ଭାରତର ଅପରାଜେୟ ଧାରା ଜାରି ରହିଛି। ଲାଓସ୍ ଓ କାମେରୁନଙ୍କୁ ହରାଇଥିବା ଏହି ଦଳ ନିଜର ତୃତୀୟ ମ୍ୟାଚରେ ଗ୍ରେନାଡା ସହ ପଏଣ୍ଟ ବାଣ୍ଟିଛି। ବକୁରେ ଖେଳାଯାଇଥିବା ଏହି ମ୍ୟାଚ୍ ୩-୩ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏଥିସହ ଭାରତ ଗ୍ରୁପ୍-କେରେ ୩ ମ୍ୟାଚରୁ ୨ ବିଜୟ ଓ ୧ ଅମୀମାଂସିତରୁ ୭ ପଏଣ୍ଟ ପାଇ ଟେବୁଲ ଶୀର୍ଷ ସ୍ଥାନ ବଜାୟ ରଖିଛି। ମ୍ୟାଚରେ ତୃତୀୟ ମିନିଟରେ ମ୍ୟାକଡୋନିସ୍ ଏନଗାଇରାଙ୍ଗବାଙ୍କ ଗୋଲରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ସି ଲାଲାମିନଙ୍ଗରୋପୁଇଆ (୨୨ ମିନିଟ୍) ଓ ହେଇବାମ ରୋନାଣ୍ଡେବ (୨୯ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ଭାରତକୁ ୩-୦ରେ ଆଗରେ ରଖିଥିଲେ। ହେଲେ ଏହାପରେ ଗ୍ରେନାଡା ସଫଳ ପ୍ରତ୍ୟାବର୍ତ୍ତନ କରି ୩ ଗୋଲ୍ ଶୁଝି ଏହି ପ୍ରତିଯୋଗିତାରେ ପ୍ରଥମ ପଏଣ୍ଟ ନିଶ୍ଚିତ କରିଥିଲା। ଦଳ ପକ୍ଷରୁ ଜୟୱାର୍ନି ନୋଏଲ (୩୧ ମିନିଟ୍), କାଇ ୱିଲସନ୍ (୩୩ ମିନିଟ୍) ଓ ଅମନ ୟୁସି (୩୭ ମିନିଟ୍) ଏହି ୩ ଗୋଲ୍ ଦେଇ ଭାରତର ବିଜୟ ଅଶାରେ ପାଣି ଭରି ଦେଇଥିଲେ।



ଆଇଡବ୍ଲ୍ୟୁଏଲ୍-୨ : ଇମ୍ପାଲ କ୍ଲବଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୬।୧୦(ସବ୍ୟୁ) : ଚଳିତ ଆଇଡବ୍ଲ୍ୟୁଏଲ୍ ୨ ଫୁଟବଲ୍ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ସ୍ଥାନୀୟ କ୍ୟାପିଟାଲ ଏରିନାରେ ଖେଳାଯାଇଥିବା ଗ୍ରୁପ୍-ବି' ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨-୩ ଗୋଲରେ ଇମ୍ଫାଲର ୟୁଥ୍ ୱେଲଫେୟାର କ୍ଲବଠୁ ହାରିଯାଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ୨୫ତମ ମିନିଟରେ ମନୀଷା ନାୟକଙ୍କ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶା ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧରେ ୧-୦ରେ ଶେଷ ହେବା ପରେ ୫୬ତମ ମିନିଟରେ ୟୁଥ୍ ୱେଲଫେୟାର କ୍ଲବର ଫାଙ୍ଗୌବାମ



ଅବେମା ଦେବୀ ଗୋଲଟି ଶୁଝି ସ୍ଥିତି ବରାବର କରିଥିଲେ। ୭୨ତମ ମିନିଟରେ ସତ୍ୟବତୀ ଖଡ଼ିଆଙ୍କ ଗୋଲରେ ଓଡ଼ିଶା ପୁଣି ଆଗୁଆ ହୋଇଥିଲେ। ହେଲେ ଏହାପରେ ରୋଜି ଥାଙ୍ଗା (୭୪ ମିନିଟ୍) ଓ ହେରିନା ବାସୁମତାରି (୮୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରି ୟୁଥ୍ ୱେଲଫେୟାରକୁ ବିଜୟ ଦେଇଥିଲେ।

ପ୍ରୀତି ଜିଣ୍ଟାଙ୍କ ଦଳରେ ଖେଳିବେ ହାର୍ଦ୍ଦିକ ପାଣ୍ଡ୍ୟା !

ମୁମ୍ବାଇ, ୨୬।୧୦(ଏଜେନ୍ସି) : ଆଇପିଏଲ୍ ୨୦୨୭ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଶିବିରରୁ ଆସିଛି ବଡ଼ ଖବର। ଦଳର ଅଧିନାୟକତ୍ୱ ଓ ଖେଳାଳି ଟ୍ରେଡ୍‌କୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ଭାରତର ପୂର୍ବତନ ଷ୍ଟାର୍ ସ୍ପିନର ଆର୍. ଅଶ୍ୱିନଙ୍କ ଏକ ବୟାନ ପରେ କ୍ରିକେଟ୍ ଜଗତରେ ଏହି ଆଲୋଚନା ଜୋର୍ ଧରିଛି। ଅଶ୍ୱିନଙ୍କ ଦାବି ଅନୁଯାୟୀ, ଆସନ୍ତା ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ଜର୍ସିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେଖିବା ହୁଏତ ସମ୍ଭବ ନ ହୋଇପାରେ। ଅଶ୍ୱିନ ନିଜ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି ସମ୍ଭାବନା ବିଷୟରେ ଆଲୋଚନା କରିଛନ୍ତି। ତାଙ୍କ ମତରେ, ହାର୍ଦ୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସରୁ ଟ୍ରେଡ୍ କରାଯାଇପାରେ। ଏପରିକି ପଞ୍ଜାବ କିଙ୍ଗ୍ସ ସହ ତାଙ୍କର ଟ୍ରେଡ୍ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ତେବେ ଏହା କେବଳ ଏକ ସମ୍ଭାବନା ଏବଂ ଏନେଇ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ଘୋଷଣା ହୋଇନାହିଁ।



ଅଶ୍ୱିନଙ୍କ ଅନୁସାରେ, ଏହି ଟ୍ରେଡ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପଞ୍ଜାବ କିଙ୍ଗ୍ସର ଜଣେ ଭଲ ଭାରତୀୟ ବାମହାତୀ ଦ୍ରୁତ ବୋଲରଙ୍କୁ ନିଜ ଦଳରେ ସାମିଲ କରିବାକୁ ଚାହିଁପାରେ। ଏହା ସହିତ ଜଣେ ଦକ୍ଷ ଲେଗ୍ ସ୍ପିନରଙ୍କ ଉପରେ ମଧ୍ୟ ଦଳର ନଜର ରହିପାରେ। ଯଦି ଏହି ଆକଳନ ସତ ହୁଏ, ତେବେ ଆଗାମୀ ସିଜନ୍‌ରେ ହାର୍ଦ୍ଦିକ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳୁଥିବା ଦେଖିବାକୁ ମିଳିପାରେ। ଅନ୍ୟପଟେ, ମୁମ୍ବାଇ ଇଣ୍ଡିଆନ୍ସର ଅନ୍ୟତମ ଷ୍ଟାର୍ ଖେଳାଳି ରୋହିତ ଶର୍ମାଙ୍କ ଆଇପିଏଲ୍ ଭବିଷ୍ୟତକୁ ନେଇ ମଧ୍ୟ ଅଶ୍ୱିନ ନିଜ ମତ ରଖିଛନ୍ତି। ରୋହିତ ଆଉ ଗୋଟିଏ ସିଜନ୍ ଖେଳିବେ କି ତାଠାରୁ ଅଧିକ ସମୟ ଆଇପିଏଲ୍‌ରେ ରହିବେ, ତାହା ଏବେଠାରୁ କହିବା କଷ୍ଟକର ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଅଶ୍ୱିନ ମହେନ୍ଦ୍ର ସିଂ ଧୋନିଙ୍କ ଉଦାହରଣ ଦେଇଛନ୍ତି। ଧୋନିଙ୍କ ଅବସରକୁ ନେଇ ପ୍ରତିବର୍ଷ ଚର୍ଚ୍ଚା ହେଉଥିଲେ ମଧ୍ୟ ସେ ଲଗାତାର ଖେଳି ଆସୁଛନ୍ତି।

ରଣଜୀ କ୍ରିକେଟ ଦଳରେ ବଲାଙ୍ଗୀରର ଯୁବ କ୍ରିକେଟ ଖେଳାଳି ଓମକାର ମହାନ୍ତି

ବଲାଙ୍ଗୀର,(ସବ୍ୟୁ) : ବଲାଙ୍ଗୀରର ଯୁବ କ୍ରିକେଟ ଖେଳାଳି ଓମକାର ମହାନ୍ତି ରଣଜୀ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି । ଏହା ବଲାଙ୍ଗୀର ଜିଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇଛି । ଭୁବନେଶ୍ୱର କିଟ ପଡିଆ ଠାରେ ଆରମ୍ଭ ହୋଇଥିବା ଓଡ଼ିଶା ସର୍ଭିସେସ ରଣଜୀ ମ୍ୟାଚରେ ବଲାଙ୍ଗୀରର ଉଦୟମାନ ଯୁବ କ୍ରିକେଟର ଓମକାର ମହାନ୍ତି ସ୍ଥାନ ପାଇଥିବାରୁ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଓ ବଲାଙ୍ଗୀରବାସୀ ଶୁଭେଚ୍ଛା ଜଣାଇଛନ୍ତି । ବଲାଙ୍ଗୀର ପେଲେସ ଲାଇନର କୌଶିକ ମହାନ୍ତି ଓ ନିବେଦିତା ମହାନ୍ତିଙ୍କ ପୁଅ ହେଉଛନ୍ତି ଓମକାର । ଯୁବ କ୍ରିକେଟର୍ ଓମକାରଙ୍କ ଏହି ଅସାଧାରଣ ସଫଳତାକୁ ନେଇ ବଲାଙ୍ଗୀର କ୍ରୀଡ଼ା ସଂସଦ ଏବଂ ଜିଲାର କ୍ରିକେଟପ୍ରେମୀଙ୍କ ମହଲରେ ବେଶ ଖୁସିର ଲହରୀ ଖେଳିଯାଇଛି । ଜଣେ ଯୁବ ଖେଳାଳି ଭାବେ ରାଜ୍ୟସ୍ତରୀୟ ଦଳରେ ସ୍ଥାନ ପାଇବା ବଲାଙ୍ଗୀରର କ୍ରିକେଟ ଜଗତ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ ଖବର ଅଟେ । ଓମକାର ଆଗାମୀ ମ୍ୟାଚଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶା ତଥା ବଲାଙ୍ଗୀରର ନାମକୁ ଜାତୀୟ ସ୍ତରରେ ଉଜ୍ଜ୍ୱଳ କରନ୍ତୁ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି ।ଅନ୍ୟପଟେ ଆଜି ଠାରୁ ଭୁବନେଶ୍ୱର କିଟ ପଡିଆରେ ଆରମ୍ଭ ହୋଇଥିବା ଓଡିଶା ସର୍ଭିସେସ ରଣଜୀ ମ୍ୟାଚରେ ବଲାଙ୍ଗୀରର ଉଦୟମାନ ଯୁବ କ୍ରିକେଟର ଓମକାର ମହାନ୍ତି ସ୍ଥାନ ପାଇଥିବା ଖବର ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ।ଓମକାରଙ୍କୁ ବଲାଙ୍ଗୀରବାସୀଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂହଦେଓ ଏବଂ ପୌରାଧକ୍ଷା ଲିକା ସାହୁ ।

୨୦୨୭ ଆଇପିଏଲ ପାଇଁ ସିଏସକେର ଜୋରଦାର ପ୍ରସ୍ତୁତି

ନୂଆଦିଲ୍ଲୀ, ୨୬।୧୦(ଏଜେନ୍ସି) : ଆଇପିଏଲ୍ ୨୦୨୭ ଆରମ୍ଭ ପୂର୍ବରୁ ନିଜ କୋଚିଂ ଷ୍ଟାଫ୍‌କୁ ଆହୁରି ମଜବୁତ କରିବାକୁ ବଡ଼ ପଦକ୍ଷେପ ନେଇଛି ପାଞ୍ଚ ଥରର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗ୍ସ। ଇଂଲଣ୍ଡର ପୂର୍ବତନ କ୍ରିକେଟର ତଥା ସଫଳ କୋଚ୍ ଗାରେଥ୍ ବ୍ୟାଟିଙ୍କୁ ଦଳର ନୂଆ ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ସେ ମୁଖ୍ୟ କୋଚ୍ ଜହିର ଖାନଙ୍କ ସହ ମିଶି ଦଳର ଦାୟିତ୍ୱ ସମ୍ଭାଳିବେ। ଆଗାମୀ ସିଜନ୍‌ରେ ପୁଣି ଥରେ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି ଚେନ୍ନାଇ। ଗାରେଥ୍ ବ୍ୟାଟି ଇଂଲଣ୍ଡ କ୍ରିକେଟ୍‌ର ଜଣେ ପରିଚିତ ନାମ। ୧୩ ଅକ୍ଟୋବର ୧୯୭୭ରେ ୟର୍କଶାୟାରର ବ୍ରାଡଫୋର୍ଡରେ ଜନ୍ମଗ୍ରହଣ କରିଥିବା ବ୍ୟାଟି ଜଣେ ରାଇଟ୍ ଆର୍ମ ଅଫ୍ ସ୍ପିନର ଥିଲେ। ସେ ଇଂଲଣ୍ଡ ପାଇଁ ଟେଷ୍ଟ, ଦିନିକିଆ ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଛନ୍ତି। ତେବେ ଘରୋଇ କ୍ରିକେଟ୍‌ରେ ତାଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ରହିଥିଲା। ୨୪ ବର୍ଷର ଖେଳାଳି ଜୀବନରେ ସେ ୭୦୦ରୁ ଅଧିକ ପେସାଦାର ମ୍ୟାଚ୍ ଖେଳିବା ସହ ସମସ୍ତ ଫର୍ମାଟ୍‌ରେ ୧୦୦୦ରୁ ଅଧିକ ୱିକେଟ୍ ନେଇଥିଲେ। ଏହା ସହ ନିମ୍ନକ୍ରମରେ ବ୍ୟାଟିଂ କରି ୧୦ ହଜାରରୁ ଅଧିକ ରନ୍ ମଧ୍ୟ କରିଥିଲେ। ସରେ କାଉଣ୍ଟି କ୍ଲବ୍ ପାଇଁ ସେ ୫୦୦ରୁ ଅଧିକ ୱିକେଟ୍ ନେଇଥିଲେ। ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ସେ ସରେ ଦଳର ଅଧିନାୟକ ଥିଲେ। ୨୦୨୧ରେ କ୍ରିକେଟ୍‌ରୁ ଅବସର ନେବା ପରେ ୨୦୨୨ରେ ବ୍ୟାଟିଙ୍କୁ ସରେ ଦଳର ମୁଖ୍ୟ କୋଚ୍ କରାଯାଇଥିଲା।

ବେଙ୍ଗାଲୁରୁରୁ ପର୍ତ୍ତୁଗାଲ୍ ରିନଶାଙ୍କ ନୂଆ ଅଧ୍ୟାୟ

ନୂଆଦିଲ୍ଲୀ, ୨୬।୧୦(ଏଜେନ୍ସି) : ଭାରତୀୟ ମହିଳା ଫୁଟବଲରେ ନିଜ ପ୍ରତିଭାର ପରିଚୟ ଦେଇ ଏବେ ୟୁରୋପରେ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି ଯୁବା ଫୁଟବଲର ରିନଶା ମରିୟମ୍। ବେଙ୍ଗାଲୁରୁରେ ଫୁଟ୍‌ବଲ୍ ଖେଳିଥିବା ଏହି ୧୮ ବର୍ଷୀୟା କେରଳୀ ଯୁବତୀ ଏବେ ପର୍ତ୍ତୁଗାଲର କ୍ଲବ୍ ଡି ଆଲବର୍ଗାରିଆର ୧୯ ବର୍ଷରୁ କମ୍ ମହିଳା ଦଳରେ ସ୍ଥାନ ପାଇଛନ୍ତି। ୨୦୨୩-୨୪ ଋତୁରେ ବେଙ୍ଗାଲୁରୁ ଏଫସି ପକ୍ଷରୁ ସେ ସୁପର ଡିଭିଜନ୍‌ରେ ଖେଳିଥିଲେ। ଏହାପରେ ତାଙ୍କ ଫୁଟବଲ୍ ଯାତ୍ରା ନୂଆ ମୋଡ଼ ନେଇଥିଲା। ଗତ ମାସରେ ଏହି ପର୍ତ୍ତୁଗିଜ୍ କ୍ଲବ୍ର ଚଳତ ଋତୁର ପ୍ରଥମ ମ୍ୟାଚ୍ (ରିଓ ଟିଣ୍ଟୋ ବିପକ୍ଷ)ରେ ରିନଶା ପଦାର୍ପଣ ସୁଯୋଗ ପାଇଥିଲେ। ଶନିବାର ସେ ଲିସବନରେ ବେନଫିକା ବିପକ୍ଷ ୧୯ ବର୍ଷରୁ କମ୍ ଲିଗା ବେନିଫାକାର ରାଉଣ୍ଡ ୪ ମ୍ୟାଚ୍



ଖେଳିଛନ୍ତି। ଗତ ଅଢ଼େଇ ବର୍ଷ ହେଲା ପର୍ତ୍ତୁଗାଲରେ ରେନଶା ପାଠ ପଢ଼ିବା ସହ ଫୁଟବଲ ଖେଳୁଛନ୍ତି ବୋଲି ରିନଶା ବାପା ରସିଦ ଏମ୍ପି କହିଛନ୍ତି।

ଲନବଲ୍ : ସେମିରେ ଶୁଭ୍ରାଂଶୁ, ରାଜେଶ୍ୱରୀ

ଭୁବନେଶ୍ୱର, ୨୬।୧୦(ସବ୍ୟୁ) : ବଲାଙ୍ଗୀରର ଆର୍.ଏନ୍.ସିଂହଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସ୍ଥିତ 'ବୋଲିଂ ଗ୍ରୀନ୍' କୋର୍ଟରେ ଚାଲିଥିବା ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଷଷ୍ଠ ଜାତୀୟ ୨୫ ବର୍ଷରୁ କମ୍ ଲନବଲ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରହିଛି। ୨୫ବର୍ଷରୁ କମ୍ ବାଳକ ଓ ବାଳିକାରେ ଓଡ଼ିଶାର ରାଜେଶ୍ୱରୀ ସେଠ ଓ ଶୁଭ୍ରାଂଶୁ ଡାଙ୍ଗ ସେମିଫାଇନାଲରେ ପ୍ରବେଶ କରି ବିଜେତା ହେବା ଦିଗରେ ଆଉ ଏକ ସଫଳ ପାଦ ବଢ଼ାଇଛନ୍ତି। ଯାହା ଓଡ଼ିଶାରେ ଲନବଲର ଉଜ୍ଜ୍ୱଳ ଭବିଷ୍ୟତର ବଳିଷ୍ଠ ପ୍ରତୀକ ଭାବେ ଉଭା ହୋଇଛି। ରବିବାର ୨୫ ବର୍ଷରୁ କମ୍ ବର୍ଗ ବାଳକ ଏକକର କ୍ୱାର୍ଟରରେ ଶୁଭ୍ରାଂଶୁ ନିଜ ଦିଲ୍ଲୀ ପ୍ରତିପକ୍ଷଙ୍କୁ ୨୧-୧୧ରେ ଏକତରଫା ଭାବେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ। ଶନିବାର ସେ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍ ଟିକେଟ ହାସଲ କରିଥିଲେ। ସେହିଭଳି ୨୫ବର୍ଷରୁ କମ୍ ବାଳିକା ଏକକରେ ରାଜେଶ୍ୱରୀ ନିଜ ମେଘାଳୟ ପ୍ରତିପକ୍ଷଙ୍କୁ ଅତି ସହଜରେ ପରାସ୍ତ କରିଥିଲେ। ଏହି ମ୍ୟାଚକୁ ୨୧-୪ରେ ଜିତି ସେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିବାର ଗୌରବ ହାସଲ କରିଥିଲେ। ଆଜି ଖେଳାଯାଇଥିବା ଏହି ବାଳକ ବର୍ଗର ଅନ୍ୟ ମ୍ୟାଚଗୁଡ଼ିକରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡ ବିଜୟୀ ହୋଇ ସେମିଫାଇନାଲ୍ ଟିକେଟ ହାସଲ କରିଥିଲେ। ସେହିଭଳି ୨୫ବର୍ଷରୁ କମ୍ ବାଳିକାର ଅନ୍ୟ ମ୍ୟାଚଗୁଡ଼ିକରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ବିଜୟର ମିଠା ସ୍ୱାଦ ଚାଖି ଆଗକୁ ବଢ଼ିଥିଲେ। ସୋମବାର ପ୍ରତିଯୋଗିତାର ଶେଷ ଦିନରେ ସେମିଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଖେଳାଯିବା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଓଡ଼ିଶା ରାଜ୍ୟ ଲନବଲ୍ ସଂଘର ସାଧାରଣ ସଂପାଦକ ସୁମିତ ରଞ୍ଜନ ପୁରୋହିତ ଜଣାଇଛନ୍ତି। ୨୫ବର୍ଷରୁ କମ୍ ସହ ୧୮ ବର୍ଷରୁ କମରେ ମଧ୍ୟ ଘରୋଇ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିବା ରାଜ୍ୟ ଲନବଲ୍ ପାଇଁ ଆଉ ଏକ ଖୁସି ଖବର ହୋଇଛି।

ଖେଲୋ ଇଣ୍ଡିଆ ଟ୍ରାଏଲ ଲାଗି ଦୁଇ ଛାତ୍ରୀ ମନୋନୀତ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମକପୁର ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀ ଜାତୀୟ




ସ୍ତରରେ ନିଜର ପ୍ରତିଭା ଦେଖାଇବାକୁ ସୁଯୋଗ ପାଇଛନ୍ତି। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପୂଜାରାଣୀ ମୁଣ୍ଡା ଓ ବର୍ଷା ପାଲିଆ। ଆସନ୍ତା ୨୮ ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ୮ମ ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ଟ୍ରାଏଲ ପାଇଁ ମନୋନୀତ ହୋଇଛନ୍ତି। ଦୁଇ ଛାତ୍ରୀଙ୍କ ଏହି ସଫଳତାରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଶିକ୍ଷୟିତ୍ରୀ, କ୍ରୀଡା ଶିକ୍ଷକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଉଭୟ ଛାତ୍ରୀ ଜିଲ୍ଲା ଓ ରାଜ୍ୟ ସ୍ତରରେ ଭଲ ପ୍ରଦର୍ଶନ କରି ଏହି ସୁଯୋଗ ପାଇଥିବା ଜଣାପଡିଛି। ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦ୍ୟାଳୟ ପରିବାର ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

ପ୍ରଥମ 'ଏ' ଟେଷ୍ଟ: ଭାରତର ଚମତ୍କାର ପ୍ରତ୍ୟାବର୍ତ୍ତନ

ଲିନକନ୍, ୨୬।୧୦(ଏଜେନ୍ସି) : ସ୍ଥାନୀୟ ବର୍ଟ ସୁଟିକଲ୍ଫ ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଅନୌପଚାରିକ ଟେଷ୍ଟର ଦ୍ୱିତୀୟ ପାଳିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଭାରତ ୨୮୪ ରନରେ ଆଗୁଆ ହୋଇଯାଇଛି। ପ୍ରଥମ ପାଳିରେ ମାତ୍ର ୧୧୩ ରନରେ ଅଲ୍‌ଆଉଟ୍ ହୋଇଥିବା ଭାରତ ଦ୍ୱିତୀୟ ପାଳିରେ ତୃତୀୟ ଦିନର ଷ୍ଟମ୍ପସ ବେଳକୁ ୪୮୮/୮ କରି ବ୍ୟାଟିଂ ଜାରି ରଖିଛି। ୱାଶିଂଟନ୍ ସୁନ୍ଦର (୫୧) ଓ ଆକାଶ ଦୀପ (୦) ଅପରାଜିତ ଅଛନ୍ତି। ସୋମବାର ୧୦୬/୨ରୁ ଖେଳ ଆରମ୍ଭ କରିଥିବା ଭ୍ରମଣକାରୀ ଭାରତ ଏଥିରେ ୩୮୨ ରନ୍ ଯୋଡ଼ି ଆଉ ୬ ୱିକେଟ୍ ହରାଇଛି। ଗତକାଲିର ଦୁଇ ଅପରାଜିତ ବ୍ୟାଟର୍ ଦେବଦତ୍ତ ପଡ଼ିକଲ (୧୯୯) ମାତ୍ର ୧ ରନ୍ ପାଇଁ



ଦ୍ୱିଶତକରୁ ଏବଂ ସାଇ ସୁଦର୍ଶନ (୯୧) ୯ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ୨୧୫ ରନର ଭାଗୀଦାର ଗଢ଼ି ଦଳର ସ୍ଥିତି ଦୃଢ଼ କରିଥିଲେ। ଅଧିନାୟକ ଧ୍ରୁବ ଜୁରେଲ (୨) ବିଫଳ ହୋଇଥିଲେ। ହେଲେ ନିମ୍ନ କ୍ରମରେ ଯଶ୍ ରାଠୋଡ଼ (୬୬), ଆକ୍ୱିବ ନବି (୩୮) ଓ ଅଂଶୁଲ କମ୍ବୋଜ (୨୩) ଭଲ କରିବାରୁ ଭାରତ ୩୦୦ ରନ୍ ଆଗରେ ରହିବାର ଆଶା ସଞ୍ଚାର କରିଛି। ଘରୋଇ ଦଳ ପ୍ରଥମ ପାଳିରେ ୩୧୭ ରନ୍ କରି ୨୦୪ ରନର ଅଗ୍ରଣୀ ନେଇଥିଲା। ସଂକ୍ଷିପ୍ତ ସ୍କୋର୍ : ଭାରତ 'ଏ' ପ୍ରଥମ ପାଳି ୧୧୩। ନ୍ୟୁଜିଲାଣ୍ଡ 'ଏ' ପ୍ରଥମ ପଳି ୩୧୭। ଭାରତ 'ଏ' ଦ୍ୱିତୀୟ ପାଳି ୧୧୮ ଓଭରରେ ୪୮୮/୮ (ଦେବଦତ୍ତ ପଡ଼ିକଲ ୧୯୯, ସାଇ ସୁଦର୍ଶନ ୯୧, ଯଶ୍ ରାଠୋଡ଼ ୬୬, ୱାଶିଂଟନ୍ ସୁନ୍ଦର ୫୧, ଜ୍ୟାକ୍ ଗିବସନ୍ ୨/୫୮, କ୍ରିଷ୍ଟିଆନ୍ କ୍ଲାର୍କ ୨/୯୯)।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି